ଆଜି - ଶୁକ୍ରବାର
ତାରିଖ - ୦୯ ଅକ୍ଟୋବର ୨୦୨୬
ମାସ - କନ୍ୟା, ଦିନ - ୨୩
ତିଥି - ଚତୁର୍ଦ୍ଦଶୀ, ପକ୍ଷ- କୃଷ୍ଣ
ନକ୍ଷତ୍ର - ଉ. ଫାଲ୍‌ଗୁନୀ, କନ୍ୟା ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୪୩: ୦୦
ସୂର୍ଯ୍ୟାସ୍ତ - ୫ : ୨୫ : ୦୦

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition — AJIKALI — ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

40th Foundation Day
୪୦ତମ ପ୍ରତିଷ୍ଠା ଦିବସ

E-mail: ajikalibls@gmail.com
E-News : www.Ajikali epaper.com

Vol.- 41 ISSUE- 177 R.N.I. REGD. No. 44026/86 ବାଲେଶ୍ୱର ୦୯ ଅକ୍ଟୋବର ୨୦୨୬ ଶୁକ୍ରବାର BALASORE 09 OCTOBER 2026 FRIDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ - ଟ.୨.୦୦


## ଇଣ୍ଡିଆ ମୋବାଇଲ୍ କଂଗ୍ରେସର ଦଶମ ସଂସ୍କରଣକୁ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀର ଯଶୋଭୂମିରେ ଇଣ୍ଡିଆ ମୋବାଇଲ୍ କଂଗ୍ରେସର ୧୦ମ ସଂସ୍କରଣକୁ ଉଦଘାଟନ କରିଛନ୍ତି । ଏକ ଗଭୀର ଗୁରୁତ୍ୱପୂର୍ଣ୍ଣ ଜାତୀୟ ମାଇଲଖୁଂଟକୁ ସ୍ମରଣ କରି, ପ୍ରଧାନମନ୍ତ୍ରୀ ୮ ଅକ୍ଟୋବରକୁ ବାୟୁସେନା ଦିବସ ଭାବରେ ସମ୍ମାନିତ କରିଛନ୍ତି, ଦେଶର ସାହସୀ ବାୟୁସେନା ରକ୍ଷାକାରୀଙ୍କ ପ୍ରତି ତାଙ୍କର ପ୍ରାରମ୍ଭିକ ଚିନ୍ତାଧାରା ଉତ୍ସର୍ଗ କରିଛନ୍ତି । ସେ ଗର୍ବର ସହିତ ଆକାଶକୁ ସୁରକ୍ଷା ଦେଉଥିବା ସାହସୀ କର୍ମଚାରୀମାନଙ୍କୁ ତାଙ୍କର ଅଭିବାଦନ ଜଣାଇଛନ୍ତି । 'ମୁଁ ଆମର ସମସ୍ତ ସାହସୀମାନଙ୍କୁ ପ୍ରଣାମ କରୁଛି ଏବଂ ଦେଶକୁ ବାୟୁସେନା ଦିବସରେ ଶୁଭେଚ୍ଛା ଜଣାଉଛି,' ଶ୍ରୀ ମୋଦୀ ଦୃଢ଼ ଭାବରେ କହିଛନ୍ତି । ଏକ ସ୍ମାରକୀ ବ୍ୟକ୍ତିଗତ ମାଇଲଖୁଂଟ ଉପରେ ପ୍ରତିଫଳିତ କରି, ପ୍ରଧାନମନ୍ତ୍ରୀ ଠିକ୍ ଗୋଟିଏ ଦିନ ପୂର୍ବରୁ ସରକାର ମୁଖ୍ୟ ଭାବରେ ୨୫ ବର୍ଷର ନିରନ୍ତର ସେବା ପୂରଣ କରିବା ପାଇଁ ତାଙ୍କର ଗଭୀର କୃତଜ୍ଞତା ପ୍ରକାଶ କରିଛନ୍ତି । 'ସାର୍ବଜନୀନ ସେବାର ଏହି ପ୍ରାକୃତିକ ଯାତ୍ରାରେ ତାଙ୍କୁ ସମର୍ଥନ କରିଥିବା ପ୍ରତ୍ୟେକ ନାଗରିକ ଏବଂ ଆନ୍ତର୍ଜାତୀୟ ବନ୍ଧୁଙ୍କୁ ସେ ହାର୍ଦ୍ଦିକ ଧନ୍ୟବାଦ ଜଣାଇଛନ୍ତି ।' ମୁଁ ପ୍ରତ୍ୟେକ ଦେଶବାସୀ ଏବଂ ବିଶ୍ୱର ପ୍ରତ୍ୟେକ ଭାରତର ବନ୍ଧୁଙ୍କ ପ୍ରତି ସେମାନଙ୍କର ଶୁଭକାମନା ପାଇଁ ମୋର କୃତଜ୍ଞତା ପ୍ରକାଶ କରୁଛି, 'ଶ୍ରୀ ମୋଦୀ ମନ୍ତବ୍ୟ ଦେଇଛନ୍ତି । ଦୀର୍ଘସ୍ଥାୟୀତାର ଏକ ଆଶ୍ଚର୍ଯ୍ୟଜନକ ସମାନ୍ତରାଳତା ଉପରେ ଆଲୋକପାତ କରି, ପ୍ରଧାନମନ୍ତ୍ରୀ ଭାରତ ମୋବାଇଲ୍ କଂଗ୍ରେସର ୧୦ତମ ବାର୍ଷିକୀ ପାଳନ କରିଥିଲେ ଏବଂ ଏକ ସମୟରେ ଦେଶରେ ଏଝଗଇ ବୋର୍ଡ ବୈଠକ ଆୟୋଜନ କରିବାର ସ୍ୱତନ୍ତ୍ର ସମ୍ମାନକୁ ଉଲ୍ଲେଖ କରିଥିଲେ । ସେ ସମଗ୍ର ବିଶ୍ୱସ୍ତରୀୟ ଟେଲିକମ୍ ଅପରେଟର, ଶିଳ୍ପ ନେତା, ଶିକ୍ଷାବିତ୍ ଏବଂ ଷ୍ଟାର୍ଟଅପ୍ସକୁ ସ୍ୱାଗତ କରିଥିଲେ । ଭାରାକ୍ରାନ୍ତ ହୃଦୟରେ ସମ୍ବୋଧିତ କରି, ପ୍ରଧାନମନ୍ତ୍ରୀ କିମ୍ବଦନ୍ତୀ ଅଭିନେତା ନାନା ପାଟେକରଙ୍କ ପରଲୋକ ସମ୍ପର୍କରେ ଉଦାସୀନ ସକାଳର ଖବର ସେୟାର କରିଥିଲେ । ସେ ପରଦାରେ ବିଭିନ୍ନ ଚରିତ୍ରକୁ ଜୀବନ୍ତ କରି ଦର୍ଶକଙ୍କ ହୃଦୟକୁ କ୍ରମାଗତ ଭାବରେ ଜିତିବା ପାଇଁ ଚମତ୍କାର କଳାକାରଙ୍କୁ ପ୍ରଶଂସା କରିଥିଲେ । 'ସେ ଜଣେ ଚମତ୍କାର କଳାକାର ଥିଲେ ଯିଏ ବିଭିନ୍ନ ଚରିତ୍ର ମାଧ୍ୟମରେ ଦର୍ଶକଙ୍କ ହୃଦୟ ଜିତିଥିଲେ,' ଶ୍ରୀ ମୋଦୀ ମନ୍ତବ୍ୟ ଦେଇଛନ୍ତି । ଦିବଂଗତ ଅଭିନେତାଙ୍କ ଗଭୀର ଜାତୀୟ ଆତ୍ମାର ପ୍ରଶଂସା କରି ପ୍ରଧାନମନ୍ତ୍ରୀ ନାନା ପାଟେକରଙ୍କୁ ଜଣେ ଉଗ୍ର ସ୍ୱାଧୀନ ଆତ୍ମା ଭାବରେ ବର୍ଣ୍ଣନା କରିଥିଲେ ଯାହାଙ୍କ ଜୀବନ ସମ୍ପୂର୍ଣ୍ଣ ଭାବରେ ତ୍ରିରଙ୍ଗାର ସମ୍ମାନ ଏବଂ ଗୌରବ ପାଇଁ ଉତ୍ସର୍ଗୀକୃତ ଥିଲା । ସେ ଦିବଂଗତ ଅଭିନେତାଙ୍କୁ ଜଣେ ସିନେମା ବିପ୍ଳବୀ ଭାବରେ ବର୍ଣ୍ଣନା କରିଥିଲେ ଯାହାଙ୍କ ତୀକ୍ଷ୍ଣ ସଂଳାପ ଏବଂ ଶକ୍ତିଶାଳୀ ନୀରବତା ସାମାଜିକ ଦୁଷ୍ଟତା ଏବଂ ଦେଶ ବିରୋଧୀ ଉପାଦାନ ବିରୁଦ୍ଧରେ ନିରନ୍ତର ପ୍ରହାର କରିଥିଲା । 'ମୁଁ ନାନା ପାଟେକର ଜୀଙ୍କୁ ମୋର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ଏବଂ ତାଙ୍କ ପରିବାର ସଦସ୍ୟ ଏବଂ ପ୍ରଶଂସକମାନଙ୍କ ପ୍ରତି ମୋର ସମବେଦନା ପ୍ରକାଶ କରୁଛି,' ଶ୍ରୀ ମୋଦୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ଇଣ୍ଡିଆ ମୋବାଇଲ୍ କଂଗ୍ରେସର ଦୃଷ୍ଟିକୋଣରୁ ଡିଜିଟାଲ୍ ସଂଯୋଗୀକରଣର ଉଲ୍ଲେଖନୀୟ ବିକାଶକୁ ଅନୁସରଣ କରି ପ୍ରଧାନମନ୍ତ୍ରୀ ୨୦୨୨ ରେ ସେହି ପର୍ଯ୍ୟାୟରୁ ୫ଏ ଆରମ୍ଭ କରିବା ଏବଂ ୨୦୨୩ ରେ ଏହାର ବିଶାଳ ପ୍ରସାରଣ ବିଷୟରେ ପୂର୍ବାନୁମାନ କରିବା କଥା ମନେ ପକାଇଥିଲେ । ସେ ଗର୍ବର ସହିତ ଘୋଷଣା କରିଥିଲେ ଯେ ୫ଏ ନେଟୱାର୍କ, ବର୍ତ୍ତମାନ ୫.୫ ଲକ୍ଷରୁ ଅଧିକ ବେସ୍ ଷ୍ଟେସନରୁ କାର୍ଯ୍ୟ କରୁଛି, ସଫଳତାର ସହିତ ପ୍ରତ୍ୟେକ ଜିଲ୍ଲାରେ ପହଂଚିଛି, ଇଂଟରନେଟ୍ ଗତିକୁ ଦଶଗୁଣ ବୃଦ୍ଧି କରିଛି । 'ଆଜି ଆମେ ସମସ୍ତେ ଦେଖୁଛୁ ଯେ ୫ଏ ସଂଯୋଗ ଦେଶର ପ୍ରତ୍ୟେକ ଜିଲ୍ଲାରେ ପହଂଚିଛି,' ଶ୍ରୀ ମୋଦୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ପ୍ଲାଟଫର୍ମର ବୃଦ୍ଧି ପାଉଥିବା ବିଶ୍ୱସ୍ତରୀୟ ପ୍ରତିଷ୍ଠା ଉପରେ ପ୍ରତିଫଳିତ କରି ପ୍ରଧାନମନ୍ତ୍ରୀ ମନେ ପକାଇଥିଲେ ଯେ ୨୦୨୪ ସଂସ୍କରଣରେ ବିଶ୍ୱସ୍ତରୀୟ ମାନଦଣ୍ଡ ଉପରେ ଆଲୋଚନା କରିବା ପାଇଁ ଆନ୍ତର୍ଜାତୀୟ ଦୂରସଂଚାର ସଂଘ କିପରି ଆୟୋଜନ କରାଯାଇଥିଲା, ଯେତେବେଳେ ପୂର୍ବ ବର୍ଷଗୁଡ଼ିକ ଘରୋଇ ନବସୃଜନ ଏବଂ ଉତ୍ପାଦନ ଉପରେ ଅଧିକ ଧ୍ୟାନ ଦିଆଯାଇଥିଲା । ସେ ଦେଶର ଟେଲିକମ୍ ସଫଳତା ଏବଂ ଏହାର ମହାନ ସ୍ୱପ୍ନକୁ ସାକାର କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ପ୍ରେରକ ଭାବରେ ଉଭା ହେବା ପାଇଁ ଇଣ୍ଡିଆ ମୋବାଇଲ୍ କଂଗ୍ରେସକୁ ଶ୍ରେୟ ଦେଇଥିଲେ ।



## ପ୍ରାଥମିକସ୍ତରରୁ ଶିକ୍ଷାର ମାନ ବୃଦ୍ଧି କରିବାକୁ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ରାଜ୍ୟର ସାମାଜିକ କ୍ଷେତ୍ରର ସମସ୍ୟା ସମାଧାନ ଏବଂ ଉନ୍ନତି ନିମନ୍ତେ ଏକ ଉଚ୍ଚସ୍ତରୀୟ 'ପ୍ରୟାସ' (PRAYASS) ବୈଠକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସାମାଜିକ କ୍ଷେତ୍ରର ବିଭିନ୍ନ ଜଟିଳ ସମସ୍ୟାଗୁଡ଼ିକୁ ତୃଣମୂଳ ସ୍ତରରେ ଅନୁଧ୍ୟାନ କରି ସେଗୁଡ଼ିକର ସ୍ଥାୟୀ ତଥା ତ୍ୱରିତ ସମାଧାନ ପାଇଁ ଏକ ସୁଦୃଢ଼ ଓ ଗଠନମୂଳକ ପ୍ଲାଟଫର୍ମର ଆବଶ୍ୟକତା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ଏହି ବୈଠକରେ ମୁଖ୍ୟତଃ ତିନୋଟି ପ୍ରମୁଖ ବିଭାଗ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ମହିଳା ଓ ଶିଶୁ ବିକାଶ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କାର୍ଯ୍ୟକାରିତାକୁ ନେଇ ବିସ୍ତୃତ ସମୀକ୍ଷା କରାଯାଇଥିଲା । ସ୍ୱାସ୍ଥ୍ୟ, ପୁଷ୍ଟିସାଧନ ଏବଂ ଗୁଣାତ୍ମକ ଶିକ୍ଷା ଏହି ତିନୋଟି କ୍ଷେତ୍ର ମାଧ୍ୟମରେ ହିଁ ଏକ ମଜବୁତ ସମାଜ ଗଠନ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ସଂପୃକ୍ତ ବିଭାଗଗୁଡ଼ିକୁ ଅଧିକ ତତ୍ପର ହେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ବିଶେଷ କରି ଜନସାଧାରଣଙ୍କ ମୌଳିକ ଆବଶ୍ୟକତା ସହ ଜଡ଼ିତ ଏହି କ୍ଷେତ୍ରଗୁଡ଼ିକର କାର୍ଯ୍ୟଦକ୍ଷତାକୁ ଆହୁରି ଉନ୍ନତ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି । ବୈଠକରେ ମାତୃ ମୃତ୍ୟୁ ହାରକୁ ସର୍ବନିମ୍ନ ସ୍ତରକୁ ଆଣିବା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ଦୃଢ଼ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଏହା ସହିତ ଶିଶୁ ମୃତ୍ୟୁ ହାର ତଥା ନବଜାତ ଶିଶୁ ମୃତ୍ୟୁ ହାର କମାଇବାର ଲକ୍ଷ୍ୟକୁ ଏକ ଅଭିଯାନ ସ୍ୱରୂପ ଗ୍ରହଣ କରି ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ବିଭାଗକୁ ପରାମର୍ଶ ଦେଇଛନ୍ତି । ଶିଶୁମାନଙ୍କ ମଧ୍ୟରେ ଦେଖାଯାଉଥିବା ପୁଷ୍ଟିହୀନତା (Malnutrition) ଯୋଗୁ ଷ୍ଟଂଟିଂ (stunting) ଏବଂ ୱେଷ୍ଟିଂ (wasting) ପରି ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି । ଏହିସବୁ ସମସ୍ୟାକୁ ସମ୍ପୂର୍ଣ୍ଣ ଭାବରେ ଦୂର କରିବା ପାଇଁ 'ସୁପୋଷିତ ଓଡ଼ିଶା' ଅଭିଯାନକୁ ଅଧିକ ଜୋରଦାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଶିକ୍ଷା କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ନିମନ୍ତେ ପ୍ରାଥମିକ ସ୍ତରରୁ ହିଁ ପିଲାଙ୍କ ମୌଳିକ ଶିକ୍ଷାର ମାନରେ ବୃଦ୍ଧି କରିବା ପାଇଁ ସମସ୍ତ ଚେଷ୍ଟା କରିବାକୁ ମୁଖ୍ୟମନ୍ତ୍ରୀ ବୈଠକରେ ପରାମର୍ଶ ଦେଇଛନ୍ତି । ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡି.କେ. ସିଂହ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ସ୍ୱାସ୍ଥ୍ୟ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍., ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଏନ୍. ତିରୁମାଲା ନାଏକ ଏବଂ ସମନ୍ୱିତ ଶିଶୁ ବିକାଶ ଓ ସମାଜ କଲ୍ୟାଣର ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ ।

Dr. Hari Babu Kambhampati
Governor, Odisha

LOK BHAVAN
BHUBANESWAR - 751 008



No: 658/2026

8th October 2026

MESSAGE

I am delighted to know that *AJIKALI*, the Odia daily newspaper from Baleshwar, is celebrating its 40th Foundation Day. On this momentous occasion, I extend my warm greetings and best wishes to the Editor, journalists, staff and readers of *AJIKALI*.

Four decades of dedicated journalism is a significant achievement. Over the years, *AJIKALI* has played an important role in informing the public, highlighting issues of social importance and promoting the Odia language and literature.

Journalism is a vital pillar of democracy. Through responsible, truthful and objective reporting, the media gives voice to the people, strengthens public awareness and contributes to a more informed and inclusive society. The regional press has a special responsibility in preserving our cultural identity while bringing local aspirations and concerns to the wider public.

I hope *AJIKALI* will continue to uphold the highest values of journalism and serve society with integrity and commitment in the years ahead.

(Hari Babu Kambhampati)

**ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଲୋକସେବା ଭବନ**
ଭୁବନେଶ୍ୱର



## ବାର୍ତ୍ତା

ଦୈନିକ ଓଡ଼ିଆ ସମ୍ବାଦପତ୍ର 'ଆଜିକାଲି' ପକ୍ଷରୁ ୨୦୨୬ ଅକ୍ଟୋବର ୮ ତାରିଖ ରିଖରେ ବାଲେଶ୍ୱର ଠାରେ ଏହାର ୪୦ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହେଉଥିବା ଜାଣି ମୁଁ ଆନନ୍ଦିତ ।

ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବରେ ଗଣମାଧ୍ୟମର ଭୂମିକା ନିଶ୍ଚିତ ଭାବରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ନିରପେକ୍ଷ ଖବର ପରିବେଷଣ, ଲୋକଙ୍କ ସମସ୍ୟାକୁ ସାମ୍ନାକୁ ଆଣିବା ଏବଂ ଓଡ଼ିଶାର ସାହିତ୍ୟ, ସଂସ୍କୃତି ଓ ବିକାଶମୂଳକ କାର୍ଯ୍ୟର ବାର୍ତ୍ତା ସାଧାରଣ ଜନତାଙ୍କ ପାଖରେ ପହଂଚାଇବାରେ ସମ୍ବାଦପତ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ । 'ଆଜିକାଲି' ବିଗତ ୪ ଦଶନ୍ଧି ଧରି ଏହି ଦାୟିତ୍ୱ ନିଷ୍ଠାର ସହ ପାଳନ କରିଆସୁଅଛି । ଆଗାମୀ ଦିନରେ ଏହି ଧାରା ବଜାୟ ରହିବ ବୋଲି ମୋର ଆଶା ଓ ବିଶ୍ୱାସ ।

ପ୍ରତିଷ୍ଠା ଦିବସ ଅବସରରେ 'ଆଜିକାଲି'ର ପାଠକ, ସମ୍ପାଦକ, ପ୍ରକାଶକ ଏବଂ ପରିଚାଳନା ମଣ୍ଡଳୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

(ମୋହନ ଚରଣ ମାଝୀ)

## ବାର୍ତ୍ତା



'ଆଜିକାଲି' ଓଡିଆ ଦୈନିକ ଖବର କାଗଜର ୪୦ ତମ ପ୍ରତିଷ୍ଠା ଦିବସ ଅବସରରେ ସମ୍ପାଦକ, ସାମ୍ବାଦିକ, କର୍ମକର୍ତ୍ତା, ପ୍ରତିନିଧି ଓ ଅଗଣିତ ପାଠକପାଠିକାଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଭିନନ୍ଦନ । ଚାରି ଦଶନ୍ଧିର ଏହି ଦୀର୍ଘଯାତ୍ରା କେବଳ ଏକ ସମ୍ବାଦପତ୍ରର ଯାତ୍ରା ନୁହେଁ, ଏହା ସତ୍ୟର ସନ୍ଧାନ, ନ, ନିର୍ଭିକ ସାମ୍ବାଦିକତା, ଜନସ୍ୱରର ପ୍ରତିଫଳନ ଏବଂ ଓଡିଶା ମାଟିର ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ପାଇଁ ଏକ ଗୌରବମୟ ଅଧ୍ୟାୟ । ସମାଜର କୋଣ ଅନୁକୋଣରେ ସଚେତନତାର ଆଲୋକ ପ୍ରଜ୍ୱଳିତ କରି ସାଧାରଣ ଜନତାଙ୍କ ଆଶା, ଆକାଂକ୍ଷା ଓ ସମସ୍ୟାକୁ ନିରନ୍ତର ଭାବେ ସମାଜ ସମ୍ମୁଖରେ ପହଂଚାଇବାରେ 'ଆଜିକାଲି' ସମ୍ବାଦପତ୍ରର ଭୂମିକା ଅତି ଉଲ୍ଲେଖନୀୟ ।

ମହାନ କଲମର ଶକ୍ତି ଯେତେବେଳେ ଜନମତର ସ୍ୱର ହୁଏ, ସାମ୍ବାଦିକତା ସେତେବେଳେ ଏକ ସାମାଜିକ ଦାୟିତ୍ୱରେ ପରିଣତ ହୁଏ । ଏହି ଦାୟିତ୍ୱବୋଧକୁ ପାଥେୟକରି 'ଆଜିକାଲି' 'ଆଜିକାଲି' ଦୀର୍ଘ ୪୦ ବର୍ଷଧରି ଓଡିଶାର ଜନଜୀବନ ସହିତ ଯୋଡି ହୋଇ ରହିଛି । ଏହା ନିଶ୍ଚିତ ଭାବେ ଏକ ଗର୍ବର ର୍ବର ବିଷୟ ।

ଏହି ଶୁଭ ଅବସରରେ 'ଆଜିକାଲି' ଅନେକ ଦଶନ୍ଧି ଧରି ସତ୍ୟ, ସାହସ ଓ ସାମାଜିକ ସଚେତନତା ଭାବେ ଜନମାନସକୁ ଆଲୋକିତ କରୁ । ଓଡିଆ ଭାଷା, ସାହିତ୍ୟ ଓ ସାମ୍ବାଦିକତାର ଗୌରବକୁ ଆହୁରି ସମୃଦ୍ଧକରୁ । ଏହାହିଁ ମୋର ଆନ୍ତରୀକ କାମନା ।

**ଶୁଭେଚ୍ଛାନ୍ତେ**

ମନମୋହନ ସାମଲ ରାଜ୍ୟସଭାପତି ଓ
ସାଂସଦ ଭାରତୀୟ ଜନତା ପାର୍ଟି, ଓଡ଼ିଶା

**ଡ଼ା. କୃଷ୍ଣ ଚନ୍ଦ୍ର ମହାପାତ୍ର**
ମନ୍ତ୍ରୀ
ଗୃହ ନିର୍ମାଣ ଓ ନଗର ଉନ୍ନୟନ,
ସାଧାରଣ ଉଦ୍ୟୋଗ, ଓଡ଼ିଶା



## ଶୁଭେଚ୍ଛା ବାର୍ତ୍ତା

ଓଡ଼ିଶାର ଅଗ୍ରଣୀ ଓଡ଼ିଆ ଦୈନିକ ଖବରକାଗଜ "ଆଜିକାଲି' ର ୪୦ତମ ପ୍ରତିଷ୍ଠା ଦିବସ ଅବସରରେ ପ୍ରକାଶ ପାଉଥିବା ସ୍ୱତନ୍ତ୍ର ସ୍ମାରକ ସଂସ୍କରଣ ପାଇଁ ମୁଁ ଅତ୍ୟନ୍ତ ଆନନ୍ଦିତ । ଏହି ଗୌରବମୟ ଅବସରରେ 'ଆଜିକାଲି' ପରିବାରର ସମସ୍ତ ସଦସ୍ୟ, ସମ୍ପ ସମ୍ପାଦକ, ସାମ୍ବାଦିକ, କର୍ମଚାରୀ, ଲେଖକ, ପାଠକ ଓ ଶୁଭେଚ୍ଛୁମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଆନ୍ତରିକ ଶୁଭେଚ୍ଛା ।

ଚାରି ଦଶନ୍ଧିର, ଏହି ଯାତ୍ରା କେବଳ ଏକ ସମ୍ବାଦପତ୍ରର ତ୍ରର ଯାତ୍ରା ନୁହେଁ, ଏହା ଓଡ଼ିଶାର ଜନଜୀବନ, ସାମାଜିକ ଚେତନା ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ସହିତ ଜଡ଼ିତ ଏକ ଦୀର୍ଘ ଯାତ୍ରା । ଦୀର୍ଘ ୪୦ ବର୍ଷ ଧରି 'ଆଜିକାଲି' ସମସାମୟିକ ଘଟଣାବଳୀ, ଜନସାଧାରଣଙ୍କ ସ ସମସ୍ୟା, ରାଜ୍ୟର ବିକାଶ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ବିଭିନ୍ନ ଦିଗକୁ ପାଠକଙ୍କ ନିକଟରେ ପହଂଚାଇ ଆସିଛି ।

ଗଣତନ୍ତ୍ରରେ ଦାୟିତ୍ୱଶୀଳ ଗଣମାଧ୍ୟମ ଜନସାଧାରଣଙ୍କ ସ୍ୱରକୁ ଉପଯୁକ୍ତ ମଂଚ ମଂଚ ଦେବା ସହ ଶାସନ ବ୍ୟବସ୍ଥାକୁ ଅଧିକ ଉତରଦାୟୀ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ସେତୁର ଭୂମିକା ନିର୍ବାହ କ । ଏହି ଦୃଷ୍ଟିରୁ 'ଆଜିକାଲି'ର ଦୀର୍ଘ ସାମ୍ବାଦିକତା ଯାତ୍ରା ଓଡ଼ିଶାର ଗଣମାଧ୍ୟମ ଜଗତରେ ଏକ ଉଲ୍ଲେଖନୀୟ ଅଧ୍ୟାୟ । କରେ ଡିଜିଟାଲ ଯୁଗରେ ସୂଚନାର ପ୍ରବାହ ଦ୍ରୁତ ହୋଇଥିବା ବେଳେ ସତ୍ୟ, ନିର୍ଭରଯୋଗ୍ୟତା ଓ ଦାୟିତ୍ୱଶୀଳ ସାମ୍ବାଦିକତାର ଗୁରୁତ୍ୱ ତଥାପି କମିନାହିଁ । ଆଶାକରେ, ପରିବର୍ତ୍ତିତ ସମୟ ଓ ପ୍ରଯୁକ୍ତି ସହ ତାଳ ମିଳାଇ 'ଆଜିକାଲି' ନିଜର ମୌଳିକ ମୂଲ୍ୟବୋଧକୁ ଅକ୍ଷୁଣ୍ଣ ରଖି, ଆଗାମୀ ଦିନରେ ମଧ୍ୟ ଓଡ଼ିଆ ଗଣମାଧ୍ୟମ କ୍ଷେତ୍ରରେ ଏକ ବିଶ୍ୱସନୀୟ ସ୍ୱର ଭାବେ ନିଜର ପରିଚୟ ବଜାୟିରଖୁଛି ।

୪୦ ବର୍ଷର ଏହି ଗୌରବମୟ ଯାତ୍ରା ପାଇଁ 'ଆଜିକାଲି' ପରିବାରକୁ ଅଭିନନ୍ଦନ ଜଣାଇବା ସହ ଏହାର ଉତରୋତର ସଫଳତା, ସମୃଦ୍ଧି ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

ଜୟ ଓଡ଼ିଆ । ଜୟ ଓଡ଼ିଶା ।

(ଡା . କୃଷ୍ଣ ଚନ୍ଦ୍ର ମହାପାତ୍ର)





# ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାରେ ସ୍ୱର୍ଗତ ବିସ୍ମୟଙ୍କ କାର୍ଯ୍ୟ ଅବର୍ଣ୍ଣନୀୟ: ଗିରିଶ ଚନ୍ଦ୍ର ଦାଶ



ବାଲେଶ୍ୱର,(ନି.ପ୍ର): ୮ ତାରିଖ ପୂର୍ବାହ୍ନରେ ସ୍ଥାନୀୟ କଚେରୀହତା ସ୍ଥିତ ସାମ୍ବାଦିକ ପ୍ରକୋଷ୍ଠ ଠାରେ ବାଲେଶ୍ୱର ଦିବଙ୍ଗତ ସାମ୍ବାଦିକ ସ୍ମୃତି କମିଟି ପକ୍ଷରୁ 'ଆଜିକାଲି'ର ପ୍ରତିଷ୍ଠାତା ସ୍ୱର୍ଗତ ବିସ୍ମୟ କୁମାର ମହାନ୍ତିଙ୍କ ସ୍ମୃତି ଚାରଣ ସଭା କମିଟିର ସଭାପତି ଦେବବ୍ରତ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମଂଚାସୀନ ଅତିଥି ଭାବେ ଯୋଗ ଦେଇଥିବା ବ୍ୟକ୍ତି ବିଶେଷ ନିଜର ବକ୍ତବ୍ୟରେ କହିଥିଲେ କି, ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପନ୍ନ କରିବା କ୍ଷେତ୍ରରେ ସ୍ୱର୍ଗତ ବିସ୍ମୟ ମହାନ୍ତିଙ୍କର କାର୍ଯ୍ୟ ଥିଲା ଅବର୍ଣ୍ଣନୀୟ । ଛାତ୍ରନେତା, ଯୁବନେତା, ଚାନ୍ଦିପୁର ବେଳାଭୂମି ମହୋତ୍ସବ, ରାବଣପୋଡ଼ି ଉତ୍ସବ, ଏତଦ୍ ସହିତ 'ଆଜିକାଲି' ସମ୍ବାଦପତ୍ର ସୃଷ୍ଟି କରିବା ସଂଗେ ସଂଗେ ବାଲେଶ୍ୱରର ଅନେକ ସମ୍ବାଦପତ୍ରକୁ ସୃଷ୍ଟିକରି ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଥିଲେ ସ୍ୱର୍ଗତ ମହାନ୍ତି ବୋଲି ଜିଲ୍ଲା ପରିଷଦର ପୂର୍ବତନ ସଭାପତି ଗିରିଶ ଚନ୍ଦ୍ର ଦାଶ ମତବ୍ୟକ୍ତ କରିଛନ୍ତି । ଆୟୋଜିତ ଏହି କାର୍ଯ୍ୟକ୍ରମରେ 'ଆମ ନ୍ୟୁଜ'ର ମୁଖ୍ୟ ତଥା ବିସ୍ମୟ ମହାନ୍ତିଙ୍କ ବଡ଼ଭାଇ ବିପ୍ଳବ କୁମାର ମହାନ୍ତି, ସେଇଠୁ ଆରମ୍ଭ ସମ୍ପାଦକ ଶୁଭେନ୍ଦୁ ଦାସ, ପ୍ରେସ ଇମ୍ପ୍ରେସନର ସମ୍ପାଦକ ଉଜ୍ଜ୍ୱଳ ଚନ୍ଦ୍ର କର, 'ଆଜିକାଲି'ର ସମ୍ପାଦକ ଇଂ ନିର୍ମାଲ୍ୟ କୁମାର ମହାନ୍ତି ଏବଂ ବିଏଡିସିର ସଭାପତି ଗୋପାଳ ଚନ୍ଦ୍ର କର, ଧ୍ୱନି ପ୍ରତିଧ୍ୱନିର ସମ୍ପାଦକ ସୃଷ୍ଟିଧର ପରିଡ଼ା, ଅନୁଷ୍ଠାନର ଉପସଭାପତି ସନ୍ଦିପ୍ତ କୁମାର ଦାସ ଏବଂ ସାଧାରଣ ସମ୍ପାଦକ ଗଗନ କୁମାର ସେଠୀ ପ୍ରମୁଖ ମଂଚାସୀନ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ବିସ୍ମୟ ମହାନ୍ତିଙ୍କ ସ୍ମୃତି ଚାରଣ କରିଥିଲେ । ଏହି ଅବସରରେ ୨ଜଣ ବରିଷ୍ଠ ସାମ୍ବାଦିକ ଗଗନକୁମାର ସେଠୀ ଓ ଗୟାଧର କରଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହାଛଡ଼ା ପରିବେଶ ଅନିରୁଦ୍ଧ ଦାସ, ପରମ୍ପରାର ମୁଖ୍ୟ ତଥା ଆଇନଜୀବୀ ତପନ କୁମାର ପତି, ବୃକ୍ଷକନ୍ୟା ମୋନାଲିସା ସେଠୀ, ସମ୍ବାଦର ମନୋଜ କୁମାର ବିଶ୍ୱାଳ, ସମାଜର ଅଭୟ କୁମାର ଦାସ, ଗୋପୀକୃଷ୍ଣ ମହାନ୍ତି, ସଂଜିତ କୁମାର ଘୋଷ, ବୁଦ୍ଧେଶ୍ୱର ମଲ୍ଲିକ, ଶିବଶଙ୍କର ରାଉ, ସମ୍ବିତ କୁମାର ବେହେରା, ଗୌରହରି ପାତ୍ର, ସନ୍ଦୀପ୍ତ କୁମାର ଦାସ ପ୍ରମୁଖ । ଶେଷରେ ମନୋଜ କୁମାର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ ।

# ନିଶାମୁକ୍ତ ଓଡ଼ିଶା ଗଠନ ପାଇଁ ସଚେତନତା ସଭା

ବାଲେଶ୍ୱର(ନି.ପ୍ର) ନିଶାମୁକ୍ତ ଭାରତ ଅଭିଯାନ ଅନ୍ତର୍ଗତ ନିଶାମୁକ୍ତ ଓଡ଼ିଶା ଗଠନ ଲକ୍ଷ୍ୟରେ ବାଲେଶ୍ୱର ପୁଲିସ ପ୍ରଶାସନ ପକ୍ଷରୁ ଆଜି ଅପରାହ୍ନରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ପରିସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶ୍ରୀଯୁକ୍ତ ସନ୍ତୋଷ କୁମାର ତ୍ରିପାଠୀ, ପୂର୍ବାଂଚଳ ପୋଲିସ ଉପ ମହାନିରୀକ୍ଷକ ଶ୍ରୀଯୁକ୍ତ ପିନାକ ମିଶ୍ର, ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ପ୍ରତ୍ୟୁଷ ଦିବାକର, ଅବକାରୀ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ଶେଖ ଆସଫ ଅଲି, ଅତିରିକ୍ତ ଜିଲ୍ଲାପାଳ ( ସାଧାରଣ) ଶ୍ରୀଯୁକ୍ତ ତପନ କୁମାର ଖୁଣ୍ଟିଆ, ପିଜି କାଉନସିଲ ଚେୟାରମେନ ଶ୍ରୀଯୁକ୍ତ ସନ୍ତୋଷ କୁମାର ଅଗରୱାଲ,



ବିଶ୍ୱ ବିଦ୍ୟାଳୟର ରେଜିଷ୍ଟ୍ରାର ଶ୍ରୀଯୁକ୍ତ ନିହାର ରଞ୍ଜନ ରାଉତ ପ୍ରମୁଖ ମଂଚାସୀନ ହୋଇ ନିଶାଦ୍ରବ୍ୟର କୁପ୍ରଭାବ ଓ ଏହାର ନିରାକରଣ ସମ୍ପର୍କରେ ନିଜ ନିଜର ମତାମତ ରଖିଥିଲେ । ବକ୍ତାମାନେ କହିଥିଲେ ଯେ, ନିଶାଦ୍ରବ୍ୟର ବ୍ୟବହାର ଯୁବପିଢ଼ିର ଶିକ୍ଷା, ସ୍ୱାସ୍ଥ୍ୟ, ପରିବାର ଓ ସାମାଜିକ ଜୀବନ ଉପରେ ଗଭୀର ପ୍ରଭାବ ପକାଇଥାଏ । ତେଣୁ ନିଶା ବିରୋଧୀ ସଚେତନତା ସୃଷ୍ଟି ସହିତ ଯୁବସମାଜକୁ ନିଶା ଠାରୁ ଦୂରେଇ ରଖିବାରେ ସମସ୍ତଙ୍କ ସକ୍ରିୟ ସହଯୋଗ ଆବଶ୍ୟକ ବୋଲି ମତପ୍ରକାଶ ପାଇଥିଲା । ଏହି ସଭାରେ ବିଶ୍ୱବିଦ୍ୟାଳୟର ପ୍ରଫେସର, ଅଧ୍ୟାପକ-ଅଧ୍ୟାପିକା, ଛାତ୍ରଛାତ୍ରୀ ଏବଂ ପୁଲିସ ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇ ନିଶାମୁକ୍ତ ସମାଜ ଗଠନ ପାଇଁ ସଚେତନତା ଓ ସାମୂହିକ ପ୍ରୟାସର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ ।

# ଡ୍ରଗ୍ସ ବେପାରୀଙ୍କୁ ୫ ବର୍ଷ ସଶ୍ରମ କାରାଦଣ୍ଡ

ବାଲେଶ୍ୱର(ନି.ପ୍ର.) : ବ୍ରାଉନ୍ ସୁଗାର ଚାଲାଣ ମାମଲାରେ ଜିଲ୍ଲା ଓ ଦୌରାଜଜ୍-ତଥା ସ୍ୱତନ୍ତ୍ର ଏନ୍ ?ଡିପିଏସ୍ ? ଜଜ୍ ସତ୍ୟନାରାୟଣ ମିଶ୍ର ବୁଧବାର ଜଣେ ଡ୍ରଗ୍ସ ବେପାରୀଙ୍କୁ ୫ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୧୦,୦୦୦ ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି । ଜରିମାନା ଅନାଦାୟ ହେଲେ ଅତିରିକ୍ତ ୬ ମାସ କାରାଦଣ୍ଡ ଭୋଗିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ସ୍ୱତନ୍ତ୍ର ସରକାରୀ ଓକିଲ ଭାଗୀରଥୀ ବାରିକଙ୍କ ସୂଚନା ଅନୁଯାୟୀ, ଖନ୍ତାପଡ଼ା ଥାନା ଅଧୀନ ହୀରାଟିକିରି, ପିଞ୍ଚାବଣିଆ ଅଂଚଳର ବିଜୟ କୁମାର ପଣ୍ଡା (୪୫)ଙ୍କୁ ୨୭ ମେ ୨୦୨୫ରେ ଅବକାରୀ ବିଭାଗର ଅଧିକାରୀମାନେ ୨୨୦ ଗ୍ରାମ ବ୍ରାଉନ୍ ସୁଗାର ସହ ଧରିଥିଲେ । ମାମଲାର ବିଚାର ସମୟରେ ଅଭିଯୋଗ ପକ୍ଷରୁ ୩ ଜଣ ସାକ୍ଷୀ ଏବଂ ୨୩ଟି ଦଲିଲ ପ୍ରଦର୍ଶିତ କରାଯାଇଥିଲା । ସେଗୁଡ଼ିକର ବିଚାର ପରେ କୋର୍ଟ ଅଭିଯୁକ୍ତଙ୍କୁ ଏନ୍ ?ଡିପିଏସ୍ ? ଆଇନର ସମ୍ବନ୍ଧିତ ଧାରାରେ ଦୋଷୀ ସାବ୍ୟସ୍ତ କରି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି ।



# କବି ଚନ୍ଦ୍ରକୁମାର ମହାନ୍ତି ସ୍ମୃତି ସମାରୋହ ଅକ୍ଟୋବର ୩୧ରେ

ବାଲେଶ୍ୱର,(ନି.ପ୍ର.) ବିଶିଷ୍ଟ କବି ଚନ୍ଦ୍ରକୁମାର ମହାନ୍ତିଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ଗଠିତ ଚନ୍ଦ୍ରକୁମାର ମହାନ୍ତି ସ୍ମୃତି କମିଟି ପକ୍ଷରୁ ଏହାର ଦଶମ ବାର୍ଷିକ ସ୍ମୃତି ସମାରୋହ ଆସନ୍ତା ଅକ୍ଟୋବର ୩୧ ତାରିଖ ସନ୍ଧ୍ୟା ୬.୩୦ରେ ଆତିଥ୍ୟ ଭବନ ଠାରେ ଅନୁଷ୍ଠିତ ହେବ । ଏହି ଅବସରରେ ୨୦୨୬ ବର୍ଷ ପାଇଁ ପ୍ରଦାନ କରାଯିବାକୁ ଥିବା 'ଚନ୍ଦ୍ରକୁମାର ମହାନ୍ତି କବିତା ପୁରସ୍କାର' ଯୁବକବି ଯୀଶୁ କ୍ରିଷ୍ଟ ଦାସଙ୍କୁ ପ୍ରଦାନ କରାଯିବ ବୋଲି ସ୍ମୃତି କମିଟି ପକ୍ଷରୁ ଘୋଷଣା କରାଯାଇଛି । ୨୦୧୭ ମସିହାରୁ ଆରମ୍ଭ ହୋଇଥିବା ଏହି ସ୍ମୃତି ଉତ୍ସବ ମାଧ୍ୟମରେ ପ୍ରତିବର୍ଷ ଓଡ଼ିଆ କବିତା କ୍ଷେତ୍ରରେ ଉଲ୍ଲେଖନୀୟ ସର୍ଜନାତ୍ମକ ଅବଦାନ ରଖୁଥିବା ଜଣେ କବିଙ୍କୁ ଚୟନ କରି 'ଚନ୍ଦ୍ରକୁମାର ମହାନ୍ତି କବିତା ପୁରସ୍କାର'ରେ ସମ୍ମାନିତ କରାଯାଉଛି । ଚଳିତ ବର୍ଷର ମନୋନୀତ ପ୍ରତିଭା ଯୀଶୁ କ୍ରିଷ୍ଟ ଦାସ ଓଡ଼ିଆ କବିତା ଜଗତରେ ନିଜସ୍ୱ ସୃଜନଶୀଳତା ଓ କାବ୍ୟଭାବନା ପାଇଁ ବେଶ୍ ପରିଚିତ । ଦଶମ ସ୍ମୃତି ସମାରୋହରେ ପୁରସ୍କୃତ କବି ଯୀଶୁ କ୍ରିଷ୍ଟ ଦାସଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ମାନିତ କରାଯିବ । ଏହି ସାହିତ୍ୟ ସମାରୋହରେ ବିଶିଷ୍ଟ ଲେଖକ ଡକ୍ଟର ଗୌରହରି ଦାସ ଏବଂ ବିଶିଷ୍ଟ କବି ଧନଞ୍ଜୟ ସ୍ୱାଇଁ ସମ୍ମାନନୀୟ ଅତିଥି ଭାବେ



ଯୋଗଦେବାକୁ ସଦୟ ସ୍ୱୀକୃତି ପ୍ରଦାନ କରିଛନ୍ତି । ଏହି ସ୍ମୃତି ସମାରୋହରେ ସାହିତ୍ୟିକ ଆଲୋଚନା ଓ ଚନ୍ଦ୍ର କୁମାରଙ୍କ କବିତାକୁ କେନ୍ଦ୍ର କରି ବିଭିନ୍ନ କାର୍ଯ୍ୟକ୍ରମ ରହିବ । ଏହି ଅବସରରେ ଇଂରାଜୀ ଭାଷାରେ କବିତା ରଚନା କରୁଥିବା ନବପ୍ରଜନ୍ମର କବି ଦ୍ୟୁତି ମହାନ୍ତିଙ୍କ ପ୍ରଥମ ଇଂରାଜୀ କବିତା ସଂକଳନ 'ଏ ସ୍ମାଇଲିଙ୍ଗ୍ ପେନ୍' ମଧ୍ୟ ଉନ୍ମୋଚିତ ହେବ । ଓଡ଼ିଆ ସାହିତ୍ୟର ଏକ ସମୃଦ୍ଧ ପରମ୍ପରା ମଧ୍ୟରେ ନୂଆ ପିଢ଼ିର ସୃଜନଶୀଳ ସ୍ୱରକୁ ସାମ୍ନାକୁ ଆଣିବାରେ ଏହି ପୁସ୍ତକ ଉନ୍ମୋଚନ ଅବସର ଏକ ଗୁରୁତ୍ୱପୂର୍ଣ୍ଣ ଯୋଗସୂତ୍ର ହେବ । ସ୍ମୃତି କମିଟି ପକ୍ଷରୁ କୃଷ୍ଣ କୁମାର ମହାନ୍ତି ଓ ଉତ୍ପଳ ମହାନ୍ତି ସାହିତ୍ୟପ୍ରେମୀ, କବି, ଲେଖକ ଓ ପାଠକମାନଙ୍କୁ ଏହି ଦଶମ ସ୍ମୃତି ସମାରୋହରେ ଯୋଗଦେଇ ଏହାକୁ ସଫଳ କରିବାକୁ ଅନୁରୋଧ କରିଛନ୍ତି ।

# ଗେଙ୍ଗୁଟି ସେବା ସମିତିର ଲୋକାର୍ପଣ ଉତ୍ସବ

ବାଲେଶ୍ୱର(ନି.ପ୍ର.)ଗେଙ୍ଗୁଟି ସେବା ସମିତିର ଲୋକାର୍ପଣ ଉତ୍ସବ ବାଲେଶ୍ୱର,୭/୧୦ ସଦର ବ୍ଲକ୍ ଅନ୍ତର୍ଗତ ଗେଙ୍ଗୁଟି ପଂଚାୟତର ଗେଙ୍ଗୁଟି ସେବା ସମିତିର ଲୋକାର୍ପଣ ଉତ୍ସବ ଆଜି ସମ୍ପନ୍ନ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ସରକାରୀ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଯୋଗ ଦେଇ ସ୍ଥାନୀୟ ଅଂଚଳର ସେବା, ସହଯୋଗ ଓ ସାମୂହିକ ବିକାଶ କ୍ଷେତ୍ରରେ ଗେଙ୍ଗୁଟି ସେବା ସମିତି ଆଗାମୀ ଦିନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟ ବକ୍ତା ଜିଲ୍ଲାପରିଷଦ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ, ସମ୍ମାନିତ



ଅତିଥି ସଦର ବ୍ଲକ ଅଧକ୍ଷା ସୁନୀତା ବେହେରା, ଜିଲ୍ଲା ପରିଷଦ ସଦସ୍ୟା ବନଲତା ସେଠୀ, ସ୍ଥାନୀୟ ସରପଂଚ ମଞ୍ଜୁଲତା ଆଚାର୍ଯ୍ୟ, ସମିତି ସଭ୍ୟା ପୁଷ୍ପଶ୍ରୀ ରାଉତ ଏବଂ ଏ.ଆରସିଏସ୍ଏକାଦଶୀ ଦାସ ପ୍ରମୁଖ ଯୋଗ ଦେଇ ସମିତିର ଉତରୋତର ଉନ୍ନତି ଓ ସଫଳତା କାମନା କରିଥିଲେ । ଆଇନଜୀବୀ ରତିକାନ୍ତ ରଥ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ପ୍ରାକ୍ତନ ସରପଂଚ ବିରୁପାକ୍ଷ୍ୟ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ହରିନାରାୟଣ ନନ୍ଦ, ସବ୍ୟସାଚୀ ପ୍ରଧାନଙ୍କ ସମେତ ସ୍ଥାନୀୟ ବହୁ ଜନପ୍ରତିନିଧି ଓ ଶତାଧିକ ଅଂଚଳବାସୀ ଉପସ୍ଥିତ ଥିଲେ ।

# ପୁନର୍ଗଠିତ ହେଲା ଓୟୁଜେର ବାଲେଶ୍ୱର ଜିଲ୍ଲା ଶାଖା ଗଙ୍ଗାଧର ରାଉତ ସଭାପତି ବିବେକାନନ୍ଦ ଦାସ ସମ୍ପାଦକ ଓ ସୁରେଶ ଚନ୍ଦ୍ର ଦାସ କୋଷାଧ୍ୟକ୍ଷ ମନୋନୀତ

ବାଲେଶ୍ୱର,(ନି.ପ୍ର.): ଓଡ଼ିଶା ସାମ୍ବାଦିକ ୟୁନିଅନ (ଓୟୁଜେ)ବାଲେଶ୍ୱର ଜିଲ୍ଲା ଶାଖାର ଦ୍ୱିବାର୍ଷିକ ସମ୍ମିଳନୀରେ ନୂତନ କର୍ମକର୍ତ୍ତା ଆଗାମୀ ଦୁଇ ବର୍ଷ ପାଇଁ ମନୋନୀତ କରାଯାଇଛି । ବରିଷ୍ଠ ସଦସ୍ୟ ଶିଶିର କୁମାର ଦାସଙ୍କ ଅଧ୍ୟକ୍ଷତାରେ ଗଠିତ ତିନି ଜଣିଆ ଚୟନ କମିଟିରେ ଏହି ନିଷ୍ପତି ନିଆଯାଇଛି । ଏହି କମିଟିରେ ପରାମର୍ଶ ଦାତା ଭାବେ ବରିଷ୍ଠ ସଦସ୍ୟ ଶିଶିର କୁମାର ଦାସ, ଚନ୍ଦ୍ରମୋହନ ମହାପାତ୍ର, କୈଳାସ ଚନ୍ଦ୍ର ଦାସ, ଅଜିତ କୁମାର ମହାନ୍ତି ସୁକାନ୍ତ ବିନ୍ଧାଣୀ ରହିଛନ୍ତି । ନୂତନ କମିଟିରେ ଗଙ୍ଗାଧର ରାଉତଙ୍କୁ ସଭାପତି, ବିବେକାନନ୍ଦ ଦାସଙ୍କୁ ସାଧାରଣ ସମ୍ପାଦକ ଓ କୋଷାଧକ୍ଷ ଭାବେ ସୁରେଶ ଚନ୍ଦ୍ର ଦାସଙ୍କୁ ଆଗାମୀ ଦୁଇ ବର୍ଷ ପାଇଁ ମନୋନୀତ କରାଯାଇଛି । ସେହିପରି ନୂତନ କମିଟିରେ ଉପସଭାପତି ଭାବେ ଉତ୍କଳ ବନ୍ଧୁ ପଣ୍ଡା, ପ୍ରତ୍ୟାଶା ପ୍ରିୟମ୍ବଦା ମହାନ୍ତି, ସମ୍ପାଦକ ଭାବରେ ତପୋଧନ ବାରିକ, ନନ୍ଦକିଶୋର ସାହୁ, ଲକ୍ଷ୍ମୀଧର ବାରିକ, ରବିରଞ୍ଜନ ତ୍ରିପାଠୀ, ସୋମନାଥ ସାହୁ ମନୋନୀତ ହୋଇଥିବା ବେଳେ ବ୍ଲକ ସଂଯୋଜକ ଭାବେ ସୋରରୁ ସୁଶାନ୍ତ କୁମାର ବେହେରା, ରମାକାନ୍ତ ପଣ୍ଡା,




ବାହାନଗାରୁ ଜୟଦେବ ଆଚାର୍ଯ୍ୟ, ସିମୁଳିଆରୁ ଗଦାଧର ଜେନା, ରେମୁଣାରୁ ଲକ୍ଷ୍ମୀଧର ଗାଣ, ବାଲିଆପାଳରୁ ରାଜଶ୍ରୀ ପାଣିଗ୍ରାହୀ, ବାଲେଶ୍ୱରରୁ ମହେଶ୍ୱର ପ୍ରଧାନ, ଖଇରା ପାଇଁ ଉମେଶ ଚନ୍ଦ୍ର ଜେନା ଓ ସଞ୍ଜୟ କୁମାର ବେହେରା ରହିଛନ୍ତି । ସାଂଗଠନିକ ଦାୟିତ୍ୱ ଦୁଇ ଜଣ ଅଭିଜ୍ଞ ସଦସ୍ୟ ମଧୁସୂଦନ ଦାସ ଓ ତୃପ୍ତିକାନ୍ତ ପାଢ଼ୀଙ୍କୁ ଦିଆଯାଇଥିବା ବେଳେ ୟୁନିଅନର ଶୃଙ୍ଖଳା କମିଟିରେ ଅଛନ୍ତି ଅରୂପ ଦାସ, କୈଳାସ ଚନ୍ଦ୍ର ଦାସ, ମନୋଜ ରାୟ, ସନ୍ତୋଷ କୁମାର ନାୟକ । ଜିଲ୍ଲାରେ ସଙ୍ଗଠନକୁ ଅଧିକ କ୍ରିୟାଶୀଳ, ଉତରଦାୟୀ ଓ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ସାଧାରଣ ଜନତାଙ୍କ ପାଇଁ ପ୍ରତିଶ୍ରୁତି ବଦ୍ଧ କରେଇବାକୁ ସଦସ୍ୟ ମାନେ କାର୍ଯ୍ୟ କରିବା ଉପରେ ବରିଷ୍ଠ ସଦସ୍ୟମାନେ ଗୁରୁତ୍ୱ ଆରୋପ କରିଛନ୍ତି ।

# ବିଶ୍ୱବିଦ୍ୟାଳୟସ୍ତରୀୟ ଇନୋଭେସନ୍ ଓ ଷ୍ଟାର୍ଟ-ଅପ୍ ପ୍ରତିଯୋଗିତାର ଶ୍ରେଷ୍ଠ ୭ରେ ଫକୀରମୋହନ କଲେଜର ଛାତ୍ରୀ କ୍ରିଷ୍ଣାମୟୀ ଦାଶ

ବାଲେଶ୍ୱର, (ନି.ପ୍ର.): ଫକୀର ମୋହନ ସ୍ୱୟଂଶାସିତ କଲେଜର ବିବିଏ ତୃତୀୟ ବର୍ଷର ଛାତ୍ରୀ କ୍ରିଷ୍ଣାମୟୀ ଦାଶ ବିଶ୍ୱବିଦ୍ୟାଳୟସ୍ତରୀୟ ଇନୋଭେସନ୍ ଓ ଷ୍ଟାର୍ଟ-ଅପ୍ ପ୍ରତିଯୋଗିତା-୨୦୨୬ରେ ଶ୍ରେଷ୍ଠ ୭ ପ୍ରତିଯୋଗୀଙ୍କ ମଧ୍ୟରେ ସ୍ଥାନ ପାଇ କଲେଜ ପାଇଁ ଗୌରବ ଆଣିଛନ୍ତି । ବୁଧବାର ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ନିଜର ଅଭିନବ ଚିନ୍ତାଧାରା ଓ ଉତ୍କୃଷ୍ଟ ଉପସ୍ଥାପନା ମାଧ୍ୟମରେ କ୍ରିଷ୍ଣାମୟୀ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟତା ହାସଲ କରିଛନ୍ତି । ସେଠାରେ ସେ ଫକୀର ମୋହନ ସ୍ୱୟଂଶାସିତ କଲେଜରୁ ପ୍ରତିନିଧିତ୍ୱ କରିଥିଲେ । ତାଙ୍କର ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ତାଙ୍କୁ ଏକ ଲକ୍ଷ ଟଙ୍କାର ନଗଦ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଛି । କ୍ରିଷ୍ଣାମୟୀଙ୍କ ଏହି ସଫଳତାରେ ଫକୀର ମୋହନ




ସ୍ୱୟଂଶାସିତ କଲେଜରେ ଆନନ୍ଦ ପ୍ରକାଶ ପାଇଛି । ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ତାଙ୍କର ମାର୍ଗଦର୍ଶକ ଅବିନାଶ ପୃଷ୍ଟିଙ୍କୁ ମଧ୍ୟ ତାଙ୍କର ମାର୍ଗଦର୍ଶନ ଓ ସହଯୋଗ ପାଇଁ କଲେଜ ପକ୍ଷରୁ ଅଭିନନ୍ଦନ ଜଣାଯାଇଛି । କଲେଜ କର୍ତ୍ତୃପକ୍ଷ ଓ ଶୁଭେଚ୍ଛୁମାନେ କ୍ରିଷ୍ଣାମୟୀ ଦାଶ ଓ ତାଙ୍କ ମାର୍ଗଦର୍ଶକଙ୍କୁ ଆଗାମୀ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ଶୁଭକାମନା ଜଣାଇବା ସହ ଆଗାମୀ ଦିନରେ ମଧ୍ୟ ସେମାନେ ଉତ୍କର୍ଷ ପ୍ରଦର୍ଶନ କରି କଲେଜର ଗୌରବ ବୃଦ୍ଧି କରିବେ ବୋଲି ଆଶା ପ୍ରକାଶ କରିଛନ୍ତି ।

# ବିଶ୍ୱ ଦୃଷ୍ଟି ଦିବସ ପାଳନ ପାଇଁ ସଚେତନତା ସଭା

ବାଲେଶ୍ୱର(ନି.ପ୍ର.) ବିଶ୍ୱ ଦୃଷ୍ଟି ଦିବସ ପାଳନ ପାଇଁ ବାଲେଶ୍ୱର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୁଲ୍ୟରେ ସଚେତନତା ପଦଯାତ୍ରା ଓ ସଭା ଆୟୋଜିତ ହୋଇଯାଇଛି । ଏହି ସଚେତନତା ସଭା ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ଠାରୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅମୂଲ୍ୟ କୁମାର ଦାସ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ପଦଯାତ୍ରା ସିନେମା ଛକ ଦେଇ ଜିଲ୍ଲା ତାଲିମ କେନ୍ଦ୍ର କକ୍ଷ ନିକଟରେ ସମାପ୍ତ ହୋଇଥିଲା ଓ ପରେ ଜିଲ୍ଲା ତାଲିମ କେନ୍ଦ୍ର କକ୍ଷ୍ୟରେ ସଚେତନତା ସଭା ଆୟୋଜିତ ହୋଇଥିଲା । ଏହାର ମୁଖ୍ୟ ବିଷବସ୍ତୁ - 'ନିଜ ଆଖିକୁ ଭଲ ପାଆନ୍ତୁ, ଏବଂ ଏହାର ଯତ୍ନ ନିଅନ୍ତୁ ' ଉପରେ ଆଲୋଚନା କରା ଯାଇଥିଲା । ଉକ୍ତ ସଭାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅମୁଲ୍ୟ କୁମାର ଦାସ ସଭାପତିତ୍ୱ କରିଥିଲେ । ଉପସ୍ଥିତ ଜିଲ୍ଲା ମହିଳା ସ୍ୱାସ୍ଥ୍ୟକର୍ମୀ ତାଲିମ କେନ୍ଦ୍ରର ଅଧ୍ୟୟନରତ ଛାତ୍ରୀମାନଙ୍କୁ, ଆଖିର ଯତ୍ନ ନିମନ୍ତେ ସମସ୍ତେ ଦୀର୍ଘ ସମୟ ଧରି ମୋବାଇଲ ଫୋନ୍ ବ୍ୟବହାର ନ କରିବା, ଉପଯୁକ୍ତ ଆଲୋକରେ ଅଧ୍ୟୟନ କରିବା ଏବଂ ସନ୍ତୁଳିତ ଆହାର ଖାଇବା ଉପରେ ଆଲୋକପାତ କରିଥିଲେ । ଏଥି ସହିତ ୨୦ ମିନିଟ କୌଣସି ଜିନିଷ ଦେଖିବା ପରେ ୨୦ ଫୁଟ ଦୂରକୁ ୨୦ ସେକେଣ୍ଡ ଦେଖିବା ପାଇଁ ଉପଦେଶ ଦେଇଥିଲେ । ଡାକ୍ତର ସଂଜୀବ କୁମାର ପ୍ରଧାନ,ଡାକ୍ତର ମନୋଜ ସାହୁ,ଚକ୍ରଧର ଜେନା (ଡ଼ି ପି ଏମ ) ଏବଂ ଜିଲ୍ଲା ମହିଳା ସ୍ୱାସ୍ଥ୍ୟ ତାଲିମ କେନ୍ଦ୍ରର ଅଧକ୍ଷ ଏହି ବିଶ୍ୱ ଦୃଷ୍ଟି ଦିବସ ଉପରେ ଗୃହରେ ନିଜ ନିଜର ମତାମତ ରଖିଥିଲେ । ଏହି ବୈଠକରେ ବିଶ୍ୱରଂଜନ ନାୟକ, ମନୋଜ ସାହୁ ଏବଂ ପୂର୍ଣ୍ଣ ଚନ୍ଦ୍ର ମାଝୀ ପ୍ରମୁଖ ବ୍ୟକ୍ତି ମାନେ ଉପସ୍ଥିତ ଥିଲେ । ବରିଷ୍ଠ ଚକ୍ଷ୍ୟୁ ବିଶେଷଜ୍ଞ ଡାକ୍ତର ସୁଜିତ କୁମାର ମହାପାତ୍ର ମଂଚ ପରିଚାଳନା କରିଥିବା ବେଳେ ସହକାରୀ ଜିଲ୍ଲା ଯୋଗାଯୋଗ ଅଧିକାରୀ ପ୍ରଦୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଓଡ଼ିଶା ବନ୍ଦକୁ ବାଲେଶ୍ୱର ବାସୀଙ୍କ ସ୍ୱତଃସ୍ଫୂର୍ତ ସମର୍ଥନ: ସିପିଆଇ(ଏମ)

ବାଲେଶ୍ୱର(ନି.ପ୍ର.) ଓଡ଼ିଶାର ସ୍ୱାର୍ଥ ବିରୋଧୀ ଏମ.ଏମ.ଡି.ଆର ଆଇନ ବାତିଲ , ଏସ.ଆଇ.ଆର. ବାତିଲ ଓ ବିଜେପି ଏଜେ[ ମୁଖ୍ୟନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ବହିଷ୍କାର, ତୃଟିପୂର୍ଣ୍ଣ ପାଠ୍ୟପୁସ୍ତକ ବିତରଣ ପାଇଁ ଓଡିଶାର ଗଣ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ସହିତ ରାଜ୍ୟରେ ହୋଇଥିବା ବନ୍ୟାରେ କ୍ଷତିଗ୍ରସ୍ତ ଚାଷି,କୃଷି ଓ ଗ୍ରାମୀଣ ଶ୍ରମିକ ମାନଙ୍କୁ କ୍ଷତିପୂରଣ, ରଣଛାଡ ଓ ଆବାସ ଯୋଜନାରେ ବାସଗୃହ ଆଦି ଦାବିରେ ଇଣ୍ଡିଆ ବ୍ଲକ ତରଫରୁ ଦିଆଯାଇଥିବା ଓଡିଶା ବନ୍ଦ ବାଲେଶ୍ୱର ଜିଲ୍ଲାରେ ଅଭୂତପୂର୍ବ ସଫଳ ହୋଇଛି । ଆଜି ସକାଳୁ କଂଗ୍ରେସ, ସିପିଆଇଏମ, ସିପିଆଇର ନେତୃବୃନ୍ଦ ଓ କର୍ମୀମାନଙ୍କ ତରଫରୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ସମବେତ ହୋଇ ଶୋଭାଯାତ୍ରା କରି ବନ୍ଦକୁ ସଫଳ କରିବା ନିମିତ ଜନସାଧାରଣଙ୍କୁ ନିବେଦନ କରିବା ସହିତ ସରକାରୀ ଅଫିସ, ପୋଷ୍ଟ ଅଫିସ, ବ୍ୟାଙ୍କ, ବୀମାକମ୍ପାନୀ, ଜାତୀୟ ଓ ରାଜ୍ୟ ରାଜପଥ,ବସଷ୍ଟାଣ୍ଡ ମାନଙ୍କରେ ପିକେଟିଂ କରିଥିଲେ । ଆଜି ଜିଲ୍ଲାରେ ବାଲେଶ୍ୱର ସମେତ ଭୋଗରାଇ, ଜଳେଶ୍ୱର, ବସ୍ତା, ବାଲିଆପାଳ, ରେମୁଣା, ନୀଳଗିରି ,ଔପଦା, ଖଇରା,ସିମୁଳିଆ, ସୋର, ବାହାନଗା ଅଂଚଳରେ ସମସ୍ତ ଅଫିସ ଦପ୍ତର, ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିଲା । ଜିଲ୍ଲା ତମାମରେ ସମସ୍ତ ରାସ୍ତାରେ ହଜାର ହଜାର ଗାଡି ମୋଟର ଅଟକି ରହିଥିଲା । ଜିଲ୍ଲାର ଜନସାଧାରଣଙ୍କ ଅକୁଣ୍ଠ ସମର୍ଥନ ଓ ସହଯୋଗ ଯୋଗୁଁ ଏ ବନ୍ଦ ଅଭୁତପୂର୍ବ ସଫଳ ହୋଇଛି । ସିପିଆଇ(ଏମ) ବାଲେଶ୍ୱର ଜିଲ୍ଲା କମିଟି ତରଫରୁ ଜିଲ୍ଲା ସଂପାଦକ ଶିଶିର ହୁଇ , ରାଜ୍ୟ କମିଟି ସଭ୍ୟ ନିର୍ମଳ ନାୟକ, ସିତାଂଶୁ ସେନାପତି ଜିଲ୍ଲାର ଜନସାଧାରଣଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ଏହି ବନ୍ଦରେ ବିଭିନ୍ନ ସ୍ଥାନରେ ବିଜୟ ପାତ୍ର, ପ୍ରେମ ରଞ୍ଜନ ପାତ୍ର, ଦିପ୍ତିମାନ ଆଚାର୍ଯ୍ୟ , ଦିଲ୍ଲୀପ ଗିରି, ଜ୍ୟୋତିର୍ମୟ ରାଉତ, ହରିପ୍ରୀୟା ଜେନା, ସ୍ନେହଲତା ପଣ୍ଡା, ସତ୍ୟଜିତ ଦାସ,ଯୋଗାନନ୍ଦ ଦାଶ, ଶ୍ୟାମସୁନ୍ଦର ଜେନା, ଗୋବିନ୍ଦ ବାରିକ, ଜଗଦାନନ୍ଦ ମହାପାତ୍ର, ବିଶ୍ୱଜିତ ଦାସ ପ୍ରଭୃତି ନେତୃବୃନ୍ଦ ନେତୃତ୍ୱ ନେଇ । ଥିଲେ ।

# ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ମହାନ୍ତି ପୁଣି ଭାରତୀୟ ପ୍ରେସ୍ ପରିଷଦର ସଦସ୍ୟ ମନୋନୀତ ହୋଇଥିବାରୁ ଓୟୁଜେ ବାଲେଶ୍ୱର ଶାଖାର ଅଭିନନ୍ଦନ

ବାଲେଶ୍ୱର, (ନି.ପ୍ର.) ଓଡ଼ିଶା ସାମ୍ବାଦିକ ୟୁନିଅନର ରାଜ୍ୟ ଶାଖା ସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରସନ୍ନ କୁମାର ମହାନ୍ତି ପୁଣିଥରେ ଭାରତୀୟ ପ୍ରେସ ପରିଷଦର ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି । ତାଙ୍କର ଏହି ମନୋନୟନ ପାଇଁ ଓଡ଼ିଶା ସାମ୍ବାଦିକ ୟୁନିଅନର ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ତାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଯାଇଛି । ଶ୍ରୀ ମହାନ୍ତି ଜଣେ ଦକ୍ଷ ସଂଗଠକ, ସୁବକ୍ତା ଓ ରାଜନୈତିକ ସମୀକ୍ଷକ ଭାବେ ପରିଚିତ । ବିଭିନ୍ନ ପରିସ୍ଥିତି ଓ ପ୍ରସଙ୍ଗକୁ ନିର୍ଭୀକ ଭାବେ ବିଶ୍ଳେଷଣ କରିବା ସହ ସ୍ପଷ୍ଟ ମତ ପ୍ରକାଶ କରି ସେ ସାମ୍ବାଦିକତା କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ତାଙ୍କର ସ୍ପଷ୍ଟବାଦିତା ଯୋଗୁଁ ସେ ରାଜନୈତିକ ନେତୃବୃନ୍ଦଙ୍କ ସମେତ ରାଜ୍ୟର ସାଧାରଣ ଲୋକଙ୍କ ମଧ୍ୟରେ ମଧ୍ୟ ପରିଚିତ ହୋଇପାରିଛନ୍ତି ।

ପୂର୍ବରୁ ଭାରତୀୟ ପ୍ରେସ୍ ପରିଷଦର ସଦସ୍ୟ ଥିବା ସମୟରେ ଶ୍ରୀ ମହାନ୍ତି ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟା ଓ ଦାବି ସମ୍ପର୍କରେ ପ୍ରଭାବଶାଳୀ ଭାବେ ପ୍ରସଙ୍ଗ ଉ□ାପନ କରିଥିଲେ । ଏଥିସହ ସାମ୍ବାଦିକ ସମାଜର ସ୍ୱାର୍ଥ ଓ ଅଧିକାର ସମ୍ପର୍କିତ ପ୍ରସଙ୍ଗରେ ସକ୍ରିୟ ଭୂମିକା ନେଇଥିବାରୁ ସେ ଦେଶର ସାମ୍ବାଦିକ ମହଲରେ ନିଜର ଏକ



ସ୍ୱତନ୍ତ୍ର ସ୍ଥାନ ଗଢ଼ି ପାରିଛନ୍ତି । ଶ୍ରୀ ମହାନ୍ତି ଜାତୀୟ ସାମ୍ବାଦିକ ସଂଗଠନ ୟୁନିଅନ ଅଫ୍ ଇଣ୍ଡିଆର ଦୁଇଥର ମହାସଚିବ ଭାବେ ମଧ୍ୟ ଦାୟିତ୍ୱ ତୁଲାଇଥିବା ଉଲ୍ଲେଖ କରି ବାଲେଶ୍ୱର ଜିଲ୍ଲା ଶାଖା କହିଛି ଯେ, ସାମ୍ବାଦିକମାନଙ୍କ ସମସ୍ୟାର ସମାଧାନ ଓ ସେମାନଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ଶ୍ରୀ ମହାନ୍ତି ଦୀର୍ଘଦିନ ଧରି ସକ୍ରିୟ ରହିଆସିଛନ୍ତି । ତାଙ୍କୁ ପୁନର୍ବାର ଭାରତୀୟ ପ୍ରେସ ପରିଷଦର ସଦସ୍ୟ ଭାବେ ମନୋନୀତ କରାଯାଇଥିବାରୁ ଓଡ଼ିଶାର ସାମ୍ବାଦିକ ସମାଜ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ବୋଲି ୟୁନିଅନର ବାଲେଶ୍ୱର ଶାଖା ପକ୍ଷରୁ କୁହାଯାଇଛି । ଏହା ଦ୍ୱାରା ରାଜ୍ୟରେ ଓଡ଼ିଶା ସାମ୍ବାଦିକ ୟୁନିଅନର ସଂଗଠନ ଆହୁରି ସୁଦୃଢ଼ ହେବ ବୋଲି ସଦସ୍ୟମାନେ ଆଶା ପ୍ରକାଶ କରିଛନ୍ତି । ଏକ ପ୍ରେସ ବିବୃତିରେ ୟୁନିଅନର ବାଲେଶ୍ୱର ଜିଲ୍ଲା ସଭାପତି ଗଙ୍ଗାଧର ରାଉତ, ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସ, କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ଦାସ, ବରିଷ୍ଠ ସଦସ୍ୟ ଶିଶିର କୁମାର ଦାସ, ରାମନାରାୟଣ ଶତପଥି, ଚନ୍ଦ୍ରମୋହନ ମହାପାତ୍ର, ଅନାମ ଚରଣ ପଣ୍ଡା, ମଧୁସୂଦନ ଦାସ, ରବିରଞ୍ଜନ ତ୍ରିପାଠୀ, ଉତ୍କଳ ବନ୍ଧୁ ପଣ୍ଡା ଓ ସୋମନାଥ ସାହୁ ପ୍ରମୁଖ ଶ୍ରୀ ମହାନ୍ତିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ଆଜି - ଶୁକ୍ରବାର
ତାରିଖ - ୦୯ ଅକ୍ଟୋବର ୨୦୨୬
ମାସ - କନ୍ୟା, ଦିନ - ୨୩
ତିଥି - ଚତୁର୍ଦ୍ଦଶୀ, ପକ୍ଷ- କୃଷ୍ଣ
ନକ୍ଷତ୍ର - ଉ. ଫାଲ୍‌ଗୁନୀ, କନ୍ୟା ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୪୩: ୦୦
ସୂର୍ଯ୍ୟାସ୍ତ - ୫ : ୨୫ : ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

40th Foundation Day
୪୦ତମ ପ୍ରତିଷ୍ଠା ଦିବସ

E-News : www.Ajikali epaper.com

Vol.- 41 ISSUE- 177 R.N.I. REGD. No. 44026/86 ବାଲେଶ୍ୱର ୦୯ ଅକ୍ଟୋବର ୨୦୨୬ ଶୁକ୍ରବାର BALASORE 09 OCTOBER 2026 FRIDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ - ଟ.୨.୦୦


**SHRI PRATAP CHANDRA SARANGI, MP**
**BALASORE**



## ବାର୍ତ୍ତା

"ଆଜିକାଲି" ସମ୍ବାଦପତ୍ରର ୪୦ତମ ପ୍ରତିଷ୍ଠା ଦିବସ ପାଳନ ହେଉଥିବା ଜାଣି ମୁଁ ଅତ୍ୟନ୍ତ ଆନନ୍ଦିତ ଏହି ଅବସରରେ ଏହାର ସମସ୍ତ ପାଠକ, ସମ୍ପାଦକ, ପରିଚ୍ଳନା କର୍ତ୍ତୃପକ୍ଷ, ସମସ୍ତ ସାମ୍ବାଦିକମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।

ଗତ ଚ୍ରରି ଦଶନ୍ଧି ଧରି "ଆଜିକାଲି" ଗଣମାଧ୍ୟମ ଜଗତରେ ତାର ସତ୍ୟ, ନିରପେକ୍ଷ ଏବଂ ଗଠନ ମୂଳକ ସାମ୍ବାଦିକତାର ସ୍ୱତନ୍ତ୍ର ପରମ୍ପରା ବଜାୟ ରଖିବା ସହ ପାଠକମାନଙ୍କର ଆସ୍ଥାଭାଜନ ହୋଇପାରିଛି । ଲୋକଙ୍କ ଆଶା ଆକାଂକ୍ଷାକୁ ସରକାର ଓ ପ୍ରଶାସନ ନିକଟରେ ପହଂଚାଇବାରେ ସମ୍ବାଦପତର ନିରବଚ୍ଛିନ୍ନ ଅବଦାନ ପ୍ରଶଂସନୀୟ ।

"ଆଜିକାଲି" ସମ୍ବାଦପତ୍ରର ଉତରୋତର ଉନ୍ନତି କାମନା କରିବା ସହିତ ଏହାର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ମୋର ବିନମ୍ର ପ୍ରାର୍ଥନା ।

(ପ୍ରତାପ ଚନ୍ଦ୍ର ଷଡଙ୍ଗୀ)
ସାଂସଦ, ବାଲେଶ୍ୱର

**AVIMANYU SETHI**
Member of Parliament
Lok Sabha
Bhadrak, Odisha



## MESSAGE

It gives me immense pleasure to extend my sincere wishes on the occasion of 40th Foundation Day of a leading odia news paper "AJIKALI" on 8th October 2026 at Baleshwar.

"On this special occasion of the Foundation Day, we proudly celebrate the journey of newspaper "AJIKALI" built on truth, integrity, and the unwavering trust of our readers. Over the years, we have strived to be the voice of the people, a mirror to society, and a beacon of reliable information.

This milestone is not just ours, but belongs to every reader, contributor, and supporter who has stood with us. Together, we reaffirm our commitment to fearless journalism, meaningful storytelling, and serving the community with dedication.

Let us continue to grow, inspire, and uphold the values that define us. Wishing everyone associated with newspaper a joyous Foundation Day

(AVIMANYU SETHI, M.P.)
Lok Sabha, Bhadrak, Odisha

# ALL INDIA SMALL & MEDIUM NEWSPAPERS FEDERATION

Central Office : 26-F, Connaught Place, New Delhi - 110 001
Ph : 2332 6000, 2331 2329 • E-Mail: aismnf@hotmail.com
www.aismnf.com Registration no. S/31908



Founder President
Late Shri Harbhajan Singh

NATIONAL PRESIDENT:
GURINDER SINGH
Indian Observer
New Delhi
VICE PRESIDENT:
LAXMI NARAYAN MOHANTY
Cine Darshan
Odisha
LALIT SUMAN
Mother India
New Delhi
SMT. SHEELA DUBEY
Sandhya Prakash
Madhya Pradesh
GENERAL SECRETARY:
ASHOK NAVRATTAN
Uttar Pradesh
SECRETARY:
RAVNEET SINGH JOSHI
Punjab
M. N. Krishna
Bengaluru
ARIF JAFRI
Uttar Pradesh
TREASURER:
VIJAY SOOD
NRI Link
New Delhi
STATE PRESIDENTS:
K. VENKATA VENU
Andhra Pradesh
DEBAJIT SARKAR
Assam
TARUN SAHU
Chhattisgarh
DEVENDER SINGH TOMAR
Delhi
SYED JUNAID
Jammu & Kashmir
B.R. RAMAMURTHY
Karnataka
Dr. SHAIKH AFSAR
Maharashtra
NAVIN DAS
Odisha
L. C. BHARTIYA
Rajasthan
AMIT PATRO
Sikkim
ANWAR ALI KHAN
Telangana
RAJ KUMAR CHHABRA
Uttarakhand
SHOEB AHMAD
Uttar Pradesh
CONVENORS:
PAWAN SAHYOGI
Delhi
SAURABH VARSHNEY
Uttar Pradesh

**MESSAGE**

5th October, 2026

*On the occasion of the 40th Foundation Day of Ajikali Daily Newspaper, Baleshwar on 9th October, 2026, I extend my warmest greetings and congratulations to the entire Ajikali family, its readers, and the people of Odisha.*

*This is not just an anniversary of a newspaper; it is the celebration of 40 years of courageous, grassroots journalism that started in 1986 from Niliabag, Balasore.*

*On this proud day, we all fondly remember and pay our humble tribute to the soul and creator of Ajikali - Late Shri Bismaya Kumar Mohanty Ji.*

*Bismaya Ji was much more than the Founder-Editor of Ajikali. He was a pillar of the small and medium newspaper movement in India. As the President of Odisha Small and Medium Newspaper Organisation and our beloved colleague in the Federation, he always fought for the rights, dignity and survival of small newspapers. He proved that a mofussil newspaper with honesty and commitment can be more powerful than big houses.*

*His vision, his simplicity and his fearless pen built Ajikali. Though he left us on 8th October 2017, just a day before its foundation day, his ideals are alive in every page of Ajikali.*

*I am proud that his family, especially his daughter & Shri Rajendra Pattanayak Ji, is carrying forward his legacy with same dedication.*

*On behalf of All India Small & Medium Newspapers Federation, I wish Ajikali a glorious future. May it continue to be the voice of the voiceless for the next 40 years and beyond.*

*With best wishes,*

*Gurinder Singh*
*President*

**ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ**
ମନ୍ତ୍ରୀ
ଆଇନ, ପୂର୍ତ୍ତ, ଅବକାରୀ
ଓଡ଼ିଶା



## ବାର୍ତ୍ତା

ବାଲେଶ୍ୱରର ଅଗ୍ରଣୀ ଓଡ଼ିଆ ରଙ୍ଗୀନ ଦୈନିକ 'ଆଜିକାଲି' ଲି' ର ୪୦ତମ ପ୍ରତିଷ୍ଠା ଦିବସ ପାଳନ ହେଉଥିବା ଜାଣି ମୁଁ ଅତ୍ୟନ୍ତ ଆନନ୍ଦିତ ।

ଏକ ଖବରକାଗଜ ପାଇଁ ଚାଳିଶ ବର୍ଷ ଏକ ଗୌରବମୟ ଯାତ୍ର ଯାତ୍ରା ଓ ଗତ ଚାରି ଦଶନ୍ଧି ଧରି ଆଜିକାଲି ନିର୍ଭୀକ ସାମ୍ବାଦିକତା, ଜନ ସଚେତନତ ଚେତନତା ଏବଂ ସାହିତ୍ୟ ସଂସ୍କୃତି କ୍ଷେତ୍ରରେ ନିଷ୍ଠାର ସହ କାର୍ଯ୍ୟ କରି ଆସୁଛି । ଗଣତନ୍ତ୍ରରେ ଏକ ସ୍ୱାଧୀନ, ନିରପେକ୍ଷ ଓ ଦାୟିତ୍ୱବାନ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଆଜିକାଲି ଏହି ଦାୟିତ୍ୱକୁ ବିଶ୍ୱସନୀୟତାର ସହ ନିର୍ବାହ କରିଛି ।

ଏହି ସ୍ମରଣୀୟ ଅବସରରେ ଆଜିକାଲି ପରିବାରର ସମସ୍ତ ସଦସ୍ୟ, ପାଠକ ବନ୍ଧୁଙ୍କୁ ମୋର ଆନ୍ତରିକ ରିକ ଶୁଭେଚ୍ଛା ଓ ଅଭିନନ୍ଦନ । ଆଜିକାଲିର ଉତରୋତର ଉନ୍ନତି କାମନା କରୁଛି ।

(ପୃଥ୍ୱୀରାଜ ହରିଚନ୍ଦନ)

**ସୂର୍ଯ୍ୟବଂଶୀ ସୂରଜ**
ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ)
ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ସେବା,



## ବାର୍ତ୍ତା

'ଆଜିକାଲି'' ସମ୍ବାଦପତ୍ରର ୪୦ ତମ ପ୍ରତିଷ୍ଠା ୦ ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଏହାର ସମସ୍ତ ପାଠକ, ସମ୍ପାଦକ, ସାମ୍ବାଦିକ, ସାମ୍ବାଦିକା, କର୍ମଚାରୀ । ଓ ପରିଚାଳନା କର୍ତ୍ତୃପକ୍ଷଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା, ସାଦର ଅଭିନନ୍ଦନ ଓ ଶୁଭକାମନା ଜଣାଉଛି ।

ଗତ ଚାରି ଦଶନ୍ଧି ଧରି 'ଆଜିକାଲି' ଓଡ଼ିଶାର ଗଣମାଧ୍ୟମ ଜଗତରେ ସତ୍ୟ, ନିରପେକ୍ଷ, ବସ୍ତୁନିଷ୍ଠ ଏବଂ ଗଠନମୂଳକ ସାମ୍ବାଦିକତାର ସ୍ୱତନ୍ତ୍ର ପ ପରମ୍ପରା ବଜାୟ ରଖିବା ସହ ପାଠକମାନଙ୍କ ଆସ୍ଥାଭାଜନ ହୋଇପାରିଛି । ଲୋକଙ୍କ ସମସ୍ୟା, ଆଶା ଓ ଆକାଂକ୍ଷାକୁ ସରକାର ଓ ପ୍ରଶାସନ ନିକଟରେ ପହଂଚାଇବା, ସାମାଜିକ ସଚେତନତା ସୃଷ୍ଟି କରିବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସଂରକ୍ଷଣ ତଥା ପ୍ରସାର କ୍ଷେତ୍ରରେ ଏହି ସମ୍ବାଦପତ୍ରର ନିରବଚ୍ଛିନ୍ନ ଛିନ୍ନ ଅବଦାନ ପ୍ରଶଂସନୀୟ

ଆଜିର ବୈଷୟିକ ଏବଂ ଦ୍ରୁତ ପରିବର୍ତ୍ତିତ ଗଣମାଧ୍ୟମ ଯୁଗରେ ମଧ୍ୟ ଏହାର ଲୋକପ୍ରିୟତା ଓ ଗ୍ରହଣୀୟତା ବୃଦ୍ଧି ପାଇବା ଏହାର ସା ସାଧୁତା ଓ ଗୁଣାତ୍ମକ ମାନର ପରିଚାୟକ । ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବରେ ସମାଜ ପ୍ରତି ଏହାର ଦାୟିତ୍ୱବୋଧ ଏବଂ ସେବା ମନୋଭାବ ଆଗାମୀ ଦିନରେ ଆହୁରି ସୁଦୃଢ଼ ହେବ ବୋଲି ମୋର ଦୃଢ଼ ବିଶ୍ୱାସ ।

ଏହି ୪୦ତମ ପ୍ରତିଷ୍ଠା ଦିବସ ସମାରୋହର ସମ୍ପୂର୍ଣ୍ଣ ସଫଳତା କାମନା କରୁଛି । ଏହି ଅବସରରେ 'ଆଜିକାଲି'' ସମ୍ବାଦପତ୍ରର ନିରନ୍ତର ସମୃଦ୍ଧି, ସୁନାମ ଓ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ।

(ସୂର୍ଯ୍ୟବଂଶୀ ସୂରଜ)

**SHRI PADMALOCHAN PANDA, MLA**
**SIMULIA, EX.-MINISTER**
**AND**
**CHAIRMAN**
**COMMITTEE ON PUBLIC UNDERTAKINGS**
**ODISHALEGISLATIVE**



## ବାର୍ତ୍ତା

"ଆଜିକାଲି" ସମ୍ବାଦପତ୍ରର ୪୦ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଏହାର ସମସ୍ତ ପାଠକ, ସମ୍ପାଦକ, ପରିଚ୍ଳନା କର୍ତ୍ତୃପକ୍ଷ, ସମସ୍ତ ସାମ୍ବାଦିକମାନଙ୍କୁ ଅଭିନନ୍ଦନ ଓ ଶୁଭକାମନା ଜଣାଉଛି ।

ଏହାର ପ୍ରତିଷ୍ଠାତା ସ୍ୱର୍ଗତ ବିସ୍ମୟ ମହାନ୍ତି ଏକାଧାରରେ ଜଣେ ପ୍ରତିଷ୍ଠିତ ସମ୍ବାଦିକ, ସମାଜସେବୀ ଓ ପରୋପକାରୀ ମଣିଷ ଥିଲେ । ତାଙ୍କର ଆବର୍ତ୍ତମାନରେ "ଆଜିକାଲି" ସମ୍ବାଦପତ୍ର ତା'ର ୪୦ ବର୍ଷ ପୂର୍ତ୍ତି ପାଳନ କରୁଥିଲାବେଳେ ସ୍ୱର୍ଗତ ମହାନ୍ତିଙ୍କର ଅଭାବ ନିଶ୍ଚିତ ଏକ ଦୁଃଖଦାୟକ ଘଟଣା ।

ଗତ ଚ୍ରରି ଦଶନ୍ଧି ଧରି "ଆଜିକାଲି" ଗଣମାଧମ ଜଗତରେ ତାର ସତ୍ୟ, ନିରପେକ୍ଷ ଏବଂ ଗଠନ ମୂଳକ ସାମ୍ବାଦିକତାର ସ୍ୱତନ୍ତ୍ର ପରମ୍ପରା ବଜାୟ ରଖିବା ସହ ପାଠକମାନଙ୍କର ଆସ୍ଥାଭାଜନ ହୋଇପାରିଛି । ଲୋକଙ୍କ ଆଶା ଆକାଂକ୍ଷାକୁ ସରକାର ଓ ପ୍ରଶାସନ ନିକଟରେ ପହଂଚାଇବାରେ ସମ୍ବାଦପତର ନିରବଚ୍ଛିନ୍ନ ଅବଦାନ ପ୍ରଶଂସନୀୟ ।

ସ୍ୱର୍ଗତ ବିସ୍ମୟ ମହାନ୍ତି ମୋର ବ୍ୟକ୍ତିଗତ ବନ୍ଧୁଥିଲେ । "ଆଜିକାଲି" ସମ୍ବାଦପତ୍ରର ନିରନ୍ତର ସମୃଦ୍ଧି, ସୁନାମ ଓ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ମୋର ବିନମ୍ର ପ୍ରାର୍ଥନା ।

(ପଦ୍ମଲୋଚନ ପଣ୍ଡା)
ବିଧାୟକ, ସିମୁଳିଆ
ଅଧ୍ୟକ୍ଷ, ଜିଲ୍ଲା ଯୋଜନା ବୋର୍ଡ଼

**ମାନସ କୁମାର ଦତ୍ତ**
ବିଧାୟକ, ବାଲେଶ୍ୱର
ଓଡ଼ିଶା ବିଧାନସଭା

**Manas Kumar Dutta**
MLA Balasore,
Odisha Legislative Assembly



## ବାର୍ତ୍ତା

ବାଲେଶ୍ୱରର ଅଗ୍ରଣୀ ଓ ଜନପ୍ରିୟ ଦୈନିକ ଓଡ଼ିଆ ଖବରକାଗଜ 'ଆଜିକାଲି'ର ୪୦ତମ ପ୍ରତିଷ୍ଠା ଦିବସ ପାଳିତ ହେଉଥିବା ଜାଣି ମୁଁ ଅତ୍ୟନ୍ତ ଆନନ୍ଦିତ । ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ସାମ୍ବାଦିକତା ସମାଜର ଦର୍ପଣ ସଦୃଶ । ଦୀର୍ଘ ଚାରି ଦଶନ୍ଧି ଧରି ନିର୍ଭୀକ ସାମ୍ବାଦିକତା, ନିରପେକ୍ଷ ସମ୍ବାଦ ପରିବେଷଣ ଓ ଜନସ୍ୱାର୍ଥର ସ୍ୱରକୁ ଶାଣିତ କରିବାରେ 'ଆଜିକାଲି' ନିଜର ଏକ ସ୍ୱତନ୍ତ୍ର ପରିଚୟ ଓ ପାଠକୀୟ ଆସ୍ଥା ସୃଷ୍ଟି କରିପାରିଛି । ସତ୍ୟ, ନିଷ୍ଠା ଓ ଦାୟିତ୍ୱବୋଧକୁ ସାମ୍ବାଦିକତାର ମୂଳମନ୍ତ୍ର କରି ଏହି ଖବରକାଗଜ ଓଡ଼ିଆ ଭାଷା ଓ ସାହିତ୍ୟର ସମୃଦ୍ଧି ସହିତ ସମାଜର ସଚେତନତା ଓ ଜନମତ ଗଠନରେ ମଧ୍ୟ ଉଲ୍ଲେଖନୀୟ ଭୂମିକା ତୁଲାଇ ଆସିଛି । ଏବଂ ଏହି ଗୌରବମୟ ୪୦ ବର୍ଷର ସଫଳ ଯାତ୍ରା ଅବ୍ୟାହତ ରହୁ, ସତ୍ୟର ସ୍ୱର ଆହୁରି ସୁଦୃଢ଼ ହେଉ ଏ ସମାଜର ଅବହେଳିତ ଓ ନିଷ୍ପେଷିତ ଲୋକଙ୍କ ଆଶା-ଆକାଂକ୍ଷାର ପ୍ରତିନିଧି ଭାବେ 'ଆଜିକାଲି' ଆଗାମୀ ଦିନରେ ମଧ୍ୟ ଜନସ୍ୱାର୍ଥର ପ୍ରଖର ସ୍ୱର ହୋଇ ନିରନ୍ତର ଅଗ୍ରସର ହେଉ, ଏହା ହିଁ ମୋର ଶୁଭକାମନା । ଏହି ଶୁଭକ୍ଷଣରେ ମୁଁ 'ଆଜିକାଲି' ପରିବାରର ସଭାପତି, ସମ୍ପାଦକ ଓ ସମସ୍ତ ଗଣମାଧମ କର୍ମଚାରୀଙ୍କୁ ହାର୍ଦ୍ଦିକ ଶୁଭକାମନା ଜଣାଇବା ସହ ଗଣମାଧମର ସର୍ବ ସଫଳତା କାମନା କରୁଛି ।

(ମାନସ କୁମାର ଦତ)
ବିଧାୟକ, ବାଲେଶ୍ୱର
ଓଡ଼ିଶା ବିଧାନସଭା

# ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଦ୍ୱାରା 'ସ୍ୱଚ୍ଛତା ହିଁ ସେବା ୨୦୨୬' ଅଭିଯାନ ସଫଳତାର ସହ ସମ୍ପନ୍ନ




ନୂଆଦିଲ୍ଲୀ: ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ୨୦୨୬ ମସିହା ସେପ୍ଟେମ୍ବର ୧୭ ତାରିଖରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଆୟୋଜିତ 'ସ୍ୱଚ୍ଛତା ହିଁ ସେବା' (ଏସ୍‌ଏଚ୍‌ଏସ୍) ୨୦୨୬ ଅଭିଯାନ ସଫଳତାର ସହ ସମ୍ପନ୍ନ ହୋଇଛି । ସ୍ୱଚ୍ଛ ଭାରତ ଦିବସ ଅବସରରେ ଏହି ଅଭିଯାନ ଉଦ୍‌ଯାପିତ ହୋଇଥିଲା । "ସ୍ୱଚ୍ଛତାରେ ସମସ୍ତଙ୍କ ଅଂଶଗ୍ରହଣ; ସ୍ୱଚ୍ଛ ଭାରତ, ବିକଶିତ ଭାରତ" ବିଷୟବସ୍ତୁକୁ ନେଇ ଆୟୋଜିତ ଏହି ଅଭିଯାନରେ ସ୍ୱଚ୍ଛ ଓ ବିକଶିତ ଭାରତର ଲକ୍ଷ୍ୟ ଏବଂ ସଂକଳ୍ପକୁ ଆଗେଇ ନେବାରେ ପ୍ରତ୍ୟେକ ବ୍ୟକ୍ତିଙ୍କ ସାମୂହିକ ଭୂମିକା ଓ ଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏହାସହିତ 'ଘନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ, ୨୦୨୬' ସମ୍ପର୍କରେ ସଚେତନତା ସୃଷ୍ଟି କରିବା, ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଯୁବବର୍ଗଙ୍କ ଅଂଶଗ୍ରହଣ ବୃଦ୍ଧି କରିବା ଏବଂ ସାମୂହିକ ଦାୟିତ୍ୱବୋଧ ଓ ଜନଭାଗିଦାରୀକୁ ପ୍ରୋତ୍ସାହିତ କରିବା ମଧ୍ୟ ଏହି ଅଭିଯାନର ଲକ୍ଷ୍ୟ ଥିଲା ।

# "ଆଜିକାଲି" ର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ



## ଆଜିକାଲି



ଯେଷାମର୍ଥେକାଙ୍କ୍ଷିତଂ ନୋ ରାଜ୍ୟଂ ଭୋଗାଃ ସୁଖାନି ଚ ।
ତ ଇମେଽବସ୍ଥିତା ଯୁଦ୍ଧେ ପ୍ରାଣାଂସ୍ତ୍ୟକ୍ତ୍ୱା ଧନାନି ଚ ॥
(ଶ୍ରୀମଦ୍ ଭଗବଦ୍ ଗୀତା)

*ଭାବାର୍ଥ : ଆମେ ଯେଉଁମାନଙ୍କ ପାଇଁ ରାଜ୍ୟ, ଭୋଗ ଓ ସୁଖାଦି ଅଭିଳାଷ କରୁଛୁ, ଦେଖନ୍ତୁ ଏହି ଠାରେ ସେହିମାନେ ତ ଧନ ଓ ଜୀବନର ଆଶା ଛାଡ଼ି ଯୁଦ୍ଧ କରିବାକୁ ଠିଆ ହୋଇଛନ୍ତି ।*

## ଗୌରବମୟ ଜୟଯାତ୍ରାର ୪୦ବର୍ଷ

ସମୃଦ୍ଧ ଓଡ଼ିଶା ତଥା ନିଜ ଜିଲ୍ଲାର ଶିକ୍ଷା, ଜ୍ଞାନ ତଥା ଜଣାଅଜଣାର ଅଜ୍ଞାତ ଖବରକୁ ପ୍ରସାର ଓ ପ୍ରଚାର କରିବା ତଥା ସତ୍ୟ ପାଇଁ କଲମ ଚାଳନା କରି ଏକ ସ୍ୱତନ୍ତ୍ରତା ବଜାୟ ରଖିବାକୁ ଯାଇ ୧୯୮୬ ମସିହାର ଏକ ଶୁଭ ଦିବସରେ ସ୍ନେହ ଶ୍ରଦ୍ଧାରେ ପଲ୍ଲବିତ ଗୌରବର ପ୍ରତିଭୂ ଗଣମାଧ୍ୟମ ଜଗତର ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ବିସ୍ମୟ କୁମାର ମହାନ୍ତିଙ୍କ ପ୍ରଗାଢ଼ ଚେଷ୍ଟା ଓ ଉଦ୍ୟମରେ ବାଲେଶ୍ୱରରୁ ଜନ୍ମ ନେଲା ଦୈନିକ ସମ୍ବାଦପତ୍ର 'ଆଜିକାଲି' । ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ମନ୍ତ୍ରୀମଣ୍ଡଳର ବରିଷ୍ଠ ସଦସ୍ୟ ଶରତ ରାଉତଙ୍କ କରକମଳରେ ଉଦ୍‌ଘାଟିତ ହୋଇ ପାଠକମାନଙ୍କ ପାଇଁ ଉତ୍ସର୍ଗୀକୃତ କରାଯାଇଥିଲା । ପ୍ରତିଷ୍ଠାତା ସମ୍ପାଦକ ୰ ବିସ୍ମୟ ମହାନ୍ତି ଏବଂ ମୁଖ୍ୟ ସମ୍ପାଦକ ସ୍ୱର୍ଗତ ଦୁଲାଲ ମିଶ୍ର ଓ ପ୍ରକାଶକ ସ୍ୱର୍ଗତ ଅନନ୍ତ ଚରଣ ମହାନ୍ତି ଦାୟିତ୍ୱରେ ଥାଇ ନିଜ ନିଜର କର୍ମ ସମ୍ପାଦନରେ ଏହି ଖବରକାଗଜକୁ ଏକ ବିଶାଳ ଦ୍ରୁମରେ ପରିଣତ କରାଯାଇଛନ୍ତି ଯାହା ସତରେ ଅବିସ୍ମରଣୀୟ । ବାଲେଶ୍ୱର ନିଳିଆବାଗ ସ୍ଥିତ କାର୍ଯ୍ୟାଳୟରୁ 'ଆଜିକାଲି' ପ୍ରକାଶ ପାଉଥିଲା । ପ୍ରଥମେ ହାତରେ ଅକ୍ଷର ଖଞ୍ଜାହୋଇ ଚାରିପୃଷ୍ଠା କଳେବର ନେଇ ପାଠକମାନଙ୍କ ପ୍ରିୟ ଭାଜନ ହୋଇପାରିଥିବା ବେଳେ ପରବର୍ତ୍ତୀ ସମୟରେ ସମୟ ସହ ତାଳଦେଇ ଅପସେଟ୍ ପ୍ରିଟିଙ୍ଗ୍ ମାଧ୍ୟମରେ ଖବରକାଗଜର ରୂପରେଖକୁ ଅତ୍ୟାଧୁନିକ କରାଯାଇଥିଲା । ଯାହାଫଳରେ ଆଜିକାଲି ସମ୍ବାଦପତ୍ରର ଲେଆଉଟ୍ ଏବଂ ଗୁଣବତା ସଂପୂର୍ଣ୍ଣ ବଦଳିଯାଇଥିଲା । କହିବାକୁ ଗଲେ 'ଆଜିକାଲି' ଖବର ପହଂଚାଇବା ପାଇଁ ଜନ୍ମ ନେଇନଥିଲା ବରଂ ତାହାର ବିରାଟ ଲକ୍ଷ୍ୟ ଥିଲା ଲୋକଙ୍କ ପ୍ରତି ପ୍ରଜ୍ୱଳିତ ଜ୍ଞାନ ଦର୍ଶନର ଦାୟିତ୍ୱ, ସମାଜପ୍ରତି ସମ୍ବେଦନଶୀଳତା ଏବଂ ନିଜ ଜନ୍ମମାଟି ଲୋକଙ୍କ କଥାକୁ ନିଜ ଭାଷାରେ କହିବାର ଏକ ଅନ୍ତର୍ନିହିତ ଆବଶ୍ୟକତା । ଓଡ଼ିଆ ଭାଷା ଓ ସାହିତ୍ୟର ସୁରକ୍ଷା ଏବଂ ସମସ୍ତ ଓଡ଼ିଆ ଭାଷାଭାଷୀ ଅଂଚଳକୁ ଗୋଟିଏ ପ୍ରଶାସନିକ କ୍ଷେତ୍ରକୁ ଆଣିବା ପାଇଁ ଦୃଢ଼ସ୍ୱର ଉତୋଳନ କରିଥିବା 'ଆଜିକାଲି' ତାର ସ୍ୱତନ୍ତ୍ର ପୃଷ୍ଠା ମାଧ୍ୟମରେ ଶିଶୁ ପତ୍ରିକା, ନାରୀଜଗତ, ସାହିତ୍ୟଫର୍ଦ୍ଦ, କ୍ରୀଡ଼ା ପ୍ରଭୃତି ଅଳଙ୍କରଣ କରାଯାଇ ସମ୍ବାଦପତ୍ର ପୃଷ୍ଠାସହ ପାଠକମାନଙ୍କ ପଠନ ଶୈଳୀକୁ ଆଧୁନିକୀକରଣ ଏବଂ ଉତ୍ସାହିତ କରିବା ସଂଗେ ସଂଗେ ଉତର ଓଡ଼ିଶାର ଲୋକାଦୃତ ହୋଇଥିଲା ଏବଂ ସ୍ଥାନୀୟ ଖବର ପ୍ରସାରଣରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲା ଯାହାକି ସମ୍ବାଦପତ୍ର ଜଗତରେ ଏକ ଯୁଗାନ୍ତକାରୀ ପଦକ୍ଷେପ । ସାମ୍ବାଦିକତା ଏକ ସାମାଜିକ ଉପଚାର ଓ ବିଜ୍ଞାପିତ କର୍ମବିଧି ଯେଉଁଥିରେ ଜନସାଧାରଣଙ୍କ ନିମନ୍ତେ ଭରପୂର ହୋଇ ରହିଥାଏ ଦିଗ୍‌ଦର୍ଶନମାନ । ସାମ୍ବାଦପତ୍ର ସାଧାରଣ ଠାରୁ ଅସାଧାରଣ ଓ ଭିନ୍ନମାନର । ସମ୍ବାଦପତ୍ରର ସାମ୍ବାଦିକ ହେଉଛନ୍ତି ଏକାଧାରରେ ଦର୍ଶକ, ଆଲୋଚକ, ପର୍ଯ୍ୟବେକ୍ଷକ ଓ ସମୀକ୍ଷକ । ସମାଜ, ସରକାର ସମସ୍ତଙ୍କୁ ବାଟ ଦେଖାନ୍ତି,ସମୀକ୍ଷା କରନ୍ତି । ତେଣୁ ସମ୍ବାଦପତ୍ରକୁ ଆମେ ଶ୍ରେଷ୍ଠ ଗଣ ମାଧ୍ୟମ ବା ଶ୍ରେଷ୍ଠ ଗଣଶକ୍ତି ଭାବରେ ଗ୍ରହଣ କରିଥାଉ । ୨୦୦୪ ମସିହାରେ 'ଆଜିକାଲି କାର୍ଯ୍ୟାଳୟ ନିଳିଆବାଗରୁ ଫକୀରମୋହନ ଗୋଲେଇ ସ୍ଥିତ କାର୍ଯ୍ୟାଳୟକୁ ସ୍ଥାନାନ୍ତରିତ କରାଯାଇ ସେଠାରେ କିଛିଦିନ ଖବର ପ୍ରକାଶନ କରାଯାଉଥିଲା । ପ୍ରକାଶକ ତଥା ମୁଦ୍ରାକର ଅନନ୍ତଚରଣ ମହାନ୍ତିଙ୍କ ଦେହାନ୍ତ ପରେ ତାଙ୍କ ସ୍ଥାନରେ ଶ୍ରୀଯୁକ୍ତ କିଶୋର ଦାସ ଅଦ୍ୟାବଧି ଦାୟିତ୍ୱ ତୁଲାଉଛନ୍ତି । ପୁନଶ୍ଚ ୨୦୦୯ ମସିହା ଏପ୍ରିଲ ମାସରେ 'ଆଜିକାଲି' ଅଫିସ୍ ଗୋପାଳଗାଁ ଠାରେ ଥିବା ନିଜସ୍ୱ ଗୃହକୁ ଉଠିଆସି ସଗୌରବେ ପାଠକମାନଙ୍କ ପାଖେ ସମ୍ବାଦ ଜରିଆରେ ଆଦୃତଲାଭ କରିଆସୁଅଛି । ତେବେ ଭାଗ୍ୟର ବିଡ଼ମ୍ବନା ୨୦୧୭ ମସିହା ଅକ୍ଟୋବର ୮ ତାରିଖ ଦିନ ପୁରୀ ଶ୍ରୀକ୍ଷେତ୍ରରେ ଏହି ଅପ୍ରତିଦ୍ୱନ୍ଦୀ ମହାନାୟକ ସାମ୍ବାଦିକ ତଥା 'ଆଜିକାଲି'ର ପ୍ରତିଷ୍ଠାତା ସମ୍ପାଦକ ବିସ୍ମୟ କୁମାର ମହାନ୍ତିଙ୍କର ଦେହାନ୍ତ ହୋଇଗଲା । ତାଙ୍କ ଦେହାବସାନ ପରେ ତାଙ୍କ ଧର୍ମପତ୍ନୀ ସ୍ୱର୍ଗତା ବିଜୟଲକ୍ଷ୍ମୀ ମହାନ୍ତି ସମ୍ପାଦିକା ଭାବେ ଦାୟିତ୍ୱ ବହନ କରିଥିଲେ । କିନ୍ତୁ ବିଡ଼ମ୍ବନା ଏହିକିଯେ ୨୦୨୦ ମସିହା ଅଗଷ୍ଟ ୨୭ ତାରିଖ ଦିନ ସେ ମଧ୍ୟ କରୋନାରେ ସ୍ୱର୍ଗବାସୀ ହୋଇଗଲେ । ତାଙ୍କ ଆବର୍ତ୍ତମାନରେ ତାଙ୍କ ପୁତ୍ର ନିର୍ମାଲ୍ୟ ମହାନ୍ତି ସମ୍ପାଦକ ଭାବେ ଅଦ୍ୟାବଧି ଦାୟିତ୍ୱ ତୁଲାଉଛନ୍ତି । ଦୀର୍ଘ ୪୦ବର୍ଷର ସଫଳ ଯାତ୍ରା ପଛରେ ରହିଛି ପ୍ରତିଷ୍ଠାତା ପୂର୍ବତନ ଓ ବର୍ତ୍ତମାନର ସମ୍ପାଦକ, ସାମ୍ବାଦିକ, ଆଜିକାଲି କାର୍ଯ୍ୟାଳୟର କର୍ମଚାରୀ, ପାଠକ ପାଠିକା, ବିଜ୍ଞାପନଦାତା ସଦିଚ୍ଛୁମାନଙ୍କ ସହଯୋଗ ଓ ଭଲପାଇବା । ଆଜିର ୪୦ତମ ପ୍ରତିଷ୍ଠା ଦିବସରେ ଆମର ଅଗଣିତ ପାଠକ ପାଠିକା, ବିଜ୍ଞାପନଦାତା, ଶୁଭେଚ୍ଛୁମାନଙ୍କ ସହଯୋଗରେ ବିଶ୍ୱାସନୀୟତା ନିର୍ଭିକତାର ସହିତ ବଢ଼ିଚାଲିବ ବୀର ଦର୍ପ ଗତିରେ 'ଆଜିକାଲି' ।

ସେ ଥିଲେ ଜଣେ ପ୍ରତିଷ୍ଠିତ ସୁ- ସାମ୍ବାଦିକ, ପ୍ରଜ୍ଞାପୁରୁଷ, ସ୍ୱଚ୍ଛ ଆଲୁଅ । ଜଣେ କରିତ୍ କର୍ମା, ଗୁଣଗ୍ରାହୀ ସୁପୁରୁଷ । ସବୁଠି କେବଳ ବିଶିଷ୍ଟ ଆଉ ବିଶିଷ୍ଟ । ଜଣେ ଅସାଧାରଣ ପ୍ରତିଭାର ଅଧିକାରୀ, ଭଗବତ ବିଶ୍ୱାସୀ, କର୍ମ କୁଶଳୀ କାରିଗର । ନିଜର ମାନସ ସନ୍ତାନ "ଆଜିକାଲି" ସମ୍ବାଦପତ୍ରର ସଂପାଦକ । ଆଗଧାଡ଼ିର ଜଣେ ଆଦର୍ଶ ବ୍ୟକ୍ତିବିଶେଷ । ସମସ୍ତଙ୍କୁ ଆପଣାର କରିବାର ଏବଂ ଦୂରଦୂରାନ୍ତରୁ ସମସ୍ତେ ଏକାଠି ହୋଇ ଉତ୍ସବ ଉପଭୋଗ କରିବା ତଥା ଚାନ୍ଦିପୁର ବେଳାଭୂମିକୁ ସୁଦୂରପ୍ରସାରୀ ପାଇଁ ନିଜସ୍ୱ ଚିନ୍ତାଧାରା ମାଧ୍ୟମରେ ଏକ ନିଆରା ପରଂପରା ସୃଷ୍ଟି କରି ସେ ହଇଚଇ କରିଥିଲେ ଯାହାର ଉଦାହରଣ ଚାନ୍ଦିପୁର ସୁବର୍ଣ୍ଣ ବେଳାଭୂମି ମହୋତ୍ସବ, ଦୁର୍ଗାପୂଜା ଅବସରରେ ରାବଣପୋଡ଼ି ଉତ୍ସବ । ତାଙ୍କର ସୁ-କୀର୍ତି କେବଳ ଜିଲ୍ଲା ରାଜ୍ୟରେ ନଥିଲା ଥିଲା ସାରା ଭାରତରେ । ଯେଉଁକାମ ଅତି କଷ୍ଟ ହେଉନା କାହିଁକି କେହି କରିବାକୁ ନାରାଜ ହେଉଥିଲେ ସେ କିନ୍ତୁ ଛୁ ମନ୍ତର ଭଳି ଚୁଟକୀରେ କାମ କରାଇ ପାରୁଥିଲେ । ସେଥିପାଇଁ ତ ସେ କର୍ମଯୋଗୀ । ଅନେକଙ୍କୁ ସେ କର୍ମ ସଂସ୍ଥାନ ଯୋଗାଇଛନ୍ତି । ବହୁ ଘାତପ୍ରତିଘାତ ମଧ୍ୟରେ ସେ ଯେଉଁ ଉଚ୍ଚ ଆସନର ଅଧିକାରୀ ହୋଇ ପାରିଥିଲେ ତାହା କେବଳ ତାଙ୍କର ଥିଲା ଅଗାଧ ପରିଶ୍ରମ । ଆଜି ସେ ବହୁ ଦୂରରେ, ହୁଏତ ତାଙ୍କର ନଶ୍ୱର ଶରୀର ନାହିଁ, କିନ୍ତୁ ସେ ସଦାସର୍ବଦା ଆମ ପାଖରେ ଅଦୃଶ୍ୟ ଭାବେ ରହି ପଥପ୍ରଦର୍ଶକ ସାଜିଛନ୍ତି । କିଛି ସ୍ମୃତି କିଛି ଅନୁଭୂତିକୁ ନେଇ ହୃଦୟର ରୋମନ୍ଥନରେ ଅନୁଚିନ୍ତନର ଆବେଗ ଆଲେଖ୍ୟ ।

ପ୍ରସ୍ତୁତି ଓ ଅଳଂକରଣ ◆ସ୍ମିତାରାଣୀ ଦାସ

## ବାବା ! ତୁମେ ଯଦି ଫେରି ଆସନ୍ତ କି ?

◆ ଇଂ ନିର୍ମାଲ୍ୟ ମହାନ୍ତି

ବାବା ତୁମେ କର୍ମବୀର
ତୁମେ ଚାଲିଗଲ
ଅନେକ ଦୂରକୁ ଅନେକ ଦୂରକୁ
ଲୁହରେ ଭସାଇ ସଭିଙ୍କୁ
ଇହଧାମ ତ୍ୟାଗ କରିଦେଲ
ତୁମେ କେଉଁଆଡ଼େ ଗଲ
ହେ ମୋ ବାବା !
ତୁମେ ଥିଲ ସମସ୍ତଙ୍କ ଭାଇ
ତୁମେ ପୁଣି ଥିଲ ବନ୍ଧୁ
ସମୟ ସୁଅରେ ତ୍ୟାଗ ମଧ୍ୟରେ
ଅନ୍ୟକୁ ହସାଉ ଥିଲ
ଥିଲ ତୁମେ ଭଗବତ ବିଶ୍ୱାସୀ
ଶ୍ରୀ ଜଗନ୍ନାଥଙ୍କୁ କରୁଥିଲ ସଦା ପ୍ରୀତି
ସମସ୍ତ କାର୍ଯ୍ୟରେ ପ୍ରଭୁଙ୍କୁ ସ୍ମରଇ
ଚାଲୁ ଥିଲ କର୍ତବ୍ୟ କରି
କେବେ ନ ହେଲ ପଥହୁଡ଼ି
ତୁମରି ବିହୁନେ ସବୁ କିଛି ଶୂନ୍ୟ
ଲାଗେ ଖାଲି ଖାଁ, ଖାଁ
ହୁଅନ୍ତା କି ସତ ଯଦି ତୁମେ
ଆସନ୍ତ କି ଏ ଦୁନିଆକୁ ଫେରି ।

*ସଂପାଦକ – "ଆଜିକାଲି"*

## କର୍ମବୀର ବିସ୍ମୟ : ଏକ ବିଶ୍ଳେଷଣ

ବୈଚିତ୍ର୍ୟମୟ ସୃଷ୍ଟି ବିଚିତ୍ର ଏ ସଂସାର ଏବଂ ବିଚିତ୍ରତା ମଧ୍ୟରେ ଜୀବନର ମୂଲ୍ୟ । ଜୀବନର ପରିଭାଷାକୁ ବୁଝିବାକୁ ହେଲେ ଜନ୍ମ ଓ ମୃତ୍ୟୁ ଘୂର୍ଣ୍ଣନଚକ୍ର ମଧ୍ୟରେ ଦୁଇଟି ଶବ୍ଦର ବିଶେଷତ୍ୱ ଓ ବିଶ୍ଳେଷଣ କରି ଅନୁଧ୍ୟାନ କଲେ ଦୁଇଟି ଛକିର ମଧ୍ୟବର୍ତ୍ତୀସ୍ଥଳ ହିଁ ଜୀବନ । ଯାହା ମୂଳରୁ ଶେଷଯାଏଁ । ଜୀବନ ଜଂଜାଳର କର୍ମ କରୁକରୁ ଚଲାବାଟରେ କେତେବେଳେ ନିୟତିର ଶେଷ ଇସ୍ତାହାରରେ ମଂଜୁରପ୍ରାପ୍ତ ଦସ୍ତଖତ ପଡ଼ିଯାଏ ତାହା କେହି ବି ଜାଣି ନ ଥାଆନ୍ତି । ତଥାପି ଜ୍ଞାନୀ ଦକ୍ଷତାଧାରୀ ମଣିଷ କ୍ଷଣଭଂଗୁର ଦୁନିଆରେ ଦୁଇ ଦିନର ଅତିଥି ହୋଇ ମଧ୍ୟ ନିଜର ପ୍ରଜ୍ଞା ଓ କର୍ମବୀରତ୍ୱରେ ଗୌରବୋଜ୍ଜ୍ୱଳ କୀର୍ତି ମ୍ନରେ ଅସ୍ତମିତ ହେବା ପରେ ମଧ୍ୟ ବଂଚି ରୁହନ୍ତି ସବୁ ସମୟରେ ଏବଂ ସବୁ ଦିନ ପାଇଁ ଜନମାନସର ସ୍ମୃତିପଟ୍ଟରେ ଅଲିଭା ଦାଗଟିଏ ହୋଇ ପ୍ରତିବିମ୍ବିତ ପ୍ରତିକ୍ଷଣରେ ପ୍ରତିମୁହୂର୍ତରେ ।

*ବଡ଼ କ୍ରୁର କାଳ ବଡ଼ ଅବିଶ୍ୱାସୀ
ହାବୁଡ଼ି ଯିବ ସେ ନିମିଷକେ ଆସି ।*

ଏହି ସବୁର ବିଶ୍ଳେଷଣ ମାଧ୍ୟମରେ ଆଜି ଏପରି ଜଣେ ବଳିଷ୍ଠ ବ୍ୟକ୍ତିବିଶେଷ ଯାହାଙ୍କ କର୍ମ ଓ ସାଧନା ତାଙ୍କୁ ଆଜି ସ୍ମରଣୀୟ ରଖିପାରିଛି ନିଜର କୀର୍ତି ଓ ଦକ୍ଷତା ବଳରେ । ସେହି ପ୍ରଜ୍ଞାପୁରୁଷ ହେଉଛନ୍ତି ବାଲେଶ୍ୱରରୁ ପ୍ରକାଶ ପାଉଥିବା ଦୈନିକ ସମ୍ବାଦପତ୍ର "ଆଜିକାଲି"ର ପ୍ରାଣପ୍ରତିଷ୍ଠାତା ୰ ବିସ୍ମୟ କୁମାର ମହାନ୍ତି । 'ବିସ୍ମୟ' ଯାହା ନାମରୂପକ ଶବ୍ଦ ନୁହେଁ, ସେ ସତରେ ଜଣେ ବିସ୍ମାତିଭୂତ ।



ଅସମ୍ଭବକୁ ଅନାୟାସରେ ସମ୍ଭବ କରିବାର ସତେ କି ଏକ ଅନୁଷ୍ଠାନ । ଜନ୍ମ ଓ ଜୀବନର କ୍ରିୟାଶୀଳଧାରା : ୧୯୫୭ ମସିହା ଫେବୃଆରୀ ମାସ ଦୁଇ ତାରିଖ ଦିନ ପୂଣ୍ୟପବିତ୍ର ବାଲେଶ୍ୱର ଜିଲ୍ଲାର ଖଇରା ସାରଡାଙ୍ଗ ଠାରେ ଜମିଦାର ବଂଶର ଉତରଦାୟାଦ ରୂପେ ବଂଶଉଜ୍ଜ୍ୱଳ କରି ପିତା ୰ ସଚ୍ଚିନ୍ଦ୍ର ପ୍ରସାଦ ମହାନ୍ତି ଓ ମାତା ୰ ସାବିତ୍ରୀ ଦେବୀଙ୍କ କୋଳମଣ୍ଡନ କରିଥିଲେ ବିଶିଷ୍ଟ ସମାଜସେବୀ, ରାଜନୈତିକ ବ୍ୟକ୍ତିତ୍ୱ , "ଆଜିକାଲି ସମ୍ବାଦପତ୍ରର ପ୍ରତିଷ୍ଠାତା ତଥା ସାମ୍ବାଦିକ ୰ ବିସ୍ମୟ କୁମାର ମହାନ୍ତି । ଯେତେବେଳେ ସେ ତାଙ୍କର ବାଲ୍ୟଶିକ୍ଷା ଆରମ୍ଭ କରିଥିଲେ ବିଧାତାଙ୍କ ନିଷ୍ଠୁରତାରେ ମାତ୍ର ତୃତୀୟ ଶ୍ରେଣୀରେ ପଢୁଥିବା ବେଳେ ଏହି ଅପ୍ରତିଦ୍ୱନ୍ଦୀ ପ୍ରତିଭାଙ୍କର ପିତୃବିୟୋଗ ଘଟିଥିଲା । ବହୁ ଘାତପ୍ରତିଘାତ ମ୍ନରେ ବଡ଼ବାପା ସୁରେନ୍ଦ୍ର ପ୍ରସାଦ ମହାନ୍ତିଙ୍କ ପାଖରେ ରହି ଅକ୍ଲାନ୍ତ ପରିଶ୍ରମ କରି ମେଟ୍ରିକ୍ ପାଶ୍ କରିଥିଲେ । ହାଇସ୍କୁଲରେ ପଢ଼ିବା ଭିତରେ ସେ ଜଣେ ବଳିଷ୍ଠ ସାମ୍ବାଦିକ ହେବାର ସ୍ୱପ୍ନ ଦେଖିଥିଲେ । ମେଟ୍ରିକ ପାଶ୍ କରିବା ପରେ ସେ ସୋରୋ କଲେଜରୁ ଆଇ.ଏ ଏବଂ ବି.ଏ ପାଶ୍ କରିଥିଲେ । ପରେ ବାଲେଶ୍ୱର 'ଫକୀରମୋହନ କଲେଜରୁ ଏମ୍.ଏ ପାଶ୍ କରିବା ସହ ବାଲେଶ୍ୱର ଆଇନ ବିଦ୍ୟାଳୟରୁ ଏଲ୍‌ଏଲ୍‌ବି ମଧ୍ୟ ପାଶ୍ କରିଥିଲେ । ଦେଶ ବିଦେଶର ସବୁକଥା ଜାଣିବା ପାଇଁ ଆଗ୍ରହ ଥିବା ଏବଂ ପଢ଼ିବାର ରୁଚି ରଖି ଆଗାମୀ ଭବିଷ୍ୟତରେ ଜଣେ ଭଲ ସାମ୍ବାଦିକ ହେବାର ତାଙ୍କର ସଂକଳ୍ପ ବାରମ୍ବାର ସ୍ୱପ୍ନରେ ଜାଗି ଉଠୁଥିଲା । ଏହି ସ୍ୱପ୍ନ ଦେଖୁଥିବା ଛାତ୍ର ଜଣକ ପରବର୍ତୀ ସମୟରେ ଭୁବନେଶ୍ୱରରୁ ପ୍ରକାଶ ପାଉଥିବା "ଦିନଲିପି" ସମ୍ବାଦପତ୍ରରେ କିଛିଦିନ ପାଇଁ ସାମ୍ବାଦିକତା କରିଥିଲେ ଏବଂ ବହୁ ତଥ୍ୟକୁ ହାସଲ କରି ନିଜ ସ୍ୱପ୍ନକୁ କାର୍ଯ୍ୟକାରୀ କରିବା ପାଇଁ ସେ କଠିନ ପରିଶ୍ରମରେ ଲାଗି ପଡ଼ିଲେ । ନିଜ ଜିଲ୍ଲା ତଥା ଜନ୍ମମାଟିରେ ସ୍ୱକୀୟ ପ୍ରତିଭାର ପରିପ୍ରକାଶ ଏବଂ ଜଣାଅଜଣା ସଂପର୍କିତ ବିଦେଶ, ଦେଶ ତଥା ରାଜ୍ୟ, ଜିଲ୍ଲା, ଗାଁ ଗଣ୍ଡା କୋଣଅନୁକୋଣକୁ ବାର୍ତା ମ୍ନମରେ ପାଠକମାନଙ୍କ ପାଖେ ପହଂଚାଇବାର ମାଧ୍ୟମ ସ୍ୱରୂପ ୧୯୮୬ ମସିହା ଏପ୍ରିଲ ୨୮ ତାରିଖ ଦିନ ତାଙ୍କ ପ୍ରଚେଷ୍ଟାରେ ପ୍ରକାଶ ପାଇଲା ଦୈନିକସମ୍ବାଦପତ୍ର "ଆଜିକାଲି" । ନିଜର ତ୍ୟାଗ, ଦକ୍ଷତା ଏବଂ ପିଲାଠାରୁ ବଡ଼ ପର୍ଯ୍ୟନ୍ତ ପାଠକ ମାନଙ୍କ ପାଇଁ ବୋଧଗମ୍ୟ ହେବା ଭଳି ପୃଷ୍ଠା ଖୁବ୍ ଲୋକଗ୍ରାହୀ ହୋଇ ପାରିଥିଲା ଏବଂ ଅଦ୍ୟାବଧି ହେଉଛି ମଧ୍ୟ ।

ବିସ୍ମୟ ମହାନ୍ତି ସୁଅ ମୁହଁରେ ପତର ହୋଇ ଭାସିଗଲା ପରି ବ୍ୟକ୍ତିତ୍ୱ ନଥିଲେ । ବରଂ ସ୍ରୋତର ବିପରୀତ ଦିଗରେ ଯାଇ ସବୁ ଝଡ଼ଝଂଜାକୁ ସାମ୍ନା କରି ସମାଜରେ ନିଜକୁ 'ଜଣେ' ଭାବେ ସ୍ୱତନ୍ତ୍ରତା ହାସଲ କରିଥିଲେ । କେବଳ ସାମ୍ବାଦିକତା କ୍ଷେତ୍ରରେ ନୁହେଁ ଜଣେ ସକ୍ରିୟ ରାଜନୀତିରେ ଅଂଶଗ୍ରହଣ କରି ୧୯୯୪ ମସିହାରେ ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀରୁ ଏମ୍‌ଏଲ୍‌ଏ ଭାବେ ପ୍ରତିନିଧିତ୍ୱ କରିଥିଲେ । ଏତଦ୍‌ବ୍ୟତୀତ ବହୁ ଅନୁଷ୍ଠାନ ସହ ଜଡ଼ିତ ଥାଇ ବହୁ ଜନହିତକର ଏବଂ ଆମୋଦକର ପାଇଁ କାର୍ଯ୍ୟବିଧି କରିବା ସହ ନିଜ ଉଦ୍ୟମରେ ବାଲେଶ୍ୱରର ବିଶ୍ୱପ୍ରସିଦ୍ଧ କ୍ଷେପଣାସ୍ତ୍ରଘାଟୀ ଚାନ୍ଦିପୁରକୁ ଆହୁରି ଆକର୍ଷଣୀୟ କରିବା ଏବଂ ଦେଶ ବିଦେଶ କୋଣଅନୁକୋଣରୁ ଲୋକମାନଙ୍କୁ ଆକର୍ଷିତ କରି ଆଣିବା ପାଇଁ ଆରମ୍ଭ କରିଥିଲେ "ସୁବର୍ଣ୍ଣବେଳାଭୂମି ମହୋତ୍ସବ" । ସେହିପରି ବାଲେଶ୍ୱରରେ ପ୍ରସିଦ୍ଧିଲାଭ କରିଥିବା ଦୁର୍ଗାପୂଜାକୁ ଆହୁରି ଅଧିକ ଆକର୍ଷଣୀୟ ପାଇଁ "ରାବଣପୋଡ଼ି" ଉତ୍ସବ ଥିଲା ଆଉ ଏକ ଫର୍ଦ୍ଦ ତାଙ୍କ ସଫଳତାର ପୃଷ୍ଠାରେ । କ୍ଷୁଦ୍ର ଏବଂ ମଧ୍ୟମ ସମ୍ବାଦପତ୍ର ଓଡ଼ିଶା କମିଟିର ସଭାପତି ଭାବେ ମଧ୍ୟ ଆସନ ଅଳଂକୃତ କରିଥିଲେ । ନ ହେବା କାର୍ଯ୍ୟକୁ ସେ ଯେପରି ଭାବରେ ଚୁଟ୍‌କୀ ବଜାଇଲା ଭଳି କରିପାରୁଥିଲେ ତାହା ଦେଖିଲେ ବହୁତ ଆଶ୍ଚର୍ଯ୍ୟ ଲାଗେ ।

**"ଏଇଠି ଅଛନ୍ତି ଏଇଠି ନାହିଁ,
କର୍ମ କରୁଥିଲେ ସାଇଁସାଇଁ ।"**

ବାସ୍ତବତାକୁ ଦେଖିବାକୁ ଗଲେ ଛୁ ମନ୍ତର ହେଲା ଭଳି କିପରି ଗୋଟେ କାମ କରୁକରୁ ସଂଗେ ସଂଗେ ଆଉ ଗୋଟେ କାମରେ ହାତ ଦେଇ ସଫଳତା ପାଇ ପାରୁଥିଲେ ତାହା ଭାବିଲେ ଖୁବ୍ ଆଶ୍ଚର୍ଯ୍ୟ ଲାଗେ ।

"ଆଜିକାଲି"ର କର୍ମଚାରୀ ମାନେ ମଧ୍ୟ ଘାବରେଇ ଯାଆନ୍ତି । କାରଣ ଏଇଠି ଗୋଟେ କାମ କରୁକରୁ କେତେବେଳେ ପୁଣି ଅନ୍ତର୍ଦ୍ଧାନ ହେଲା ପରି ଆଉ ଗୋଟେ କାମ କରିପକାନ୍ତ ତାହା ଏବେ ଭାବିଲେ ଆଖିରୁ ଯେପରି ଲୁହ ଆସିଯାଏ । ଖାଇବାକୁ ସେ ଯେପରି ଭଲ ପାଉଥିଲେ ତା'ଠାରୁ ବେଶୀ ଅନ୍ୟମାନଙ୍କୁ ଖୁଆଇବାରେ ଅଧିକ ଆନନ୍ଦ ପାଉଥିଲେ । ଯେପରି ମାଆ ପିଲାମାନଙ୍କ ପେଟକଥାକୁ ବୁଝିପାରେ ସେହିପରି ବିସ୍ମୟ ବାବୁ ମଧ୍ୟ ସମସ୍ତଙ୍କ ପେଟକଥା ବୁଝି ପାରୁଥିଲେ । ସେ କର୍ମଚାରୀ ହୁଅନ୍ତୁ କିମ୍ବା ଅନ୍ୟ କେହି ହୁଅନ୍ତୁ । ସେ କହୁଥିଲେ ଦେବାରେ ଯେଉଁ ଆନନ୍ଦ ତାହା କଅଣ ନେବାରେ ଥାଏ କି ?

କର୍ମମୟ ଜୀବନର ଗତିଶୀଳତା ମଧ୍ୟରେ ଯେଉଁ ସମୟରେ ଆଜିକାଲି ଏବଂ ସମାଜ ଓ ସମାଜସେବା ପ୍ରତି ଆହୁରି କରିବାର ଗୁରୁଦାୟିତ୍ୱ ତାଙ୍କର ଥିଲା । କିନ୍ତୁ ବିଧିର କ୍ରୁର ପରିହାସରେ ହଠାତ୍ ସେ ଦୀପ୍ତି ନିର୍ବାପିତ ହୋଇଗଲା ୨୦୧୭ ମସିହା ଅକ୍ଟୋବର ୦୮ ତାରିଖ ଦିନ । ମନେ ହେଲା ଯେପରି ଉଦିତ ସୂର୍ଯ୍ୟ ମଧ୍ୟାହ୍ନରେ ଅସ୍ତମିତ ହୋଇଗଲେ । ଆବାଳ ବୃଦ୍ଧ ବନିତା ସମସ୍ତେ ଯେପରି ସ୍ତବ୍ଧ ପାଲଟି ଗଲେ । ଓଡ଼ିଶାର କୋଣଅନୁକୋଣରୁ ଛୁଟିଆସିଲା ଶୋକରବାର୍ତା । ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ ବିଭିନ୍ନ ମହଲରୁ ଆସିଥିବା ବାର୍ତାରୁ ହିଁ ଜଣାପଡେ ତାଙ୍କ ଦକ୍ଷତାର ବିଶାଳତା ସଂପର୍କରେ ।

## ଆମ ପାଇଁ ଆଦର୍ଶ ଥିଲେ ବିସ୍ମୟ ମହାନ୍ତି

◆ ଲକ୍ଷ୍ମୀଧର ଦାଶ

୰ ବିସ୍ମୟ ମହାନ୍ତି । ସମସ୍ତ ଅନୁଷ୍ଠାନର ସମାହାର କହିଲେ ଅତ୍ୟୁକ୍ତି ହେବ ନାହିଁ । ଅସୁମାରୀ ଅସମ୍ଭବକୁ ସମ୍ଭବରେ ପରିଣତ କରିବାକୁ ସଦାସର୍ବଦା ତତ୍ପର । ପ୍ରତିଟି କାର୍ଯ୍ୟରେ ଯୁବ ସୁଲଭ ଉଦ୍ଦାମତା । ପ୍ରଧାନମନ୍ତ୍ରୀଙ୍କ ବିଦେଶ ଗସ୍ତରେ ସାମିଲ ହୁଅନ୍ତୁ, ଅବା ଭାରତୀୟ କ୍ଷୁଦ୍ର ମଧ୍ୟମ ଗଣ ମାଧ୍ୟମରେ ସଂପାଦକ ପଦବୀ ମଣ୍ଡନ କରନ୍ତୁ ସର୍ବତ୍ର ବାରି ହୋଇପଡ଼େ ତାଙ୍କର ବ୍ୟକ୍ତିତ୍ୱ । ଖବର କାଗଜର ସଂପାଦକ ଭଳି ଗୁରୁ ଦାୟିତ୍ୱ ବହନ କରୁଥିବା ୰ ମହାନ୍ତି ବିଭିନ୍ନ ସାଂସ୍କୃତିକ ତଥା ସାମାଜିକ ଅନୁଷ୍ଠାନ ସହ ଓତଃପ୍ରୋତଃ ଭାବେ ଜଡ଼ିତ ଥିଲେ । ବରିଷ୍ଠ ନାଗରିକ ମଂଚ ହେଉ ବା ଜନଜାଗରଣ ମଂଚ ହେଉ ସବୁଥିରେ ଆଗୁଆ । ରାବଣପୋଡ଼ି ଉତ୍ସବକୁ ସମଗ୍ର ବାଲେଶ୍ୱରରେ ପରିଚିତ କରାଇବାରେ ସେ ଥିଲେ ଅଗ୍ରଗଣ୍ୟ । ଚାନ୍ଦିପୁର ବେଳାଭୂମି ମହୋତ୍ସବକୁ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ପହଂଚାଇବାରେ ସେ ଥିଲେ ମୁଖ୍ୟ ବିନ୍ଧାଣୀ । ବାଲେଶ୍ୱରରର ବୁଦ୍ଧିଜୀବୀ ତଥା ଅନୁଷ୍ଠାନପ୍ରେମୀ ସଂସ୍ଥାଗତ ସମସ୍ୟା ନେଇ ବହୁବାର ତାଙ୍କର ପରାମର୍ଶ ନେଉଥିବାର ଉଦାହରଣ ରହିଛି । ଖବର କାଗଜର ସଂପାଦକ ହିସାବରେ ସମଧର୍ମୀ ପ୍ରତିଯୋଗୀମାନଙ୍କ ପ୍ରତି ତାଙ୍କ ମନରେ ଉଦାସୀନ ମନୋଭାବ ଜାଗ୍ରତ ହେବାର କେହି କେବେ ଦେଖି ନଥିବେ । ବରଂ ସଂପୃକ୍ତ ବ୍ୟକ୍ତିବିଶେଷ ବା ଅନୁଷ୍ଠାନ ମାନଙ୍କୁ ସାହାଯ୍ୟର ହାତ ବଢ଼ାଇବାରେ ସେ କେବେ କାର୍ପଣ୍ୟ ଭାବ ପ୍ରକାଶ କରୁନଥିଲେ । ଭାରତ ଭିତରେ ଥାଆନ୍ତୁ ଅବା ଭାରତ ବାହାରେ ଖବରକାଗଜ ସଂପର୍କରେ ଅହରହ ଖବର ରଖିବା ତାଙ୍କର ଥିଲା ଅଭ୍ୟାସ । ଏପରିକି ମୃତ୍ୟୁର ଅଳ୍ପ କେଇଘଂଟା ପୂର୍ବରୁ ମଧ୍ୟ ସେ ଖବରକାଗଜ ସଂପର୍କରେ ଟିକିନିଖି ପଚାରି ବୁଝିଥିଲେ । ସତରେ ଏଭଳି ଏକ ପ୍ରଜ୍ଞା ପୁରୁଷଙ୍କୁ ଈଶ୍ୱର ମର୍ତ୍ତ୍ୟମଣ୍ଡଳରେ ବେଶୀ ଦିନ ରଖିବାକୁ ଚାହିଁଲେ ନାହିଁ । ସ୍ୱର୍ଗପୁରରେ ତାଙ୍କର ଅନୁପସ୍ଥିତି ଅସହ୍ୟହେବାରୁ ବୋଧହୁଏ ଈଶ୍ୱର ଆମ ପାଖରୁ ତାଙ୍କୁ ଛଡ଼ାଇ ନେଲେ । ଏଇଭଳି ଏକ ସ୍ମରଣୀୟ ଦିବଂଗତଙ୍କ ଜନ୍ମ ୧୯୫୭ ମସିହା ଫେବୃୟାରୀ ୨ ତାରିଖରେ ଖଇରାର ସାରଡାଙ୍ଗ ଅଂଚଳରେ ଏକ ଜମିଦାର ପରିବାରରେ ହୋଇଥିଲା । ପିତା ସଚ୍ଚିନ୍ଦ୍ର ପ୍ରସାଦ ମହାନ୍ତି ଓ ମାତା ସାବିତ୍ରୀ ଦେବୀଙ୍କର ସେ ଥିଲେ ସାନ ପୁଅ । ଶ୍ରୀଜଗନ୍ନାଥଙ୍କର ସେ ଥିଲେ ପରମ ଭକ୍ତ । ସେଇଥିପାଇଁ ତ ବାପା, ଜେଜେବାପାଙ୍କ ଅମଳରୁ ସହସ୍ରାଧିକ ଏକର ଜମିବାଡ଼ି ଥିବା ଲୋକକୁ ଶ୍ରୀକ୍ଷେତ୍ରକୁ ଛଳନା କରି ନେଇଗଲେ ପ୍ରଭୁ ଶ୍ରୀ ଜଗନ୍ନାଥ । ଲୀଳାମୟ ଈଶ୍ୱରଙ୍କ ଲୀଳା ସେତିକିରେ ସରିଲା ନାହିଁ । ଶ୍ରୀକ୍ଷେତ୍ରକୁ ଯିବା ଦିନ ବ୍ରାହ୍ମ ମୁହୂର୍ତରୁ ଶଯ୍ୟା ତ୍ୟାଗ କରି ନିତ୍ୟକର୍ମ ସମାପ୍ତ ପରେ ଶ୍ରୀମୁଖ ଦର୍ଶନରେ ବାହାରିବାରୁ ରକ୍ତମାଂସର ପାର୍ଥିବ ଶରୀରକୁ ଧର୍ମପତ୍ନୀଙ୍କ ହାତରେ ଧରାଇ ଦେଇ ଜଗତର ନାଥ ଶ୍ରୀ ଜଗନ୍ନାଥ ତାଙ୍କର ଅନ୍ତରଆତ୍ମାଟିକୁ ନେଇ ଚାଲିଗଲେ । ଫଳରେ ପାର୍ଥିବ ଜଡ଼ ଶରୀରଟାକୁ ଆମେ ସମସ୍ତେ ଶବ ବୋଲି ଧରି ନେଇଥିଲୁ ତାଙ୍କ ଆବର୍ତମାନରେ ।

*ବାର୍ତା- ସଂପାଦକ 'ଆଜିକାଲି' ବାଲେଶ୍ୱର*

## ପୂଜ୍ୟ ଦିବ୍ୟାତ୍ମା ତୁମେ ଅକ୍ଷୟ

ବାଲେଶ୍ୱର ଜିଲ୍ଲାରେ ପ୍ରତିଷ୍ଠିତ ଯେଉଁ ଖବରକାଗଜ ଗୁଡ଼ିକ ପ୍ରକାଶିତ ହେଉଥିଲା ସେହି ଖବରକାଗଜ ମଧ୍ୟରେ "ଆଜିକାଲି" ତା'ର ସ୍ୱର୍ଣ୍ଣାକ୍ଷର ବାର୍ତା ସାରା ଓଡ଼ିଶାରେ ବିଚ୍ଛୁରିତ କରିପାରିଛି । ସେହି "ଆଜିକାଲି"ର ପ୍ରାଣ ପ୍ରତିଷ୍ଠାତା ୰ ବିସ୍ମୟ ମହାନ୍ତିଙ୍କ ଯେଉଁ ପ୍ରଗାଢ଼ ଉଦ୍ୟମ ମାଧ୍ୟମରେ କଷ୍ଟ ସ୍ୱୀକାର କରି "ଆଜିକାଲି"କୁ ପୂର୍ଣ୍ଣ ଯୌବନରେ ପରିପ୍ରକାଶ କରିପାରିଛନ୍ତି ବାସ୍ତବିକ ତାହା ଏକ ଅନନ୍ୟ ଭୂମିକା ଗ୍ରହଣ କରିଛି । ବିସ୍ମୟ ଭାଇଙ୍କ ନିର୍ଭିକତା, କର୍ତବ୍ୟନିଷ୍ଠା, ସମୟାନୁବର୍ତିତା ଓ ତ୍ୟାଗ ବଳରେ "ଆଜିକାଲି" ୩୫ ବର୍ଷର ପୂର୍ଣ୍ଣପ୍ରାପ୍ତ ହୋଇ ପାରିଛି । ବିଭିନ୍ନ ଖବର ସହ ଶିଶୁ ବିଭାଗ, ନାରୀ, ବିଚିତ୍ରା, ସ୍ୱାସ୍ଥ୍ୟ-ସୌନ୍ଦର୍ଯ୍ୟ, ରୋଷେଇ ସହ ବିଭିନ୍ନ ଆଳଙ୍କାରିକ ଛନ୍ଦରେ ଅଳଂକୃତ ତାହାର ପୃଷ୍ଠା ଆଳଙ୍କାରିକ ସହ ଭାଷାର ଚାତୁରୀ ବେଶ୍ ମନମୁଗ୍ଧକର ହୋଇ ପାରିଛି ଯାହାକି ପାଠକୀୟ ମାନଙ୍କର ମତ । ବିସ୍ମୟ ଭାଇ ଏପରି ଏକ ମଣିଷ ଥିଲେ ପ୍ରଥମେ ଯାହାକୁ ଦେଖନ୍ତି ହସି ଦିଅନ୍ତି ଏବଂ ତା'ର ଭଲ-ମନ୍ଦ କଥା ପଚାରିବୁଝନ୍ତ । ଆବଶ୍ୟକ ସ୍ଥଳେ ସାହାଯ୍ୟ ମଧ୍ୟ କରନ୍ତି । ବିଶେଷ କରି ଛାପାଖାନା ପ୍ରତିଷ୍ଠା ବଳରେ ସେ କର୍ମଚାରୀ ମାନଙ୍କୁ ଅନ୍ନ ସଂସ୍ଥା ମଧ୍ୟ ଯୋଗାଇ ଦେଇଛନ୍ତି ତାହା ତାଙ୍କର ପୂଣ୍ୟତା ଏବଂ ଏକ ବିଶାଳ ବ୍ୟକ୍ତିତ୍ୱର ପରିଚୟ ଦିଏ । ସୁନ୍ଦର ସ୍ୱାସ୍ଥ୍ୟବାନ ଚେହେରାଯୁକ୍ତ ବିସ୍ମୟ ଭାଇ ଏପରି ବ୍ୟକ୍ତିତ୍ୱ ଯେ ତାଙ୍କର ଉଦ୍ଦାମ ବକ୍ତୃତା ବିଶାଳ ଜ୍ଞାନର ପରିଚୟ ପ୍ରଦାନ କରିଥିଲା । ତାଙ୍କର ଭାଷଣରେ ଯେଉଁ ଉଦ୍ଦାମତା ଥିଲା ତାହା ଦେଖିଲେ ଆଶ୍ଚର୍ଯ୍ୟ ଲାଗେ ଯେ କିପରି ଏତେ କର୍ମ ଭିତରେ ସୁନ୍ଦର ଆଳଙ୍କାରିକ ଛନ୍ଦରେ କଥା କହିପାରୁଥିଲେ ଆଶ୍ଚର୍ଯ୍ୟ ଲାଗେ ସେ ବ୍ୟକ୍ତିଙ୍କୁ । ଭାଷଣ ମାଧ୍ୟମରେ ଯାହା ସବୁ କୁହନ୍ତି ତାହା ଏକ କାବ୍ୟିକ ଚିନ୍ତାଶୀଳ ଧାରଣା ଥିଲେ ମଧ୍ୟ ବିଶେଷ ଭାବେ ବାସ୍ତବତା ଓ ବ୍ୟକ୍ତିତ୍ୱର ପୂର୍ଣ୍ଣତା ଭରି ଦେଉଥିଲା । ଆଶ୍ଚର୍ଯ୍ୟ ଲାଗେ କେମିତି ଥକି ପଡ଼ନ୍ତି ନି ସିଏ । ନିଜର ମାନସ ସନ୍ତାନ "ଆକିଜାଲି" କଥା ବୁଝିବା ସହ ନିଜର ପରିବାର ତଥା ଅନ୍ୟାନ୍ୟ କର୍ମପ୍ରତି ସେ ସଠିକ୍ ରୂପେ ବୁଝାବୁଝି କରି କର୍ମ କରିଥାଆନ୍ତି । ଉପରୁ ଡଉଲ ଡାଉଲ ଦେଖାଯାଉଥିଲେ ମଧ୍ୟ ଶରୀର ଭିତରେ ଯେ ମାରାତ୍ମକ ଡାଇବେଟିସ୍ ତାଙ୍କୁ ଘାରିଥିଲା ସେଥିପ୍ରତି ନଜର ନଥିଲେ ମଧ୍ୟ ନିଜର କର୍ମକୁ ସେ ବିଶେଷ ଭାବେ ଧ୍ୟାନ ଦେଉଥିଲେ । ଏ ଦେହ ତ ପ□ଭୂତରେ ଗଢ଼ା । ଗୀତିକାର ସଂଗ୍ରାମ କେଶରୀ ମହାନ୍ତିଙ୍କ ଏକ କବିତାରୁ ମନେ ପଡ଼େ – *"ମାଟି ଖୋଳପା, ମାଟିରୁ ଆସିଛି, ମାଟିରେ ମିଶିବ, ଏ କଥା ନୁହେଁ ଅନ୍ୟଥା ।"* ମଣିଷ ଜୀବନର ପରିସୀମା ବିଭିନ୍ନ ଲକ୍ଷ୍ମଣରେଖା ଦ୍ୱାରା ନିୟନ୍ତ୍ରିତ । ପ୍ରଥମରେ ବ୍ୟକ୍ତିଗତ, ଦ୍ୱିତୀୟ ସମାଜ ଓ ରାଷ୍ଟ୍ରଗତ, ତୃତୀୟରେ ବିଶ୍ୱ ଓ ଈଶ୍ୱରଗତ ଭାବନା । ମଣିଷ ଜୀବନରେ ଭିତି, ସ୍ଥିତି ଓ ପରିବ୍ୟାପ୍ତିର ପରିଧି ହିସାବରେଏହି ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯାହାର ପ୍ରକୃଷ୍ଟ ଉଦାରଣ ସେହି କାଳଜୟୀ ବିସ୍ମୟ ଭାଇ । ସେ ଥିଲେ ଉତ୍କଳ ଭୂମିର ସୁଯୋଗ୍ୟ ସନ୍ତାନ । ଜନ୍ମ ହେଲେ ତ ମୃତ୍ୟୁ ସତ୍ୟ । ଭାଗ୍ୟ ଓ ବିଧାତାଙ୍କ ଲିଖନକୁ କେହି ତ କାଟି ପାରିବେ ନାହିଁ । ତେଣୁ ରାଧାନାଥ ରାୟଙ୍କ ଏକ କବିତା ମନେ ପଡ଼େ- "ଶକ୍ତି ନାହିଁ ବତ୍ସ ! କାହାରି ଜଗତେ, ନିୟତିକି ନେବ ନିଜ ଇଚ୍ଛାମତେ" ସେ କେବେ ବି ମୃତ୍ୟୁକୁ ଡରୁ ନଥିଲେ । ଅସୁସ୍ଥତା ମଧ୍ୟରେ ସେ ସମ୍ବାଦପତ୍ର କାମରେପୁରୀ ଜଗନ୍ନାଥ ଧାମକୁ ଯାଇଥିବା ବେଳେ ହଠାତ୍ ମୃତ୍ୟୁ ତାଙ୍କୁ କବଳିତ କରି ନେଇଥିଲା । କେହି ବି ଜାଣି ନଥିଲେ ସେ ହଠାତ୍ ଚାଲିଯିବେ ଅଫେରା ଧାମକୁ । ଦୁଃଖ ଲାଗେ ବାକି ରହିଥିବା କାମ ଏବଂ ତାଙ୍କର ମାନସ ସନ୍ତାନର ରକ୍ଷଣାବେକ୍ଷଣ ସ୍ୱର୍ଗରେ ଥାଇ ସେ ତାଙ୍କ ସୁଯୋଗ୍ୟ ପୁତ୍ର, କନ୍ୟା ଓ ଜାମାତାଙ୍କୁ ଆଶିଷ ପ୍ରଦାନ କରନ୍ତୁଏବଂ କିପରି "ଆଜିକାଲି"ର ଉତୋରତର ଉନ୍ନତି ହେବ ସେଥିପାଇଁ ଦିଗ୍‌ଦର୍ଶନ ଦିଅନ୍ତୁ । ଏହାହିଁ ତାଙ୍କ ଅମର ଆତ୍ମା ପ୍ରତି ଆମର କାମନା ।

# ରୁଫ୍‌ଟପ୍ ସୋଲାର ପ୍ରୋତ୍ସାହନ ପାଇଁ TPNODL ଦ୍ୱାରା ସେବା ସେତୁ ଶିବିରର ଆୟୋଜନ

## ଉପଭୋକ୍ତା ସଚେତନତା କାର୍ଯ୍ୟକ୍ରମରେ ପିଏମ୍ ସୂର୍ଯ୍ୟ ଘର ଯୋଜନାର ଲାଭ ଓ ଆବେଦନ ପ୍ରକ୍ରିୟା ଉପରେ ଗୁରୁତ୍ୱ

ବାଲେଶ୍ୱର(ନି.ପ୍ର.): ରାଷ୍ଟ୍ରବ୍ୟାପୀ ଆୟୋଜିତ 'ସେବା ସଂକଳ୍ପ ଅଭିଯାନ' ଅଧୀନରେ ଉତର ଓଡ଼ିଶାରେ ପିଏମ୍ ସୂର୍ଯ୍ୟ ଘର: ମୁଫ୍‌ତ ବିଜୁଳି ଯୋଜନା ନେଇ ତୃଣମୂଳ ସ୍ତରରେ ସଚେତନତା ବୃଦ୍ଧି କରିବା ଲକ୍ଷ୍ୟରେ ଟିପି ନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିଏନ୍ ?ଓଡିଏଲ୍) ପକ୍ଷରୁ ବାଲେଶ୍ୱର ଜିଲ୍ଲାର ବାଲେଶ୍ୱର ଓ ବାଲିଆପାଳ ବ୍ଲକ୍, ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ବ୍ଲକ୍ ଏବଂ ଭଦ୍ରକ ଜିଲ୍ଲାର ତିହିଡ଼ି ବ୍ଲକ୍ ?ରେ ସେବା ସେତୁ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଉପଭୋକ୍ତାମାନେ ଟିପିଏନଓଡିଏଲ୍ ?ର ସୋଲାର ସେଲ୍ କର୍ତୃପକ୍ଷ, ଗ୍ରାହକ ସେବା ଅଧିକାରୀ, ସହଯୋଗୀ ବ୍ୟାଙ୍କ ଏବଂ ବ୍ୟବସାୟିକ ସହଯୋଗୀମାନଙ୍କ ସହ ସିଧାସଳଖ ଯୋଗାଯୋଗ କରି ରୁଫ୍ ?ଟପ୍ ସୋଲାର ପଞ୍ଜୀକରଣ, ଯୋଗ୍ୟତା, ସରକାରୀ ସବସିଡି ଏବଂ ଆବେଦନ ପ୍ରକ୍ରିୟା ସମ୍ପର୍କରେ ସୂଚନା ଓ ଆବଶ୍ୟକ ସହାୟତା ପାଇଥିଲେ । ସୂଚନାଯୋଗ୍ୟ ଯେ, ବିଭିନ୍ନ



ସଚେତନତା କାର୍ଯ୍ୟକ୍ରମ ତଥା ସେବା ସେତୁ ଶିବିର ମାଧ୍ୟମରେ ଗୋଟିଏ ଦିନରେ ଟିପିଏନ୍ ?ଓଡିଏଲ୍ ରେ ପ୍ରାୟତଃ ୪୦୦ଜଣ ଉପଭୋକ୍ତା ଏହି ଯୋଜନା ନେଇ ପଞ୍ଜୀକରଣ କରିଛନ୍ତି ଓ

ଏହି ଅବସରରେ ଟିପିଏନ୍ ?ଓଡିଏଲ୍ ?ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଦୁଷ୍ୟନ୍ତ କୁମାର ତ୍ୟାଗୀ କହିଛନ୍ତି, "ରୁଫ୍ ?ଟପ୍ ସୋଲାରର ବ୍ୟାପକ ସ୍ୱୀକୃତି ପାଇଁ ସଠିକ୍ ସୂଚନା ଓ ଆବଶ୍ୟକ ସହାୟତା ଗୁରୁତ୍ୱପୂର୍ଣ୍ଣ । ସେବା ସେତୁ ଶିବିର ଓ ସୋଲାର ରଥ ମାଧ୍ୟମରେ ସଂସ୍ଥା ଯୋଜନା ସମ୍ପର୍କିତ ମାର୍ଗଦର୍ଶନ ଓ ବୈଷୟିକ ସହାୟତା ଲୋକଙ୍କ ନିକଟରେ ପହଂଚାଉଛି । ଉତର ଓଡ଼ିଶାରେ ସ୍ୱଚ୍ଛ ଶକ୍ତି ବ୍ୟବହାରରେ ବୃଦ୍ଧି ସହ ଗୁଣାତ୍ମକ ବିଦ୍ୟୁତ ସେବା ନେଇ ଜିଲ୍ଲା ପ୍ରଶାସନ ଓ ଅଂଚଳବାସୀଙ୍କ ସହଯୋଗରେ ଟିପିଏନଓଡିଏଲ୍ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଜାରି ରଖିଛି ।" ବାଲେଶ୍ୱରରେ 'ସେବା ସଂକଳ୍ପ ଯାତ୍ରା' ଉପଲକ୍ଷେ ସେବା ସେତୁ ଶିବିର ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ସାଂସଦ ଶ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବାଲେଶ୍ୱର ସଦର ବିଧାୟକ ଶ୍ରୀ ମାନସ କୁମାର ଦତ, ନୀଳଗିରି ବିଧାୟକ ଶ୍ରୀ ସନ୍ତୋଷ ଖଟୁଆ ଏବଂ ଆରଇସି ଲିମିଟେଡ୍‌ର ମୁଖ୍ୟ ପ୍ରୋଗ୍ରାମ୍ ମ୍ୟାନେଜର ଶ୍ରୀ ଏ. ଶ୍ୟାମ ପ୍ରସାଦ ରାଓ ଓ ଶ୍ରୀ ଗୁଲଶନ କୁମାରଙ୍କ ସମେତ ଟିପିଏନ୍‌ଓଡିଏଲ୍ ?ର ପ୍ରକଳ୍ପ ମୁଖ୍ୟ ଶ୍ରୀ ପ୍ରଦୀପ କୁମାର ମହାନ୍ତି ଏବଂ ସୌର ପ୍ରକଳ୍ପ ମୁଖ୍ୟ ଯନ୍ତ୍ରୀ ଶ୍ରୀ ରାଜୀବ କୁମାର ନାୟକଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଶିବିର ପରିଦର୍ଶନ କରି ଉପଭୋକ୍ତାଙ୍କୁ ଯୋଜନା ସମ୍ପର୍କିତ ଲାଭ ବିଷୟରେ ମାର୍ଗଦର୍ଶନ ଦେଇଥିଲେ । ବାଲିଆପାଳ ଶିବିରରେ ବସ୍ତା ବିଧାୟିକା ଶ୍ରୀମତୀ ସୁବାସିନୀ ଜେନା ଓ ବ୍ଲକ୍ ଉନ୍ନୟନ ଅଧିକାରୀ ଶ୍ରୀ ରାଧାରଞ୍ଜନ ଦାସ ସ୍ଥାନୀୟ ପ୍ରତିନିଧି ଏବଂ ଟିପିଏନ୍ ?ଓଡିଏଲ୍ ଅଧିକାରୀଙ୍କ ସହ ଯୋଗ ଦେଇ ଉପଭୋକ୍ତାମାନଙ୍କୁ ଯୋଜନାର ସୁବିଧା ସମ୍ପର୍କରେ ସଚେତନ କରାଇଥିଲେ । ସେହିପରି, ଠାକୁରମୁଣ୍ଡା ଓ ତିହିଡ଼ି ଶିବିରରେ ସ୍ଥାନୀୟ ଜନପ୍ରତିନିଧି, ସରକାରୀ ଅଧିକାରୀ ଏବଂ ଟିପିଏନ୍ ?ଓଡିଏଲ୍ ?ର ପ୍ରତିନିଧିମାନେ ଉପଭୋକ୍ତାଙ୍କ ସହ ବିସ୍ତୃତ ଆଲୋଚନା କରି 'ପିଏମ୍ ସୂର୍ଯ୍ୟ ଘର: ମୁଫ୍‌ତ ବିଜୁଳି ଯୋଜନା' ଅଧୀନରେ ରୁଫ୍ ?ଟପ୍ ସୋଲାର ସ୍ଥାପନର ଲାଭ ଏବଂ ବିଦ୍ୟୁତ ଦେୟରେ ହ୍ରାସ ସମ୍ପର୍କରେ ଆଲୋକପାତ କରିଥିଲେ । ଉତର ଓଡିଶାରେ ପିଏମ୍ ସୂର୍ଯ୍ୟ ଘର: ମୁଫ୍‌ତ ବିଜୁଳି ଯୋଜନା ସମ୍ପର୍କିତ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଫଳରେ ବହୁ ଉପଭୋକ୍ତା ରୁଫ୍ ?ଟପ୍ ସୋଲାର ଆପଣାଇ ବିଦ୍ୟୁତ୍ ଖର୍ଚ୍ଚ ହ୍ରାସ କରିପାରିଛନ୍ତି । ଯୋଜନାର ସୂଚନା ଓ ଆବେଦନ ସହାୟତା ଅଧିକ ଉପଭୋକ୍ତାଙ୍କ ନିକଟରେ ପହଂଚାଇବା ପାଇଁ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ବ୍ଲକ୍ ?ରେ ସେବା ସେତୁ ଶିବିରର ଆୟୋଜନ ଜାରି ରହିବ ବୋଲି ଟିପିଏନ୍ ?ଓଡିଏଲ୍ ପକ୍ଷରୁ ସୂଚନା ଦିଆଯାଇଛି । ପ୍ରଯୁଜ୍ୟ ସରକାରୀ ସବ୍ ?ସିଡି ଓ ଆବେଦନ ପ୍ରକ୍ରିୟା ସମ୍ପର୍କରେ ଅଧିକ ଜାଣିବା ପାଇଁ ଆଗ୍ରହୀ ଉପଭୋକ୍ତାମାନେ ସଂସ୍ଥାର କଲ୍ ସେ[ର ନମ୍ବର ୧୮୦୦ ୩୪୫୬ ୭୧୮ କିମ୍ବା ୧୯୧୨ରେ ଯୋଗାଯୋଗ କରିପାରିବେ ଅଥବା ନିକଟସ୍ଥ ବିଦ୍ୟୁତ୍ କାର୍ଯ୍ୟାଳୟରୁ ସହାୟତା ନେଇପାରିବେ ।

# ଝାରସୁଗୁଡ଼ା ଜିଲ୍ଲାରେ ଭୋଟର ତାଲିକା ସଂଶୋଧନ;



ଝାରସୁଗୁଡ଼ା(ନି.ପ୍ର.) ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଝାରସୁଗୁଡ଼ା ଜିଲ୍ଲାର ଉଭୟ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଭୋଟର ତାଲିକା ସଂଶୋଧନ ଓ ନୂତନ ନାମ ପଞ୍ଜୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି । ୦୬-ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ ଏବଂ ୦୭-ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀର ଇଆରଓ ସବ୍ୟସାଚୀ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ତଥା ମାର୍ଗଦର୍ଶନରେ ଏହି ଅଭିଯାନ ପରିଚାଳିତ ହେଉଛି । ଏହି କ୍ରମରେ ଉଭୟ ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ସମସ୍ତ ବୁଥ୍ ସ୍ତରୀୟ ଅଧିକାରୀ ଏବଂ ବିଏଲଓ ସୁପରଭାଇଜରମାନଙ୍କୁ ସମସ୍ତ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କ ଦ୍ୱାରା ସ୍ୱତନ୍ତ୍ର ପ୍ରଶିକ୍ଷଣ ପ୍ରଦାନ କରାଯାଇଛି । ବିଶେଷ କରି ପୂର୍ବରୁ ତାଲିକାରୁ ବାଦ୍ ପଡ଼ିଥିବା ଯୋଗ୍ୟ ବ୍ୟକ୍ତି, ନୂତନ ଏବଂ ୧୮ ବର୍ଷ ବୟସ ସୀମାରେ ଥିବା ଯୁବ ଭୋଟରମାନଙ୍କୁ କିପରି ସହଜରେ ଓ ସଠିକ୍ ଭାବେ ତାଲିକାଭୁକ୍ତ କରାଯାଇପାରିବ, ସେ ନେଇ ବିଏଲଓମାନଙ୍କୁ ବିସ୍ତୃତ ଦିଗ୍ ?ଦର୍ଶନ ଦିଆଯାଇଛି । ଏହି ସ୍ୱତନ୍ତ୍ର ଅଭିଯାନ ମାଧ୍ୟମରେ ସମସ୍ତ ଯୋଗ୍ୟ ନାଗରିକଙ୍କୁ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରି ଶତପ୍ରତିଶତ ସ୍ୱଚ୍ଛ ଓ ତ୍ରୁଟିମୁକ୍ତ ଭୋଟର ତାଲିକା ପ୍ରସ୍ତୁତ କରିବାକୁ ଜିଲ୍ଲା ନିର୍ବାଚନ ବିଭାଗ ଲକ୍ଷ୍ୟ ରଖିଛି ।ଏହି କାର୍ଯ୍ୟକ୍ରମରେ ଲଖନପୁର ତହସିଲଦାର-ତଥା-ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ଅତିରିକ୍ତ ତହସିଲଦାର-ତଥା-ଏଇଆରଓ ଏବଂ ଝାରସୁଗୁଡ଼ା ତହସିଲଦାର-ତଥା-ଏଇଆରଓ ପ୍ରତ୍ୟକ୍ଷ ଭାବେ ଏହି ତାଲିମ ଶିବିରକୁ ପରିଚାଳନା କରିଥିଲେ । ଅପରପକ୍ଷରେ, କୌଣସି ଯୋଗ୍ୟ ନାଗରିକ ଯେପରି ମତାଧିକାରରୁ ବଂଚିତ ନ ହୁଅନ୍ତି, ସେଥିପାଇଁ ଜିଲ୍ଲାର ନିର୍ବାଚନ ମଣ୍ଡଳୀର ବିଭିନ୍ନ ମତଦାନ କେନ୍ଦ୍ର ଗୁଡ଼ିକରେ ସ୍ୱତନ୍ତ୍ର କ୍ୟାମ୍ପ ମାନ ମଧ୍ୟ ଆୟୋଜନ କରାଯାଇଛି । ଏହି ଶିବିର ମାଧ୍ୟମରେ ନୂତନ ଭୋଟର, ବିଶେଷ କରି ୧୮ ବର୍ଷ ବୟସ ସୀମାରେ ପଦାର୍ପଣ କରୁଥିବା ଯୁବ ଭୋଟର ତଥା ପୂର୍ବରୁ ତାଲିକାରୁ ବାଦ୍ ପଡ଼ିଥିବା ଯୋଗ୍ୟ ବ୍ୟକ୍ତିବିଶେଷଙ୍କ ନାମ ପଞ୍ଜୀକରଣ କରାଯାଉଛି । ଏହା ସହିତ ନାମ ସଂଶୋଧନ, ଠିକଣା ପରିବର୍ତନ ଏବଂ ଆବଶ୍ୟକୀୟ ଫର୍ମ ଗ୍ରହଣ ପ୍ରକ୍ରିୟା ତ୍ୱରାନ୍ୱିତ କରାଯାଉଛି । ଏହି ସ୍ୱତନ୍ତ୍ର ଅଭିଯାନର ସୁଯୋଗ ନେଇ ପ୍ରତ୍ୟେକ ଯୋଗ୍ୟ ଭୋଟର ନିଜ ନାମ ଭୋଟର ତାଲିକାରେ ସାମିଲ କରିବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ଅନୁରୋଧ କରାଯାଇଛି ।

# ଇଣ୍ଡିଆ ମେଂଟ ପକ୍ଷରୁ ଓଡ଼ିଶା ବନ୍ଦ ଡାକରା ସଫଳ



ସୋର,(ନି.ପ୍ର.) ଇଣ୍ଡିଆ ମେଂଟପକ୍ଷରୁ ସାରା ରାଜ୍ୟରେ ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିବା ବେଳେ ଏହି ବନ୍ଦର ପ୍ରଭାବ ସୋରରେ ଦେଖିବାକୁ ମିଳିଛି । କଂଗ୍ରେସ ଦଳ ସହ ଅନ୍ୟ ୯ ଟି ଦଳଙ୍କ ମେ[ ରେ ବିଭିନ୍ନ ଦାବି ନେଇ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି । ବନ୍ଦର ପ୍ରଭାବ ସୋରରେ ମଧ୍ୟ ଦେଖିବାକୁ ମିଳିଛି । ବିଭିନ୍ନ ଦାବି ନେଇ ସୋର ଉତରେଶ୍ୱର ୧୬ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରିଛନ୍ତି କଂଗ୍ରେସ କର୍ମୀ । ଏମଏମ୍‌ଡିଆର, ଏସ୍‌ଆଇଆର୍ ସମେତ ବିଭିନ୍ନ ପ୍ରସଙ୍ଗକୁ ନେଇ ଏହି ବନ୍ଦ ଡାକରା ଦିଆଯାଇଛି । ରାଜପଥ ଉପରେ ଧାରଣା ଦେବା ସହ ନାରାବାଜି କରିଛନ୍ତି ଇଣ୍ଡିଆ ମେ[ର କର୍ମୀମାନେ । ଫଳରେ ଜାତୀୟ ରାଜପଥରେ ଯାନବାହନ ଚଳାଚଳ ପ୍ରଭାବିତ ହୋଇଛି । ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେସ କୁମାର ଙ୍କ ଇସ୍ତଫା ,ବନ୍ୟା ବିପନ୍ନ ଙ୍କୁ ତୁରନ୍ତ ସହାୟତା,ଶିକ୍ଷା ବ୍ୟବସ୍ଥା ର ବିପର୍ଯ୍ୟୟ ନେଇ ମନ୍ତ୍ରୀଙ୍କ ଇସ୍ତଫା ଏମ୍ ଏମ୍ ଡି ଆର ସଂଶୋଧନ ଆଇନ ଭଳି ପ୍ରମୁଖ ଦାବି ନେଇଧାରଣା ଦେବା ଫଳରେରାଜପଥ ଉପରେ ଶହ ଶହ ଗାଡ଼ି ଅଟକି ରହିଥିବା ଦେଖିବାକୁ ମିଳିଛି ।

# ନୀଳଗିରିରେ ବନ୍ଦ ସଫଳ



ନୀଳଗିରି,(ନି.ପ୍ର.)ଇଣ୍ଡି ମେଂଟ ତରଫରୁ ଏମ ଏମ ଡି ଆର ବିଲ୍ଲ ପ୍ରତ୍ୟାହାର, ଏସଆଇ ଆର ବାତିଲ, ଓଡିଶା ର ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା, କେନ୍ଦ୍ରରେ ମୁଖ୍ୟ ନିର୍ବାଚନ କମିଶନ ଜ୍ଞାନେସ କୁମାର ଙ୍କ ଇସ୍ତଫା, ବେକାରୀ ସଂଖ୍ୟା ର ବୃଦ୍ଧି, ଚାଷୀ ର ସାର ଦର ବୃଦ୍ଧି, ଆକାଶ ଛୁଆ ଦର ଦାମ ବୃଦ୍ଧି, ୨. ୫ ବର୍ଷ ମଧ୍ୟରେ ରାଜ୍ୟ ସରକାର ଙ୍କ ସମସ୍ତ ପ୍ରତିଶୃତି ପୂର୍ଣ୍ଣ ବିଫଳତା କୁ ବିରୋଧ କରି ରାଜ୍ୟ ସ୍ତରୀୟ ଇଣ୍ଡି ମେ[ ର ନିଷ୍ପତି କୁ ନୀଳଗିରି ର ସିପିଆଇ, ସିପିଏମ, ଏବଂ କଂଗ୍ରେସ ମିଳିତ ଭାବରେ ଓଡିଶା ବନ୍ଦ କୁ ସଫଳ କରିଛନ୍ତି କ୍ଷ ଇଣ୍ଡି ର ସହସ୍ରାଧିକ କର୍ମୀ ନୀଳଗିରି ସହର ର ବସ ଷ୍ଟାଣ୍ଡ ଛକ ବାଇପାସ ରେ ଧାରଣା କାରି ମାନେ ରାସ୍ତା ଅବରୋଧ କରିଥିଲେ କ୍ଷ ସକାଳ ୬ ଘଟିକା ଠାରୁ ପହଁଂଚି ରାସ୍ତାରୋକ ଆରମ୍ଭ କରିଥିବା ବେଳେ କୌଣସି ଯାନ ବାହାନ ଯାତାୟାତ କ୍ଷ ସେହିପରି ବାଉଁଶ ବଣିଆ , ମିତ୍ରପୁର , ଗୋହିରା , ବିନ୍ଧୁ , ବରାହମପୁର, ଛତ୍ରପୁର ସ୍ଥାନମାନଙ୍କରେ ରାସ୍ତାରୋକ ହୋଇଥିଲା । ନୀଳଗିରି ସହର ର ସମସ୍ତ ବେଙ୍କ, ସରକାରୀ ଅଫିସ, ଉପଜିଲ୍ଲାପାଳ ଅଫିସ, ତହସିଲ, ବ୍ଲକ, ଓ ବିଚାର ବିଭାଗ କଚେରୀ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା କ୍ଷ ସତ୍ୟାଗ୍ରହୀ ଙ୍କ ପ୍ରତିବାଦ କାରଣ ରୁ ସରକାରୀ କର୍ମଚାରୀ ମାନେ ନିଜ ନିଜର କାର୍ଯ୍ୟ ସ୍ଥଳୀ ଅଫିସ କୁ ଆସି ପାରି ନଥିଲେ କ୍ଷ ଦୋକାନ ବଜାର ବନ୍ଦଥିଲାକ୍ଷ ଏହି ବନ୍ଦ କୁ ସଫଳ କରିବା ପାଇଁ ସିପିଆଇ ଦଳ ର ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ନିରଞ୍ଜନ ବାରିକ, ଜୋନ ସମ୍ପାଦକ ବିଜୟ ସ, ବରିଷ୍ଠ ନେତୃତ୍ୱ କୈଳାଶ ଚନ୍ଦ୍ର ପଣ୍ଡା, ଜିଲ୍ଲା କମିଟି ସଦସ୍ୟ ହରେକୃଷ୍ଣ ପଣ୍ଡିତ, ନିହାର ଜେନା, ଗାୟତ୍ରୀ ପଣ୍ଡା, ବାସନ୍ତୀ ନାୟକ, ରବୀନ୍ଦ୍ର ନାୟକ, ନଟବର ନାୟକ, ନିରଂଜନ ଜେନା, ବିକ୍ରମ ମିଶ୍ର, ହରେକୃଷ୍ଣ ସେଠି, ଅନିରୁଦ୍ଧ ବେହେରା, ବିଦ୍ୟାଧର ବେହେରା,, ଜୟନ୍ତୀ ବେହେରା, ଭାସ୍କର ଦାସ, କଂଗ୍ରେସ ର ଯଶୋଦା ନନ୍ଦନ ସିଂହ, ତପନ ରାଉତ, ବିଶ୍ୱନାଥ ଦାସ, ବୀଣାପାଣି ପାତ୍ର, ରାଧାଶ୍ୟାମ ଦାସ, ସଦାଶିବ ରଥ, ପିତାମ୍ବର ସିଂ, ଉପେନ୍ଦ୍ର ବେହେରା, ସିପିଏମ ର ବିଜୟ ପାତ୍ର, ଯୋଗାନନ୍ଦ ଦାଶ, ଅମରେନ୍ଦ୍ର ନାୟକ, ଜ୍ୟୋତିର୍ମୟ ରାଉତ, ପୁନଚ୍ଚନ୍ଦ୍ର ବେହେରା, ବିଶ୍ୱନାଥ ଦାସ, ନାରାୟଣ ଧାମୁଡ଼ିଆ, ସମେତ ବହୁ କର୍ମୀ ପତାକା ଧରି ରାସ୍ତା ରେ ସ୍ଲୋଗାନ ଦେଉଥିବା ଦେଖିବାକୁ ମିଳିଥିଲା ।


By E-mail.

ODISHA LIFT IRRIGATION CORPORATION LIMITED
(A GOVERNMENT OF ODISHA UNDERTAKING)
OFFICE OF THE EXECUTIVE ENGINEER
MAYURBHANJ LIFT IRRIGATION DIVISION, BARIPADA.
(E-mail- olicbpd@ymail.com)

32001/1011/2627

e - Procurement Notice

BID ID NO-3231 OLIC/2026-27 DATED. 29.09.2026

The Executive Engineer, Mayurbhanj Lift Irrigation Division, Baripada, At: Baripada, Po-Bhanjpur, Pin-757002 Dist-Mayurbhanj on behalf of Odisha Lift Irrigation Corporation Ltd, Bhubaneswar invites tender through e-procurement in shape of PERCENTAGE rate bids in online mode for Installation and energisation of NEW C.L.I. Projects sanctioned under BKVY RIDF 2025-26 along with energisation on turnkey basis from reputed contractors / firms having valid PWD license of required class & valid HT Electrical license issued by E.L.B.O. Odisha and Civil License as mentioned below with experience in similar nature of works.

| | | |
|---|---|---|
| 1 | Nature of works | Installation and energisation of 27 Nos NEW C.L.I. Projects sanctioned under BKVY RIDF 2026-27 in Mayurbhanj District. |
| 2 | Estimated Cost | Varies from Rs. 1995536.00 to Rs. 3273220.00 As Per DTCN |
| 3 | Period of Completion | 90 Days as per DTCN |
| 4 | Cost of Tender Paper | Rs. 7080 including 18% GST (in online mode) |
| 5 | Date & Time of publication | Dt. 16.10.2026 at 11.00 A.M. |
| 6 | Last Date and Time to Seek Clarification | Dt. 26.10.2026 up to 5.00 P.M. |
| 7 | Date & Time of Closing | Dt. 28.10.2026 up to 5.00 P.M. |
| 8 | Date & Time of opening of Technical Bid | Dt. 30.10.2026 at 11.00 A.M. |
| 9 | Date of Opening of Financial Bid will be informed after evaluation of Technical Bid. | |
| 10 | The bidders have to participate in online bidding only | |

The details of Tender are available in the Govt. Tender Website www.tendersodisha.gov.in and other related documents are available in the DTCN for bidding any Addendum / corrigendum / cancellation of tender if any, can be seen in the said website.

Sd/-
(Er. Jogindra Ratha)
Executive Engineer,
M.I.I. Division, Baripada.

OIPR.32001/32143/1/26-27/0001


# ହତ୍ୟା ଉଦ୍ୟମ ମାମଲାରେ ଫେରାର ମହିଳା ଗିରଫ



ବ୍ରହ୍ମପୁର(ନି.ପ୍ର.): ଏକ ହତ୍ୟା ଉଦ୍ୟମ ମାମଲାରେ ଫେରାର ଥିବା ଜଣେ ମହିଳାଙ୍କୁ ବ୍ରହ୍ମପୁର ସଦର ଥାନା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ମହିଳା ହେଲେ ସଦର ଥାନା ଅନ୍ତର୍ଗତ ସାତପାଣ୍ଡିଆ ଗ୍ରାମର ବାସନ୍ତୀ ନାୟକ (୩୭) । ଏହି ଘଟଣାରେ ପୂର୍ବରୁ ତାଙ୍କ ପୁଅ ଶିବା ନାୟକ (୧୯) ଓ ସ୍ୱାମୀ ପ୍ରକାଶ ନାୟକ (୪୫)ଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିଲା । ସୂଚନାଯୋଗ୍ୟ ଯେ, ଗତ ସେପ୍ଟେମ୍ବର ୯ ତାରିଖ ସନ୍ଧ୍ୟା ପ୍ରାୟ ସାଢ଼େ ୭ଟା ସମୟରେ ସାତପାଣ୍ଡିଆ ଗ୍ରାମର ନିବେଦିତା ନାୟକ (୪୮)ଙ୍କ ସହ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଉପରୋକ୍ତ ଅଭିଯୁକ୍ତମାନେ ଗଣ୍ଡଗୋଳ କରିଥିଲେ । ସେହି ଗ୍ରାମର ଶିବା ନାୟକ ରାସ୍ତା ଉପରେ ନିବେଦିତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ପରେ ଶିବାଙ୍କ ବାପା ପ୍ରକାଶ ଓ ମା' ବାସନ୍ତୀ ମିଶି ନିବେଦିତାଙ୍କ ସ୍ୱାମୀଙ୍କ ସହ ଝଗଡ଼ା କରିଥିଲେ । ଏହି ସମୟରେ ଲୁହା ବୋଲାରେ ତାଙ୍କୁ ଆକ୍ରମଣ କରିଥିଲେ ।ଆକ୍ରମଣରେ ତାଙ୍କ ମୁହଁ, ମୁଣ୍ଡ ଓ ପିଠିରେ ରକ୍ତାକ୍ତ ଆଘାତ ଲାଗିଥିଲା । ଏପରିକି ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦିଆଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା ।


## ବାର୍ତ୍ତା

'ଆଜିକାଲି' ସମ୍ବାଦପତ୍ରର ୪୦ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ମୁଁ ଏହାର ପାଠକ ପାଠିକା, ସମ୍ବାଦଦାତା, କର୍ମଚାରୀ, ଶୁଭେଚ୍ଛୁ ତଥା 'ଆଜିକାଲି' ପରିବାରବର୍ଗଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।



କେଶବ ନାୟକ
ପ୍ରୋପ୍ରାଇଟର
ନାୟରା ପେଟ୍ରୋଲ ପମ୍ପ
ଓଝାପୋଖରୀ, ନନ୍ଦୁର


# ଋଣ କରିଦେବାର ପ୍ରଲୋଭନ ଦେଖାଇ ଶତାଧିକ ମହିଳାଙ୍କ ଠାରୁ ଲକ୍ଷାଧିକ ଟଙ୍କା ଠକେରେ ମହିଳା ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

ବେତନଟୀ (ନି.ପ୍ର) : ମୟୁରଭଞ୍ଜ ଜିଲ୍ଲା ର ବେତନଟୀ ଥାନା ଅଧିନ ବାହାନାଡ଼ା ଗ୍ରାମର ହେମନ୍ତ ପଲେଇ ଙ୍କ ପତ୍ନୀ ମୋନାଲିସା ପଲେଇ ବେତନଟୀ ସମେତ ଚାରୋଟି ବ୍ଲକ ଅଂଚଳରୁ ଶତାଧିକ ମହିଳାଙ୍କୁ ସବସିଡି ଯୁକ୍ତ ଋଣ କରାଇଦେବା କହି ନଦେବାରୁ ଏହି ବିଷୟ ରେ ଗତ ବୁଧବାର ଦିନ ବେତନଟୀ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା । ବେତନଟୀ ଥାନା ଅଧିନ ଭୋଗବାଟୀ ଗ୍ରାମର ସୋରଜ କୁମାର ପରିଡାଙ୍କ ପତ୍ନୀ ଶୁଭଶ୍ରୀ ପରିଡାଙ୍କ ଲିଖିତ ଅଭଯୋଗକୁ କେନ୍ଦ୍ର କରି ବେତନଟୀ ପୋଲିସ ୪୦୦/ ୨୦୨୬ ରେ ମାମଲା ରୁଜୁ କରିଥିଲେ । ଏହି ଅଭିଯୋଗକୁ ଭିତି କରି ବେତନଟୀ ପୋଲିସ ଗୁରୁବାର ଦିନ ଅଭିଯୁକ୍ତ ମୋନାଲିସା ପଲେଇ ଙ୍କୁ ଗିରଫ କରି କୋର୍ଟ ଚଲାଣ କରିଛନ୍ତି । ଘଟଣାରୁ ପ୍ରକାଶ ମୋନାଲିସା ପଲେଇ ପ୍ରତ୍ୟେକ ସ୍ୱୟଂ ସହାୟକ ଗୋଷ୍ଠୀ ରୁ ପ୍ରତି ସଦସ୍ୟ ଙ୍କ ଠାରୁ ୨ ହଜାର ହିସାବରେ ପ୍ରାୟ ୩ ଶହ ରୁ ଅଧିକ ସଦସ୍ୟ ଙ୍କ ଠାରୁ ୨୬ ଲକ୍ଷ ରୁ ଉର୍ଦ୍ଧ ଟଙ୍କା ଏକ ବର୍ଷ ପୂର୍ବ ରୁ ନେଇଥିଲେ ।ଏହି ଟଙ୍କା ନେବାଦିନ ଠାରୁ ଋଣ ଏବଂ ସବସିଡି ପ୍ରଦାନ କରିବା ପାଇଁ ବାରମ୍ବାର ତାରିଖ ବଦଳାଇ ଟଙ୍କା ପ୍ରଦାନ କରିଥିବା ମହିଳା ମାନଙ୍କୁ ଠକି ଚାଲିଥିଲେ । ଶେଷରେ ମହିଳା ମାନେ ସବସିଡି ଯୁକ୍ତ ଋଣ ଟଙ୍କା ସ୍ଥାନୀୟ ବିଭିନ୍ନ ବ୍ୟାଙ୍କ ରୁ ଋଣ ନମିଳବାରୁ ସେମାନେ ହତାଶ ହୋଇପଡ଼ିଥିଲେ । ଗତ ସେପ୍ଟେମ୍ବର ୨୧ ତାରିଖ ରେ ମହିଳା ମାନେ ମିଳିତ ହୋଇ ଅଭିଯୁକ୍ତ ମହିଳାଙ୍କ ଠାରୁ ଜଣେ ଓକିଲ ଙ୍କ ମାଧ୍ୟମ ରେ ଲିଖିତ ଚୁକ୍ତିପତ୍ର କରାଇଥିଲେ । ଏହି ଚୁକ୍ତି ପତ୍ର ଅନୁସାରେ ଗତ ଅକ୍ଟୋବର ୭ ତାରିଖ ରେ ମହିଳା ମାନଙ୍କ ଠାରୁ ଠକି ନେଇଥିବା ଟଙ୍କାକୁ ଫେରସ୍ତ କରିବା ପାଇଁ ଲେଖାଯାଇଥିଲା । ଚୁକ୍ତିପତ୍ର ଅନୁସାରେ ଏହି ତାରିଖ ଅତିକ୍ରାନ୍ତ ହୋଇ ଯାଇଥିଲେ ମଧ୍ୟ ଟଙ୍କା ଫେରସ୍ତ ନକରିବାରୁ ମହିଳା ମାନଙ୍କ ପକ୍ଷରୁ ମିଳିତ ଭାବରେ ବେତନଟୀ ଥାନାକୁ ଯାଇ ଲିଖିତ ଅଭିଯୋଗ କରିଥିଲେ । ଏହି ଅଭିଯୋଗ ଶୁଭଶ୍ରୀ ପରିଡା କରିଥିବାବେଳେ ମୋନାଲିସା ପଲେଇ ଙ୍କ ସହିତ ଆମ୍ବଯୋଡ଼ା ଗ୍ରାମର ମନୋଜ କୁମାର ବେହେରା, ତୁଳସୀଚଉରା ଗ୍ରାମର ସଂଯୁକ୍ତା ମହାନ୍ତ, ଶାନ୍ତିଲତା ମହାନ୍ତ, ବାହାନଡ଼ା ଗ୍ରାମର କଟି ପଲେଇ, ମମତା ସିଂହ, ବାରିପଦା ର ଚିପଟଅସ୍ତିଆ ର ଶୀତଳ ପଣ୍ଡା ଙ୍କ ନାମ ରେ ଅଭିଯୋଗ ରହିଛି । ଥାନାରେ ଅଭିଯୋଗ କରିଥିବା ଶୁଭଶ୍ରୀ ପରିଡା ଙ୍କ ସହିତ ପ୍ରିୟଦର୍ଶନୀ ସିଂ, ମାମାଲି ଦେହୁରୀ, ନମିତା ସାହୁ, ସବିତା ଦାସ, ସଂକ୍ରି ଜେନା, ଲତା ମହାନ୍ତ, ସନ୍ଧ୍ୟାରାନୀ ଦେହୁରୀ, ରଂଜିତା ଦେହୁରୀ, ରୁପାଲୀ ପ୍ରଧାନ ପ୍ରମୁଖ ମହିଳା ମାନେ ଥାନାରେ ଉପସ୍ଥିତ ରହି ଅଭିଯୋଗ ଦେବାରେ ସହଯୋଗ କରିଥିଲେ ।

# ଛାତ୍ର ସଂସଦ ନିର୍ବାଚନ ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେଲା ପ୍ରସ୍ତୁତି ବୈଠକ

ଭୁବନେଶ୍ୱର,: ଉତ୍କଳ ବିଶ୍ୱବିଦ୍ୟାଳୟରେ ଆଗାମୀ ଛାତ୍ର ସଂସଦ ନିର୍ବାଚନକୁ ଶାନ୍ତିଶୃଙ୍ଖଳା ଓ ସୁରକ୍ଷିତ ପରିବେଶ ମଧ୍ୟରେ ସୁଚାରୁ ଭାବେ ପରିଚାଳନା କରିବା ନେଇ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।କୁଳପତି ପ୍ରଫେସର ଚଣ୍ଡୀ ପ୍ରସାଦ ନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ପିଜି କାଉନସିଲ୍ ? ଅଧ୍ୟକ୍ଷ, ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର, ବରିଷ୍ଠ ଅଧ୍ୟାପକ-ଅଧ୍ୟାପିକା ଏବଂ ସୁରକ୍ଷା ଅଧିକାରୀମାନେ ଯୋଗଦେଇଥିଲେ ।ବୈଠକରେ ନିର୍ବାଚନ ସମୟରେ କ୍ୟାମ୍ପସରେ ଶାନ୍ତି, ନିରାପତା ଓ ଶୃଙ୍ଖଳା ବଜାୟ ରଖିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏଥିସହ ସମଗ୍ର ନିର୍ବାଚନ ପ୍ରକ୍ରିୟାକୁ ସୁଚାରୁ, ନିରପେକ୍ଷ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଓ ରଣନୀତି ନେଇ ବିସ୍ତୃତ ଆଲୋଚନା ହୋଇଥିଲା । ନିର୍ବାଚନକୁ କେନ୍ଦ୍ର କରି କ୍ୟାମ୍ପସରେ କୌଣସି ପ୍ରକାରର ଅଶାନ୍ତି କିମ୍ବା ଅପ୍ରୀତିକର ପରିସ୍ଥିତି ଯେପରି ସୃଷ୍ଟି ନ ହୁଏ, ସେଥିପାଇଁ ପ୍ରଶାସନିକ ଓ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ମଧ୍ୟ ବୈଠକରେ ଆଲୋଚନା କରାଯାଇଥିଲା ।

# ପୁରୀରେ ଦୁର୍ଗାପୂଜା ଓ ଭସାଣି ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ପୁରୀ : ଦୁର୍ଗାପୂଜା ଓ ଭସାଣି ଉତ୍ସବ କୁ ଶାନ୍ତି ଶୃଙ୍ଖଳାର ସହ ସମ୍ପର୍ଣ୍ଣ କରିବା ଉଦ୍ଦେଶ୍ୟରେ ଏକ ପ୍ରସ୍ତୁତି ବୈଠକ ସର୍କିଟ ହାଉସ ସମ୍ମିଳନୀ ଗୃହରେ ଆଜି ଅପରାହ୍ନରେ ଅନୁଷ୍ଠିତ ହୋଇଥିଲା ।ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଦୁର୍ଗାପୂଜା ଆନନ୍ଦ ଉଲ୍ଲାସର ପର୍ବ ।ତେବେ ଶ୍ରୀକ୍ଷେତ୍ରରେ ଦୁର୍ଗା ପୂଜା ନିଆରା ଭାବେ ପାଳନ ହେବା ସହ ସିଂହଦ୍ୱାର ଠାରେ ଭସାଣି ବା ଗୋଷାଣି ଯାତ୍ରା ଅନୁଷ୍ଠିତ ହୋଇଥାଏ ।ପ୍ରତ୍ୟେକ ପୂଜା କମିଟି ଓ ବିଭାଗ ଶୃଙ୍ଖଳା ର ସହ ଏହାକୁ ପରିଚାଳନା କରିବାକୁ ଜିଲ୍ଲାପାଳ ଅନୁରୋଧ କରିଥିଲେ ।ଗତବର୍ଷ ମାନଙ୍କ ପରି ସମସ୍ତ ଙ୍କ ସହଯୋଗ ରେ ପୂଜା ଓ ଭସାଣି ଶୃଙ୍ଖଳିତ ଓ ଭାଇଚାରାର ସହ ସମ୍ପର୍ଣ୍ଣ କରିବାକୁ ଜିଲ୍ଲାପାଳ ଅନୁରୋଧ କରିଥିଲେ ।ଏସ ପି ପ୍ରତୀକ ସିଂ କୋର୍ଟ ଓ ସରକାର ଧାର୍ଯ୍ୟ କରିଥିବା ମାର୍ଗଦର୍ଶିକା ଆଧାରରେ ଏବଂ ସମସ୍ତଙ୍କ ସହଯୋଗ ରେ ଏହି ମହାନ ପର୍ବ କୁ ଶାନ୍ତି ଶୃଙ୍ଖଳା ର ସହ ପାଳନ କରିବାକୁ ଅନୁରୋଧ କରିଥିଲେ ।ଦଶହରା ଅକ୍ଟୋବର ୨୦ ତାରିଖରେ ଓ ଭସାଣି ଗୋଷାଣୀ ଯାତ୍ରା ଉତ୍ସବ ଏକାଦଶୀ ତିଥି ଅକ୍ଟୋବର ୨୨ ତାରିଖରେ ସିଂହଦ୍ୱାର ଠାରେ ଅନୁଷ୍ଠିତ ହେବ । ଅକ୍ଟୋବର ୧୬ ତାରିଖରେ ଷଷ୍ଠୀ,୧୭ ତାରିଖରେ ମହାସପ୍ତମୀ, ୧୮ ତାରିଖରେ ମହାଷ୍ଟମୀ,୧୯ ତାରିଖରେ ନବମୀ ଅନୁଷ୍ଠିତ ହେବ । ପୂଜା ସମୟରେ ପ୍ରତ୍ୟେକ ପୁଜା କମିଟି ଉପଯୁକ୍ତ କର୍ତ୍ତୃପକ୍ଷ ଙ୍କ ଠାରୁ ବିଦ୍ୟୁତ ଯୋଗାଣ, ଅଗ୍ନି ନିର୍ବାପକ, ତୋରଣ ନିର୍ମାଣ, ମାଇକ ବ୍ୟବହାର, ମଣ୍ଡପ ସ୍ଥାନ ଇତ୍ୟାଦି ର ଅନୁମତି ନେବା ଜରୁରୀ ।ମାନ୍ୟବର କୋର୍ଟ ଙ୍କ ନିର୍ଦ୍ଦେଶ ଅନୁସାରେ କୌଣସି କ୍ଷେତ୍ରରେ ବିନା ଅନୁମତିରେ ପୂଜା ମଣ୍ଡପ ରେ ପୂଜା ହୋଇ ପାରିବ ନାହିଁ ।ପୂଜା କମିଟି ମାନେ ଅଗ୍ନି ନିର୍ବାପକ ବ୍ୟବସ୍ଥା କରିବେ, ରାସ୍ତା ଅବରୋଧ ନ କରି ମଣ୍ଡପ ବା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ, ସ୍ୱଚ୍ଛତା ବ୍ୟବସ୍ଥା କରିବେ ।କୌଣସି ପୂଜା କମିଟି ବାଣ ଫୁଟାଇବେ ନାହିଁ ।ଭସାଣୀ ଦିନ ସିଂହଦ୍ୱାର ଠାରେ ସମସ୍ତ ମେଢ଼ ଗୁଡିକ ଏକତ୍ରିତ ହେବେ । ସେଠାରେ ମେଢ ପ୍ରଦର୍ଶନ କରାଯିବା ପରେ ଭସାଣୀ ଉତ୍ସବ ଅନୁଷ୍ଠିତ ହେବ । ମେଢ ଗୁଡିକ ପୌର ପାଳିକା ପକ୍ଷରୁ ପ୍ରସ୍ତୁତ ଶ୍ରୀ ସେତୁ ନିକଟ ମୃଷା ନଈର ଅସ୍ଥାୟୀ ପୋଖରୀରେ ବିସର୍ଜିତ ହେବେ ।ଏଠାରେ ଆଲୋକ ବ୍ୟବସ୍ଥା, ଅସ୍ଥାୟୀ ପୋଖରୀ କୁ ଉପଯୁକ୍ତ ପ୍ରସ୍ତୁତ ବ୍ୟବସ୍ଥା, କ୍ରେନ ବ୍ୟବସ୍ଥା ଓ ଯୋଗାଯୋଗ ରାସ୍ତା କୁ ମରାମତି ପୌରପାଳିକା ପକ୍ଷରୁ କରାଯିବ । ସେହିପରି ଆରକ୍ଷୀ ବିଭାଗ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା,ଟ୍ରାଫିକ ନିୟନ୍ତ୍ରଣ, ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନି ନିର୍ବାପକ ଓ କୌଣସି ଦୁର୍ଘଟଣା ପାଇଁ ପଦକ୍ଷେପ ନେବା,ପୂଜା ଓ ଭସାଣୀ ସମୟରେ ପାନୀୟ ଜଳ ବ୍ୟବସ୍ଥା, ଆଲୋକ ବ୍ୟବସ୍ଥା, ରାସ୍ତା ଘାଟ ମରାମତି ଇତ୍ୟାଦି ବ୍ୟବସ୍ଥା ସମ୍ପୃକ୍ତ ବିଭାଗ ମାନେ କରିବାକୁ ଅନୁରୋଧ କରାଗଲା ।ପୂଜା କମିଟି ମାନେ ଶୃଙ୍ଖଳାରକ୍ଷା ଓ ସୁରକ୍ଷା ପାଇଁ ସ୍ୱେଚ୍ଛାସେବୀ ନିୟୋଜନ କରିବା,ସି ସି ଟିଭି ଲଗାଇବା, ପୂଜା କମିଟି ର ସ୍ୱେଚ୍ଛାସେବୀ ଙ୍କୁ ଚିହ୍ନଟ ପାଇଁ ପରିଚୟ ପତ୍ର ବ୍ୟବସ୍ଥା କରିବା କୁ ଅନୁରୋଧ କରାଯାଇଥିଲା ।ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।ପୂଜା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ବ୍ୟବସ୍ଥା ସହ ସ୍ଥାୟୀ ବିସର୍ଜନ ସ୍ଥଳ କୁ ପୂର୍ବ ପରି ଆକର୍ଷଣୀୟ କରିବାକୁ ଅନୁରୋଧ କରାଯାଇଥିଲା । ଏହି ବୈଠକରେ ପୁରୀ ମହାନଗର ନିଗମର କମିଶନର ପ୍ରହଲ୍ଲାଦ ନାରାୟଣ ଶର୍ମା,ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ପୁରୀ ମହାନଗର ନିଗମର ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ସୁଶାନ୍ତ କୁମାର ପତି, ,ଉପ ଜିଲ୍ଲାପାଳ ରାଜ କିଶୋର ସ୍ୱାଇଁ, ଏଡିଏମଓ ଡା ଲଳାଟେନ୍ଦୁ ମିଶ୍ର,,ଡିଆବି ଅତିରିକ୍ତ ଏସପି ଦେବୀ ପ୍ରସାଦ ପ୍ରତାପ,ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ଅତିରିକ୍ତ ପ୍ରଶାସକ ରଞ୍ଜନ କୁମାର ବେହେରା,ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ,ସୂଚନା ଓ ଲୋକ ସମ୍ପର୍କ ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ,ଜିଲ୍ଲା ସଂସ୍କୃତି ଉନ୍ନୟନ ଅଧିକାରୀ ହେମନ୍ତ ବେହେରା, ଶ୍ରୀକ୍ଷେତ୍ର ଗୋଷାଣି ପୂଜା କମିଟିର ସଭାପତି ଭଗବାନ ସୂପକାର, ଉପ ସଭାପତି ରାମଚନ୍ଦ୍ର ଦାସ ମହାପାତ୍ର, ଉପ ସଭାପତି ନାରାୟଣ ମହା ସୁଆର, ସମ୍ପାଦକ ଅନିରୁଦ୍ଧ ରାଉତ,ବରିଷ୍ଠ ସଦସ୍ୟ ଅନନ୍ତ ତିଆଡି, ଯୁଗ୍ମ ସମ୍ପାଦକ ଗଣେଶ ମହାସୁଆର, ପ୍ରଶାନ୍ତ ମହାନ୍ତି, କୋଷାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ସଦସ୍ୟ ଶ୍ୟାମ ସୁନ୍ଦର ମହାପାତ୍ର, ବିଭିନ୍ନ ବିଭାଗର ଅଧିକାରୀ, ସମସ୍ତ ଦୂର୍ଗାପୂଜା ମଣ୍ଡପ ର ସଭାପତି, ସମ୍ପାଦକ ଓ ବରିଷ୍ଠ କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇ ଆଲୋଚନା ରେ ଅଶଂଗ୍ରହଣ କରିଥିଲେ ।

# ବିଶ୍ୱ ବିଦ୍ୟାଳୟ ସ୍ତରୀୟ ପ୍ରାକ୍-ଗଣତନ୍ତ୍ର ଦିବସ ପ୍ୟାରେଡ୍ ମନୋନୟନ ଶିବିର ଅନୁଷ୍ଠିତ

ବଲାଙ୍ଗିର : (ହି.ସ.) - ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା (ଏନ୍ଏସ୍ଏସ୍) ବ୍ୟୁରୋ ପକ୍ଷରୁ କୁଳପତି ପ୍ରଫେସର ବିଭୂତି ଭୂଷଣ ମଲିକଙ୍କ ମାର୍ଗଦର୍ଶନରେ ବିଶ୍ୱବିଦ୍ୟାଳୟ ସ୍ତରୀୟ ପ୍ରାକ୍-ଗଣତନ୍ତ୍ର ଦିବସ ପ୍ୟାରେଡ୍ ନିମନ୍ତେ ମନୋନୟନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ମନୋନୟନ ଶିବିରରେ ବଲାଙ୍ଗିର ଓ ସୋନପୁର ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରୁ ୪୦ ଜଣ ଏନ୍ଏସ୍ଏସ୍ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ ।ଶିବିରରେ ସ୍ୱେଚ୍ଛାସେବୀମାନଙ୍କର ଶାରୀରିକ ପରୀକ୍ଷାପ୍ୟାରେଡ୍,ଦୌଡ଼ ସହିତ ସାଂସ୍କୃତିକ ଦକ୍ଷତାର ମଧ ପରୀକ୍ଷା କରାଯାଇଥିଲା । ବିଭିନ୍ନ ପର୍ଯ୍ୟାୟର ପରୀକ୍ଷା ପରେ ୬ ଜଣ ଛାତ୍ର ଓ ୪ ଜଣ ଛାତ୍ରୀଙ୍କୁ ରାଜ୍ୟସ୍ତରୀୟ ଗଣତନ୍ତ୍ର ଦିବସ ଶିବିରରେ ଅଂଶଗ୍ରହଣ ପାଇଁ ମନୋନୀତ କରାଯାଇଛି ।ମନୋନୀତ ସ୍ୱେଚ୍ଛାସେବୀମାନେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ହେବାକୁ ଥିବା ପରବର୍ତୀ ପର୍ଯ୍ୟାୟ ଶିବିରରେ ଅଂଶଗ୍ରହଣ କରିବେ । ଶିବିର ପରିଚାଳନାରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଏନ୍ଏସ୍ଏସ୍ ବ୍ୟୁରୋର ସଂଯୋଜକ ଡ.ବଂଶୀଧର ଦୀପ,ବଲାଙ୍ଗିର ଜିଲ୍ଲା ଅଧିକାରୀ ଡ.ଅଜିତ କୁମାର ଭୋଇ,ସୋନପୁର ଜିଲ୍ଲା ଅଧିକାରୀ ଶ୍ରୀ ଧୀରେନ୍ଦ୍ର ମିଶ୍ର,ଏନ୍ଏସ୍ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଶ୍ରୀମତୀ ଦିପ୍ତିମୟୀ ନାଏକ ଓ ସହାୟକ ମନୋରଞ୍ଜନ ପଟେଲ ପ୍ରମୁଖ ସହଯୋଗ କରିଥିଲେ ।ଏଥିସହ ବିଭିନ୍ନ ମହାବିଦ୍ୟାଳୟର ଏନ୍ଏସ୍ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଡ.ଲକ୍ଷ୍ମଣ ମେହେର, ଭବାନୀଶଙ୍କର ବାରିକ,ଛନ୍ଦାଚରଣ ଖୁଂଟିଆ,ଯୁଧିଷ୍ଠିର ପ୍ରଧାନ, ଡ.ମିନତି ଦେବତା ଓ ଅତୁଲ୍ୟ କୁମାର ଭୋଇ ଶିବିର ପରିଚାଳନା ରେ ସହଯୋଗ କରିଥିଲେ । ଶିବିରର ବିଭିନ୍ନ ପରୀକ୍ଷା ଓ କାର୍ଯ୍ୟକ୍ରମକୁ ଭୂତପୂର୍ବ ସୈନିକ ଶ୍ରୀ ବିଜନ କୁମାର ପଣ୍ଡା,ଡା.ମନମୋହନ ବାଗ,ଖେଳ ଶିକ୍ଷକ ଦେବାଶିଷ ନାଗ ଓ ଡ.ସୁଶାନ୍ତ କୁମାର ପଣ୍ଡା ସୁଚାରୁ ରୂପେ ପରିଚାଳନା କରିଥିଲେ । ଏହି ଶିବିରର ସଫଳ ପରିଚାଳନାରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଏନ୍ଏସ୍ଏସ୍ ୟୁନିଟ୍ର ସ୍ୱେଚ୍ଛାସେବୀ ସୋନାଲି ସେଠୀ,ମଧୁସ୍ମିତା ରାଉତ,ଆକାଶ ମେହେର, ବବ୍ଲୁ,ଆକାଶ ପଧାନଙ୍କ ସମେତ ଅନ୍ୟାନ୍ୟ ସ୍ୱେଚ୍ଛାସେବୀ ସକ୍ରିୟ ସହଯୋଗ କରିଥିଲେ ।

# ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ

ଜୟପୁର : (ହି.ସ.) - ଜୟପୁର ବ୍ଲକ ଅନ୍ତା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟଠାରେ ଫାମ୍ପୁଣୀ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୬ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅନ୍ତା ପଂଚାୟତର ସରପଂଚ ଶ୍ରୀ ବାବୁଲା ଦିଶାରୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ସେହିପରି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜୟଲକ୍ଷ୍ମୀ ଜେନା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବୁଦୁରାମ ହରିଜନ, ବରିଷ୍ଠ ଶିକ୍ଷକ ପ୍ରତାପ ଚନ୍ଦ୍ର ପଣ୍ଡା, ଶିକ୍ଷୟିତ୍ରୀ ଜ୍ୟୋତିରାଣୀ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ଏଥିରେ ଫାମ୍ପୁଣୀ କ୍ଲଷ୍ଟରର ୧୫ ଟି ବିଦ୍ୟାଳୟରୁ ୨୦୦ ଜଣ ଛାତ୍ରଛାତ୍ରୀ ବକ୍ତୃତା, ସୃଜନଶୀଳ ଲିଖନ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, ସଂଗୀତ, ଦଳଗତ ନୃତ୍ୟ, ପି ଏମ ପୋଷଣ, ସୁନ୍ଦର ହସ୍ତାକ୍ଷର ଲିଖନ ପ୍ରତିଯୋଗିତା ରେ ଅଂଶଗ୍ରହଣ କରିଥିଲେ । ଫାମ୍ପୁଣୀ କ୍ଲଷ୍ଟର ର ଆଂଚଳିକ ସାଧନ ସଂଯୋଜକ ଜ୍ୟୋତିଶଙ୍କର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମଟିକୁ ଆୟୋଜନ କରାଯାଇଥିଲା । ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ମାନେ ବ୍ଲକ ସ୍ତରକୁ ଉତୀର୍ଣ୍ଣ ହେବା ସହ ଶେଷରେ ଉଦଯାପନୀ ଉତ୍ସବରେ କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଶିକ୍ଷକ ହରିହର ପଟ୍ଟନାୟକ, ମନୋରଞ୍ଜନ ପଲାଇ ମଂଚ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଫାମ୍ପୁଣୀ କ୍ଲଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

# ଜିଲ୍ଲାସ୍ତରୀୟ ନବମ ରାଷ୍ଟ୍ରୀୟ ପୋଷଣ ମାସ ପାଳନ

ପୁରୀ : (ହି.ସ.) – ପୁରୀ ଜିଲ୍ଲାସ୍ତରୀୟ ନବମ ରାଷ୍ଟ୍ରୀୟ ପୋଷଣ ମାସ ଆଜି ପୂର୍ବାହ୍ନରେ ଜିଲ୍ଲା ସଂସ୍କୃତି ଭବନ ଠାରେ ପାଳିତ ହୋଇଥିଲା । ଜିଲ୍ଲା ପ୍ରଶାସନ, ସମାଜ କଲ୍ୟାଣ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକ ସମ୍ପର୍କ ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁସ୍ଥ ରହିବା ପାଇଁ ପୋଷଣ ଯୁକ୍ତ ଉପଯୁକ୍ତ ଖାଦ୍ୟର ଆବଶ୍ୟକତା ରହିଛି ବୋଲି କହିଥିଲେ । ପୂର୍ବରୁ ପ୍ରତି ପରିବାର ବାଡ଼ି ବଗିଚାରେ ବିବିଧ ପନିପରିବା, ଶାଗ, ମୁଗ ଇତ୍ୟାଦି ଚାଷ କରାଯାଉଥିଲା । ଏହା କିଚେନ ଗାର୍ଡ଼ନ ଭାବେ ଆମ ରୋଷଶାଳାକୁ ସମୃଦ୍ଧ କରୁଥିଲା । ଏହି ବଗିଚାରେ ହେଉଥିବା ସତେଜ ପନିପରିବା ଖାଇ ସମସ୍ତେ ସୁସ୍ଥ ଓ ନିରୋଗ ରହୁଥିଲେ । ସମୟ ବଦଳିବା ସହ ଖାଦ୍ୟ ଗ୍ରହଣର ତରିକା ବଦଳିଛି । ଆଜିକାଲିର ପିଲାମାନେ ଆମ ପାରମ୍ପରିକ ଖାଦ୍ୟ ଯାହା ପୁଷ୍ଟିକର ଓ ସ୍ୱାସ୍ଥ୍ୟ ପ୍ରଦ ତାକୁ ପସନ୍ଦ କରୁନାହାନ୍ତି । ଜଙ୍କ୍‌ଫୁଡ଼ ଖାଇବା ଦ୍ୱାରା ଅସୁସ୍ଥ ହେଉଛନ୍ତି । ଆମେ ସମସ୍ତେ ଏ ସମ୍ପର୍କରେ ସଚେତନ ହେବା ଓ ସମସ୍ତଙ୍କୁ ସଚେତନ କରାଇବାର ଆବଶ୍ୟକତା ରହିଛି । ପିଲାବେଳୁ ପିଲାର ଉତ୍ତମ ପୁଷ୍ଟି ଓ ସ୍ୱାସ୍ଥ୍ୟ ରକ୍ଷା ପ୍ରତି ସଚେତନ ହେବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ସେ କହିଥିଲେ । ଅନ୍ୟତମ ଅତିଥି ଭାବେ ଡା ସୂର୍ଯ୍ୟ ନାରାୟଣ ମିଶ୍ର, ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ମହାବୀର ରୁଦ୍ର ନାରାୟଣ ସାହୁ, ଜିଲ୍ଲା ଟ୍ରେଜେରୀର ସହକାରୀ ଟ୍ରେଜେରୀ ଅଧିକାରୀ ଡ ରଶ୍ମି ସେନାପତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ପ୍ରମୁଖ ଯୋଗଦେଇ ଆମ ପାରମ୍ପରିକ ଖାଦ୍ୟରେ ଯେଉଁ ପୁଷ୍ଟି ଓ ଶକ୍ତି ରହିଛି ତାହା ଅନ୍ୟ କେଉଁଠାରେ ମିଳିବ ନାହିଁ । ଏଠାରେ ପ୍ରଦର୍ଶିତ ଖାଦ୍ୟ ସମୂହ ତାହାର ଉଦାହରଣ । ଅଙ୍ଗନବାଡ଼ିରେ ଦିଆଯାଉଥିବା ଖାଦ୍ୟ ପ୍ରଣାଳୀ ସମ୍ପର୍କରେ ସମସ୍ତ ମା'ମାନଙ୍କୁ ସଚେତନ କଲେ ଏହାର ଉପକାରିତା ମିଳିପାରିବ । ଆମ ପାଇଁ ସବୁଦିନ ପୋଷଣର ଦିନ ଓ ପ୍ରତେକ ପ୍ରାକୃତିକ ଶାଗ ମୁଗ, ପନିପରିବା ଓ ପାରମ୍ପରିକ ପ୍ରଣାଳୀରେ ପ୍ରସ୍ତୁତ ଖାଦ୍ୟକୁ ଗ୍ରହଣ କଲେ ଡାକ୍ତରଖାନା ଯିବାର ଆବଶ୍ୟକତା ପଡ଼ିବନାହିଁ ବୋଲି ସେମାନେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ରୁନୀତା ପ୍ରଧାନ, ପ୍ରୋଗ୍ରାମ ଅଫିସର ସୁହାଗୀ ହେମ୍ବ୍ରମ, ବ୍ରହ୍ମଗିରି ସିଡିପିଓ ଝରଣା ଶତପଥୀ, ଡିଏଲ୍‌ଏଫ୍ ସେକ୍ରେଟାରୀ ମୀନାକ୍ଷୀ ପୃଷ୍ଟି ପ୍ରମୁଖ ଯୋଗ ଦେଇଥିଲେ । ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ଏଥିରେ ଅଧ୍ୟକ୍ଷତା କରିବା ସହ ଅତିଥିମାନଙ୍କୁ ସ୍ୱାଗତ, କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ । ପରେ ଅତିଥିମାନେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ଓ ପୋଷଣ ଯୁକ୍ତ ଖାଦ୍ୟ ପ୍ରଦର୍ଶନୀରେ ଅଂଶଗ୍ରହଣ କରି ଶ୍ରେଷ୍ଠ ହୋଇଥିବା ଅଂଶଗ୍ରହଣକାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ପ୍ରାରମ୍ଭରେ ଅତିଥିମାନେ ମହାପ୍ରଭୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ପୋଷଣ ମାସ ଅବସରରେ ବିଭିନ୍ନ ପୁଷ୍ଟିକର ଖାଦ୍ୟ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ରାଜ୍ୟ ସଂଗୀତ ବନ୍ଦେ ଉତ୍କଳ ଜନନୀ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମରେ ସମାଜ କଲ୍ୟାଣ କାର୍ଯ୍ୟାଳୟର ପୋଷଣର ଜିଲ୍ଲା ସଂଯୋଜକ ସସ୍ମିତା କର୍ମକାର, ମମତାର ଡିପିସି ପ୍ରଣତି ମହାନ୍ତି, ମିଶନ ଶକ୍ତି ଡିପିସି ସ୍ୱାଗତିକା ପରିଡ଼ା, ସୁପରଭାଇଜର ବାଲ୍ୟବତୀ ମହାନ୍ତି ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

# କଟକ ଜିଲ୍ଲାର ବିକଶିତ ଭାରତ ସଂକଳ୍ପ ସଭା ଓ ସେବାଜ୍ୟୋତି କାର୍ଯ୍ୟକ୍ରମ



କଟକ: (ନି ପ୍ର) କଟକ ଜିଲ୍ଲାର ବିଭିନ ନିର୍ବାଚନ ମଣ୍ଡଳୀରୁ ସ୍ଥାନୀୟ ବିଜେପି ନେତାଙ୍କ ନେତୃତ୍ୱରେ ବିରାଟ ଶୋଭାଯାତ୍ରାରେ ଆସି ସମସ୍ତ କାର୍ଯ୍ୟକର୍ତା କଟକ ଇନ କଟକ ସଭାସ୍ଥଳରେ ବିକଶିତ ଭାରତ ସଂକଳ୍ପ ସଭାରେ ଯୋଗ ଦେଇଥିଲେ । ପ୍ରଥମେ ସାଂସ୍କୃତିକ କାର୍ଯ୍ୟକ୍ରମ ପରେ ଉପସ୍ଥିତ ନେତୃବୃନ୍ଦ ଦ୍ୱୀପ ପ୍ରଜ୍ୱଳନ କରିବା ପରେ ସିଧା ପ୍ରସାରଣ ରେ ବିଜେପି ରାଷ୍ଟ୍ରୀୟ ସଭାପତି ନୀତିନ ନବୀନ ଓ ପରେ ପରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଚଣ୍ଡ ଆହ୍ୱାନ ଭରା ଉଦବୋଧନ ସମସ୍ତେ ଶୁଣିଥିଲେ । ଏହା ପରେ ୨୦୪୭ସୁଦ୍ଧା ବିକଶିତ ଭାରତ କରିବା ପାଇଁ ଉପସ୍ଥିତ ସମସ୍ତଙ୍କୁ ପଣ୍ଡିତ ପ୍ରଦୀପ କୁମାର ମହାପାତ୍ର ସଂକଳ୍ପ ପତ୍ର ପାଠ କରାଇଥିଲେ । କଟକ ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳ ଓ ଗ୍ରାମୀଣ ଜିଲ୍ଲା ସଭାପତି ରାମ ନାରାୟଣ ମହାନ୍ତି ଙ୍କ ଆୟୋଜନରେ ହୋଇଥିବା ଏହି ସଭା ପରିଚାଳନା କରିଥିଲେ ପୂର୍ବତନ ଜିଲ୍ଲା ସଭାପତି ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଲଲାଟେନ୍ଦୁ ବଡୁ । ଏହି ଅବସରରେ କଟକର ବିଶିଷ୍ଟ ନାଗରିକ ସର୍ବଶ୍ରୀ ପ୍ରହଲ୍ଲାଦ ଖଣ୍ଡେଲୱାଲ,ବିହାରୀ ସମାଜ ନେତା ଶୈଳେଶ ବର୍ମା, ସମାଜସେବୀ ସଞ୍ଜୟ ମହାକୁଡ଼, ଅଲେଖ ସାଧୁ ସୁକାନ୍ତ ବେହେରା , ସମାଜସେବୀ ସୁକାନ୍ତ ମହାନ୍ତି ପ୍ରମୁଖଙ୍କୁ ଜିଲ୍ଲା ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଜେପି ରାଷ୍ଟ୍ରୀୟ ମନ୍ତ୍ରୀ ତଥା ଓଡିଶା ବିଜେପିର ସହ ପ୍ରଭାରୀ ଡ଼ଃ ସ୍ୱଦେଶ ସିଂ, ରାଜ୍ୟ ସାଧାରଣ ସମ୍ପାଦକ (ସଂଗଠନ) ମାନସ କୁମାର ମହାନ୍ତି,କଟକ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବ, ଜିଲ୍ଲା ପ୍ରଭାରୀ ଜ୍ଞାନଦେବ ବେଉରା, ନିଆଳି ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଛବି ମଲ୍ଲିକ, କଟକ ସଦର ବିଧାୟକ ଇଂ ପ୍ରକାଶ ସେଠି, ମାହାଙ୍ଗା ବିଧାୟକ ଶାରଦା ପ୍ରଧାନ, ବଡମ୍ବା ନରସିଂହପୁର ବିଧାୟକ ବିଜୟ କୁମାର ଦଳ ବେହେରା, ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀ,ରାଜ୍ୟ ମୁଖ ପାତ୍ର ଦିଲ୍ଲୀପ ମଲ୍ଲିକ,ବରିଷ୍ଠ ବିଜେପି ନେତା ନୟନ କିଶୋର ମହାନ୍ତି, ପୂର୍ବତନ ଡ଼ଃ ପ୍ରଭାତ ରଞ୍ଜନ ବିଶ୍ୱାଳ, ପ୍ରଦୀପ ପଟ୍ଟନାୟକ, ଡ଼ଃ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ତୁଷାର କାନ୍ତି ଚକ୍ରବର୍ତ୍ତୀ, ଅରିନ୍ଦମ ରାୟ, ଅଭୟ ବାରିକ, ବିନୋଦ ଦାସ, କୁଞ୍ଜମୋହନ ସେଠି,ରଶ୍ମିରେଖା ଦାସ, ଓମ ପ୍ରକାଶ ରାୟ, ଶ୍ରୀତମ ଦାସ ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ରହି ସେବାଜ୍ୟୋତି ମଶାଲ ଜାଳି ବାଲିଯାତ୍ରା ତଳ ପଡିଆରୁ ଏକ ବିଶାଳ ଶୋଭାଯାତ୍ରାରେ କ୍ୟାଂଟନ ମେଂଟ ବାଟ ଦେଇ ମଙ୍ଗଳା ବାଗ ଛକରେ ସେବାଜ୍ୟୋତି ସ୍ଥାପନ କରିଥିଲେ । ମଙ୍ଗଳାବାଗ ଛକ କୁ ସେବାଜ୍ୟୋତି ଛକ ନାମରେ ନାମିତ କରାଯିବାକୁ ନିଶ୍ଚିତ ହୋଇଛି ।

# କଳା ଓ ପ୍ରତିଭାର ମଂଚ 'ମହକ'ରେ ଝଲସିଲେ ଶିଶୁ



ବାରିପଦା (ସ୍ୱପ୍ର): ବାରିପଦାସ୍ଥିତ ସହିଦ ସ୍ମୃତି ଭବନଠାରେ ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ 'ମହକ' ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ୮ଟି ଶିଶୁ ଯତ୍ନ ଅନୁଷ୍ଠାନର ୨୦୦ରୁ ଉର୍ଦ୍ଧ୍ୱ ଅନ୍ତେବାସୀ ଏଥିରେ ଅଂଶଗ୍ରହଣ କରି ବିଭିନ୍ନ ସାଂସ୍କୃତିକ ଓ ପ୍ରତିଭାଭିତିକ ପ୍ରତିଯୋଗିତାରେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ । କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ମୟୂରଭଞ୍ଜ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ସଂଯୁକ୍ତା ମହାରଣା ଏବଂ ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷା ଭାସ୍ୱତୀ ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ଅନ୍ତେବାସୀ ଶିଶୁମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାର ବିକାଶ ଓ ପରିପ୍ରକାଶ ସହ ସେମାନଙ୍କୁ ନିଜ ପ୍ରତିଭା ପ୍ରଦର୍ଶନ ପାଇଁ ଏକ ସୁଯୋଗ ପ୍ରଦାନ କରିବା 'ମହକ' ଆୟୋଜନର ପ୍ରମୁଖ ଉଦ୍ଦେଶ୍ୟ । 'ଉତ୍ସାହ' ଅଧୀନରେ କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହୋଇଥିବାବେଳେ, 'ମହକ' ଅଧୀନରେ ସାଂସ୍କୃତିକ ଓ ବୌଦ୍ଧିକ ପ୍ରତିଭାକୁ ନେଇ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା । ଏଥିରେ ଗୀତ, ସାମୂହିକ ନୃତ୍ୟ, ଚିତ୍ରାଙ୍କନ, ବକ୍ତୃତା, ସାଧାରଣ ଜ୍ଞାନ ଓ ପ୍ରତିଭା ଅନ୍ୱେଷଣ ଆଦି ପ୍ରତିଯୋଗିତା ସାମିଲ ଥିଲା । କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ବାରିପଦା ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦୀପକ ଗୋଛାୟତ, ଜିଲ୍ଲା ନିଯୁକ୍ତି ଅଧିକାରୀ ଆଶିଷ କୁମାର ବସନ୍ତିଆ ଏବଂ ଶିଶୁ ମଙ୍ଗଳ ସମିତିର ସଦସ୍ୟ ସୁରଥ କୁମାର ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ଥିଲେ । ଅତିଥି ମାନେ ଶିଶୁମାନଙ୍କୁ ଉତ୍ସାହିତ କରିବା ସହ 'ଉତ୍ସାହ' ଓ 'ମହକ' ଅଧୀନରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀ ମାନଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରି ପୁରସ୍କୃତ କରିଥିଲେ । ଜିଲ୍ଲା ସ୍ତରରେ 'ଉତ୍ସାହ' ଓ 'ମହକ'ର ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱର ସହ ପ୍ରଥମ ସ୍ଥାନ ଅର୍ଜନ କରିଥିବା ପ୍ରତିଯୋଗୀ ମାନେ ରାଜ୍ୟ ସ୍ତରୀୟ 'ଉତ୍ସାହ' ଓ 'ମହକ' ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ।ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ସଫଳ ଆୟୋଜନରେ ଶିଶୁ ଯତ୍ନ ଅନୁଷ୍ଠାନଗୁଡ଼ିକର କର୍ମକର୍ତ୍ତା, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ର କର୍ମକର୍ତ୍ତା ଏବଂ ଚାଇଲ୍ଡ ଲାଇନ୍ର କର୍ମକର୍ତାମାନେ ସହଯୋଗ କରିଥିଲେ ।ଶେଷରେ ସୁରକ୍ଷା ଅଧିକାରୀ, ଆନୁଷ୍ଠାନିକ ସେବା ମଧୁସୂଦନ ରଥ ଧନ୍ୟବାଦ ଅର୍ପଣ କରିଥିଲେ ।

# ବେତାଳିଗାଁ ବଜାରର 'ଶିବ ପ୍ରସାଦ ଜୁଏଲାରି' ଦୋକାନୀ ଅଟକ; ଚୋରି ସୁନା କିଣାବିକା ଅଭିଯୋଗରେ ପୋଲିସର ତଦନ୍ତ ଜାରି

ଧାମନଗର : ଧାମନଗର ବ୍ଲକ ଧୁଷୁରୀ ଥାନା ଅନ୍ତର୍ଗତ ବେତାଳିଗାଁ ବଜାରରେ ଥିବା ଏକ ସୁନା ଦୋକାନର ମାଲିକ ଚୋରି ସୁନା କିଣିବା ଅଭିଯୋଗରେ ଧୁଷୁରୀ ପୋଲିସ ଦ୍ୱାରା ଅଟକ ହୋଇଥିବା ଜଣାପଡ଼ିଛି । ମିଳିଥିବା ସୂଚନା ଥାଉ କି 'ଶିବ ପ୍ରସାଦ ଜୁଏଲାରି'ର ମାଲିକ ପ୍ରଭାତ ପଣ୍ଡାଙ୍କୁ ପୋଲିସ ଥାନାରେ ଅଟକ ରଖି ଏହି ଘଟଣାର ବ୍ୟାପକ ପଚରାଉଚରା ଓ ତଦନ୍ତ ଚଳାଇଛି ।ଘଟଣାରୁ ପ୍ରକାଶ ଯେ, ସାଆଁଳପୁର ଗ୍ରାମର ଜଣେ ନାବାଳିକା ଝିଅ ସେହି ଗ୍ରାମର ପୂଜା ରାଣୀ ଙ୍କ ଘରେ ଶୁଆ ବସା କରୁଥିଲେ । ଏହି ସୁଯୋଗରେ ସେଠାରେ ଥିବା ସୁନା ଓ ରୂପା ଅଳଙ୍କାର ଉପରେ ନାବାଳିକାଙ୍କ ନଜର ପଡ଼ିଥିଲା । ପରେ ନାବାଳିକା ଜଣକ ସେଠାରୁ ସୁନା ନାକ ଫୁଲ, ସୁନା ହାର ଓ ବାହୁଟି ଆଦି ପ୍ରାୟ ୩ ଲକ୍ଷରୁ ଉର୍ଦ୍ଧ୍ୱ ମୂଲ୍ୟର ସୁନା ଅଳଙ୍କାର ଚୋରି କରି ବେତାଳିଗାଁ ବଜାରରେ ଥିବା ଉକ୍ତ 'ଶିବ ପ୍ରସାଦ ଜୁଏଲାରି'ରେ ବିକ୍ରି କରିଥିବା ଅଭିଯୋଗ ହୋଇଛି ।ପରେ ଏହି ଘଟଣା ସାମ୍ନାକୁ ଆସିବା ପରେ ପୂଜା ରାଣୀ ଏନେଇ ଧୁଷୁରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତିକରି ପୋଲିସ ତୁରନ୍ତ ତତ୍ପରତା ପ୍ରକାଶ କରି ସୁନା ଦୋକାନୀଙ୍କୁ ଥାନାକୁ ଆଣି ପଚରାଉଚରା ଜାରି ରଖିଛି ।ଅନ୍ୟପକ୍ଷରେ, ସ୍ଥାନୀୟ ଅଂଚଳରେ ଚର୍ଚ୍ଚା ହେଉଛି ଯେ ଗ୍ରାମାଂଚଳରେ କିପରି ଏତେ ବଡ଼ ଏକ ଭବ୍ୟ ସୁନା ଦୋକାନ ଚାଲିଛି ଏବଂ ଏଭଳି ଦୋକାନୀମାନେ ସକ୍ରିୟ ରହିଛନ୍ତି । ସ୍ଥାନୀୟ ଅଂଚଳର ବିଭିନ୍ନ ଘର ଏବଂ ମଠ-ମନ୍ଦିରରୁ ପ୍ରାୟତଃ ଚୋରି ହେଉଥିବା ସୁନା-ରୂପା ଅଳଙ୍କାରଗୁଡ଼ିକ ଏହିପରି ଅସାଧୁ ବ୍ୟକ୍ତିମାନଙ୍କ ଜରିଆରେ ବିକ୍ରି ହେଉଥାଇପାରେ ବୋଲି ସାଧାରଣରେ ସନ୍ଦେହ ପ୍ରକାଶ ପାଉଛି । ପୋଲିସର ତଦନ୍ତ ପରେ ଏହି ଘଟଣାର ସମସ୍ତ ସତ୍ୟତା ପଦାକୁ ଆସିବ ବୋଲି ଆଶା କରାଯାଉଛି ।

# 'ବିକଶିତ ଭାରତ ୨୦୪୭' ସାମୂହିକ ସଂକଳ୍ପ ଓ 'ସେବା ଜ୍ୟୋତି' ପଦଯାତ୍ରା ଅନୁଷ୍ଠିତ

ନୟାଗଡ଼ : ନୟାଗଡ଼ ଜିଲ୍ଲା ସଦର ମହକୁମା ସ୍ଥିତ ନୟାଗଡ଼ ଷ୍ଟାଡିୟମଠାରେ ସେବା ସଂକଳ୍ପ ଅଭିଯାନ -୨୦୨୬ ଅନ୍ତର୍ଗତ ଏକ ସେବା ଜ୍ୟୋତି ପଦଯାତ୍ରା ସଫଳତାର ସହ ସମ୍ପନ୍ନ ହୋଇଯାଇଛି । ଏହି ଅବସରରେ ମାନ୍ୟବର ରାଜ୍ୟସଭା ସାଂସଦ ଶ୍ରୀ ଦେବାଶିଷ ସାମନ୍ତରାୟ, ମାନ୍ୟବର ବିଧାୟକ, ଖଣ୍ଡପଡ଼ା ତଥା ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ, ପୂର୍ବତନ କନ୍ଧମାଳ ସାଂସଦ ଶ୍ରୀମତୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ, ବ୍ଲକ ଅଧ୍ୟକ୍ଷ,ନୟାଗଡ଼ ଶ୍ରୀ କିଶୋର ଚନ୍ଦ୍ର ସାହୁ, ଜିଲ୍ଲା ଜନ ଜାତି ଯୋଜନା ବୋର୍ଡ଼ ଅଧ୍ୟକ୍ଷ ଶ୍ରୀ ତ୍ରିନାଥ ମଲ୍ଲିକ, ବରିଷ୍ଠ ଆଇନଜୀବୀ ଶ୍ରୀ ମାଧବ ପ୍ରସାଦ ମିଶ୍ର, ବିଶିଷ୍ଟ ସମାଜ ସେବୀ ଶ୍ରୀ ରାଘବ ମଲ୍ଲିକ, ତାପସ ରଞ୍ଜନ ମାର୍ଥା, ସୁରଥ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ । ପ୍ରାରମ୍ଭରେ ସକାଳ ୯ ଘଟିକା ସମୟରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା । ପ୍ରଥମେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପରେ ଅତିଥିମାନଙ୍କୁ ମଂଚ ଆମନ୍ତ୍ରଣ, ସ୍ୱାଗତ ସମ୍ବର୍ଦ୍ଧନା ଏବଂ 'ବନ୍ଦେ ମାତରଂ' ଗାନ କରାଯାଇଥିଲା । ଅତିଥିମାନେ ନିଜ ନିଜ ଅଭିଭାଷଣରେ ଦେଶର ପ୍ରଗତି ଏବଂ ସେବା ମନୋଭାବ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଏହା ପରେ ଆଭାସୀ ମାଧମରେ ମାନନୀୟ ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ ନୀତିନ ନବୀନ ଏବଂ ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇଥିଲେ । ପ୍ରଧାନମନ୍ତ୍ରୀଙ୍କ ସମ୍ବୋଧନ ପରେ ଉପସ୍ଥିତ ସମସ୍ତ ନାଗରିକ "ବିକଶିତ ଭାରତ ଅ୨୦୪୭" ନିର୍ମାଣ ପାଇଁ ସାମୂହିକ ସଂକଳ୍ପ ପାଠ କରିଥିଲେ । ସଂକଳ୍ପ ଗ୍ରହଣ ପରେ ପୂର୍ବାହ୍ନ ୧୧ ଘଟିକା ସମୟରେ ଅତିଥିମାନଙ୍କ ଦ୍ୱାରା 'ସେବା ଜ୍ୟୋତି' ପ୍ରଜ୍ୱଳିତ କରାଯାଇଥିଲା ଏବଂ ଜାତୀୟ ସଂଗୀତ ଗାନ ପରେ ସେବା ଜ୍ୟୋତି ସ୍ଥାପନା ଉଦ୍ଦେଶ୍ୟରେ ଏକ ପଦଯାତ୍ରା ବାହାରିଥିଲା, ଯେଉଁଥିରେ ଶତାଧିକ ଲୋକ ବହୁ ଉତ୍ସାହର ସହ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।ଏହି ଅବସରରେ ଜିଲ୍ଲା ପ୍ରଶାସନ ଦ୍ୱାରା ଏକ ବିଶାଳ ଭାରତ ମଣ୍ଡଳମ ଏବଂ ରଙ୍ଗୋଲି ରାଷ୍ଟ୍ର ନିର୍ମାଣ କରାଯାଇଥିଲା କ୍ଷ ଏହି ନିର୍ମାଣରେ କେବଳ ପ୍ରାକୃତିକ ସାମଗ୍ରୀ ଯଥା ଫୁଲ, ପତ୍ର, ଧାନ,ଚାଉଳ, ମାଟି, ଗୋଡ଼ି ଆଦି ବ୍ୟବହାର କରାଯାଇଥିଲା କ୍ଷ ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ଆଇନଜୀବୀ ଶ୍ରୀ ଚନ୍ଦ୍ର ବିଜୟୀ ମିଶ୍ର ସୁଚାରୁ ରୂପେ ପରିଚାଳନା କରିଥିଲେ ।

# 'ଆଜିକାଲି'ର ୫୦ତମ ପ୍ରତିଷ୍ଠା ଦିବସ ଅବସରରେ ଶୁଭେଚ୍ଛା

RAMAMANI JENA
ANGANWADI TEACHER
&
SOCIAL WORKER
KADABARANGA
AGARAPADA, BHADRAK

TARA CAFE

MAMATA MAYEE ROUT
GELPUR, BHADRAK

JYOTI RANJAN NAYAK

YUBA SOCIAL WORKER
NARIPUR, ASTAL THAKURA ANANTA
NARAYAN MARGA, BHADRAK



SUNIL KUMAR DUTTA

BRANCH MANAGER : ODISHA GRAMEEN BANK,
KORAPUT

ADDRESS : SOLAMPUR, BHANDARIPOKHARI,
BHADRAK

DR. MONALISHA NAYAK

PHYSIOTHERAPIST
NARIPUR, ASTAL THAKURA ANANTA
NARAYAN MARGA, BHADRAK



ରତିକାନ୍ତ ଦଳାଇ (ଲିକୁନ୍)
ପଦ୍ମପୁର ମଣ୍ଡଳ ସଭାପତି,
ଭାରତୀୟ ଜନତା ପାର୍ଟି,
ବାସୁଦେବପୁର ନିର୍ବାଚନ ମଣ୍ଡଳୀ

Ph. No. 06784-251895, 251307 M.No.: +91 78941 88977

UTKAL BUILDING MATERIALS (P) LTD.
BY-PASS, BHADRAK - 756100 (ODISSA)

DEALS IN :
Marble, Granite, Wall & Floor Tiles, PVC, GI Pipe & Fittings,
Sanitaryware, G.P., G.C. & A.C. Sheets

ଓଡ଼ିଆଣୀ
ODIANEE

DILLIP PANDA
Managing Director

Odianee Private Limited,
NH-16, Manipur, Panikoili
755 043 Jajpur
+91 94370 78361
dillip.preetam@gmail.com
/dillipkumar.panda1
/odianee_restaurant

## ଶୁଭେଚ୍ଛା ବାର୍ତ୍ତା



ଡା. ଫକୀର ମୋହନ ନାଏକ
ବିଧାୟକ ତେଲକୋଇ, ଜିଲ୍ଲା ଯୋଜନା ବୋର୍ଡଧକ୍ଷ, କେନ୍ଦୁଝର

## ଶୁଭେଚ୍ଛା ବାର୍ତ୍ତା

"ଆଜିକାଲି" ଦୈନିକ ଖବର କାଗଜର ସ୍ୱନକ୍ଷତ୍ର ଦିବସ ଅବସରରେ ବଦଫେଣି ପଂଚାୟତ ର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ସହ ତାଙ୍କ ମଙ୍ଗଳ କାମନା କରୁଛି । ଜୟ ଜଗନ୍ନାଥ ।




ଶ୍ରୀମତୀ ନିୟତି ନାଏକ
ସରପଂଚ ବଡଫେଣି ଗ୍ରାମ ପଂଚାୟତ

## ଶୁଭେଚ୍ଛା ବାର୍ତ୍ତା

"ଆଜିକାଲି"ର ସ୍ୱନକ୍ଷତ୍ର ଦିବସ ଅବସରରେ ପଂଚାୟତ ବାସୀଙ୍କୁ ତାଙ୍କର ମଙ୍ଗଳ କାମନା କରି, ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।



ଶ୍ରୀମତୀ ଚାନ୍ଦମଣି ସିଂ
ସରପଂଚ ଲକ୍ଷ୍ମଣାସାହି ଗ୍ରାମ ପଂଚାୟତ

## ଶୁଭେଚ୍ଛା ବାର୍ତ୍ତା

'ଆଜିକାଲି' ଦୈନିକ ଖବର କାଗଜର ସ୍ୱନକ୍ଷତ୍ର ଦିବସ ଅବସରରେ ବଦଫେଣି ପଂଚାୟତର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ସହ ତାଙ୍କ ମଙ୍ଗଳ କାମନା କରୁଛି । ଜୟ ଜଗନ୍ନାଥ ।



ଶ୍ରୀମତୀ ନିୟତି ନାଏକ
ସରପଂଚ ବଡଫେଣି ଗ୍ରାମ ପଂଚାୟତ



ଅଖିଳଚନ୍ଦ୍ର ନାଏକ
ବିଧାୟକ, ପାଟଣା

"ଆଜିକାଲି" ଦୈନିକ ଖବର କାଗଜର ସ୍ୱନକ୍ଷତ୍ର ଦିବସ ଅବସରରେ ମୋ ପଂଚାୟତବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସମସ୍ତଙ୍କ ମଙ୍ଗଳ କାମନା କରୁଛି ।

ଶ୍ରୀ ସୁରଂଚି ବେହେରା
ସରପଂଚ ଡୁକୁରା ଗ୍ରାମ ପଂଚାୟତ

## ମଧ୍ୟସ୍ଥତା ମାଧ୍ୟମରେ ଶୀଘ୍ର ନ୍ୟାୟ : ୩୧ ଡିସେମ୍ବର ଯାଏଁ ଚାଲିବ 'ମେଡିଏସନ୍ ଡ୍ରାଇଭ୍-୩.୦'



ବ୍ରହ୍ମପୁର : ଅଦାଲତରେ ଦୀର୍ଘଦିନ ଧରି ବିଚାରାଧୀନ ଥିବା ମଧ୍ୟସ୍ଥତାଯୋଗ୍ୟ ମାମଲାଗୁଡ଼ିକର ଶୀଘ୍ର, ସହଜ ଓ ସୌହାର୍ଦ୍ଦପୂର୍ଣ୍ଣ ସମାଧାନ ଲକ୍ଷ୍ୟରେ ଅକ୍ଟୋବର ୧ ତାରିଖରୁ 'ମେଡିଏସନ୍ ଡ୍ରାଇଭ୍-୩.୦' ଆରମ୍ଭ ହୋଇଛି । ଏହି ଅଭିଯାନ ୩୧ ଡିସେମ୍ବର ୨୦୨୬ ପର୍ଯ୍ୟନ୍ତ ଚାଲିବ । ମଧ୍ୟସ୍ଥତା ଏକ ସରଳ, ଶୀଘ୍ର ଓ ଖର୍ଚ୍ଚ ସଂଯକାରୀ ବିବାଦ ସମାଧାନ ପ୍ରକ୍ରିୟା । ମଧ୍ୟସ୍ଥଙ୍କ ସହଯୋଗରେ ମାମଲାର ଉଭୟ ପକ୍ଷ ଆଲୋଚନା ମାଧ୍ୟମରେ ନିଜସ୍ୱ ସମ୍ମତିରେ ବିବାଦର ସମାଧାନ କରିପାରନ୍ତି । ଏହାଦ୍ୱାରା ଦୀର୍ଘ ନ୍ୟାୟିକ ପ୍ରକ୍ରିୟାରୁ ମୁକ୍ତି ସହିତ ଉଭୟ ପକ୍ଷଙ୍କ ସମୟ, ଅର୍ଥ ଓ ମାନସିକ ଚାପ ହ୍ରାସ ପାଇଥାଏ । ଏହି ଅଭିଯାନରେ ଅଦାଲତରେ ବିଚାରାଧୀନ ମଧ୍ୟସ୍ଥତାଯୋଗ୍ୟ ମାମଲାର ପକ୍ଷମାନେ ମଧ୍ୟସ୍ଥତାର ସୁଯୋଗ ନେଇ ନିଜ ବିବାଦର ଶୀଘ୍ର ସମାଧାନ କରିପାରିବେ । ବିଶେଷକରି ପରିବାରିକ, ଦାମ୍ପତ୍ୟ, ସମ୍ପତ୍ତି, ଅର୍ଥନୈତିକ ଓ ଅନ୍ୟାନ୍ୟ ମଧ୍ୟସ୍ଥତାଯୋଗ୍ୟ ବିବାଦ କ୍ଷେତ୍ରରେ ଏହା ଉପଯୋଗୀ ହୋଇପାରିବ । "ବିବାଦ ନୁହେଁ, ସମାଧାନକୁ ବାଛନ୍ତୁ । ମଧ୍ୟସ୍ଥତା ମାଧ୍ୟମରେ ଶୀଘ୍ର ନ୍ୟାୟ ପାଆନ୍ତୁ" ଏହି ବାର୍ତ୍ତା ସହ ସାଧାରଣ ଜନତାଙ୍କୁ 'ମେଡିଏସନ୍ ଡ୍ରାଇଭ୍-୩.୦'ର ସୁଯୋଗ ନେବାକୁ ଆହ୍ୱାନ କରାଯାଇଛି । ମାମଲା ବର୍ଷ ବର୍ଷ ଧରି ଚାଲିବାକୁ ଅପେକ୍ଷା ନକରି ମଧ୍ୟସ୍ଥତା ମାଧ୍ୟମରେ ଶୀଘ୍ର ଓ ସୌହାର୍ଦ୍ଦପୂର୍ଣ୍ଣ ସମାଧାନର ପଥ ବାଛିବାକୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି ।

## ଖୋଲିଲା ଏଏମ ରୟାଲ ଅଟୋ ହବ

ନୟାଗଡ : ନୟାଗଡ଼ରେ ଖୋଲିଲା ଏଏମ ରୟାଲ ଅଟୋ ହବ । ଅତ୍ୟାଧୁନିକ ପ୍ରଣାଳୀରେ ନିର୍ମିତ ସର୍ବିସିଂ ସେଂଟରରେ ରୋବୋଟିକ ପ୍ରଣାଳୀରେ ଗାଡି ଗୋଡ଼ିକର ମରାମତି ସହିତ ଡେଂଟିଙ୍ଗ, ପେଟିଙ୍ଗ, ଲାମିନେସନ ଓ ପିପିଏଫ କରିଯିବ କ୍ଷ ଏଠାରେ ସମସ୍ତ କମ୍ପାନୀର ଚାରି ଚକିଆ ଯାନ ସର୍ବିସିଂ କରାଯିବାର ବ୍ୟବସ୍ଥା କରାଯାଇଛି କ୍ଷ ଏହାକୁ ନୟାଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ପୌର ଅଧ୍ୟକ୍ଷ ନିରୁପମା ଖଟେଇ, ବିଜେଡି ନେତ୍ରୀ ଇରାନୀ ରାଏ, କଂଗ୍ରେସ ଜିଲ୍ଲା ସଭାପତି ରଂଜିତ ଦାଶ,ନୟାଗଡ଼ ସାମ୍ବାଦିକ ଭବନ ସମ୍ପାଦକ ଆନୱାଇ ଅଲ୍ଲୀ , ଏବଂ ସର୍ବିସିଂ ସେଂଟର ମୁଖ୍ୟ ମାଲିକ ସାହିଦ ପ୍ରମୁଖ ଯୋଗ ଦେଇ ଥିଲେ

## ସାରା ରାଜ୍ୟରେ ଯୁବ ପିଢ଼ି ଓ ଜନ ମାନସରେ ଉତ୍ସାହ ଭରୁଛି ବିକଶିତ ଭାରତ ସେବା ସଂକଳ୍ପ ଅଭିଯାନ'ସେବା ସଂକଳ୍ପ ଜ୍ୟୋତି ଯାତ୍ରା'




ମାଲକାନଗିରି : (ନିପ୍ର) ରାଜ୍ୟରେ ଜନସେବା, ଦେଶଭକ୍ତି ଏବଂ ସାମାଜିକ ଦାୟିତ୍ୱବୋଧର ବାର୍ତ୍ତା ପ୍ରସାର କରିବା ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା 'ବିକଶିତ ଭାରତ ସେବା ସଂକଳ୍ପ ଅଭିଯାନ' ଅଧୀନରେ ସେବା ଜ୍ୟୋତି ମଶାଲ ଯାତ୍ରା ଏବେ ସାରା ଓଡ଼ିଶାରେ ଏକ ବଡ଼ ଜନ ଆନ୍ଦୋଳନର ରୂପ ନେଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୀର୍ଘ ବର୍ଷର ଜନସେବା ଓ ରାଷ୍ଟ୍ର ନିର୍ମାଣର ଯାତ୍ରା ଦ୍ୱାରା ଅନୁପ୍ରାଣିତ ହୋଇ ରାଜ୍ୟ ବିଜେପି ପକ୍ଷରୁ ଆୟୋଜିତ ଏହି ମାସେ ବ୍ୟାପୀ ଅଭିଯାନ ପ୍ରତି ଅଂଚଳରେ ଲୋକଙ୍କୁ ଏକାଠି କରୁଛି । ଏହି ମଶାଲ ଯାତ୍ରାକୁ ଭବ୍ୟ ସ୍ୱାଗତ କରାଯିବା ସହିତ ଏହା ସ୍ଥାନୀୟ ମାଲ୍ୟବନ୍ତ ହଷ୍ଟେଲ ଛକ ଠାରୁ ଏକ ପଦଯାତ୍ରା ରେ ସ୍ଥାନିୟ ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ ପହଂଚି ଥିଲେ । ବିଶେଷଭାବେ ଏହା ମାଧ୍ୟମରେ ସେବା ଓ ଜନକଲ୍ୟାଣ ଉପରେ ଗୁରୁତ୍ୱ ଦିଆଯାଉ ଥିବା ବେଳେ ଏହି ଯାତ୍ରାର ମୂଳ ଲକ୍ଷ୍ୟ ଲୋକଙ୍କ ମଧ୍ୟରେ ସେବାଭାବ ଜାଗ୍ରତ କରିବା ସହ ସରକାରଙ୍କ ବିଭିନ୍ନ ଗରିବ କଲ୍ୟାଣ ଯୋଜନାକୁ ତୃଣମୂଳ ସ୍ତରରେ ପହଂଚାଇବା । ବିଶେଷ କରି ମହିଳା, ଯୁବପିଢ଼ି, ଚାଷୀ ଓ ଅବହେଳିତ ଶ୍ରେଣୀର ଲୋକଙ୍କ ବିକାଶ ଉପରେ ଏହି ଅଭିଯାନରେ ଗୁରୁତ୍ୱ ଦିଆଯାଇଛି । ମାଲକାନଗିରି ଆଜି ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଅଶୋକ ପରିଡ଼ା, ସାଂସଦ ଶ୍ରୀ ବଳଭଦ୍ର ମାଝୀ, ବିଧାୟକ ନରସିଂହ ମାଡକାମୀ, ରାଜ୍ୟ ଉପ ସଭାପତି ତଥା ଜିଲ୍ଲା ପ୍ରଭାରୀ ରମେଶ ସାହୁ ମଂଚରେ ନିଜ ଅଭିଭାଷଣରେ ନରେନ୍ଦ୍ର ମୋଦି ଙ୍କ ବିକଶିତ ଭାରତ ୨୦୪୭ ଅଭିଯାନ ସହ ସ୍ୱପ୍ନ ସାକାର କରିବା କୁ ନେଇ ମତ ରଖିଥିଲେ । ଶେଷରେ ସାଂସଦ ବିକଶିତ ଭାରତ କୁ ନେଇ ଶପଥ ପାଠ କରାଇଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଡମ୍ବରୁ ସୀସା, ବାଲିମେଳା ଚେୟାର ମ୍ୟାନ ପ୍ରଦୀପ ନାୟକ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଗଙ୍ଗା ସୋଡ଼ି, ଅଧକ୍ଷ । ସମେତ ବହୁ ବରିଷ୍ଠ ନେତା ଓ କର୍ମୀ ଉପସ୍ଥିତ ରହିଥିଲେ ।

## ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ବାରିପଦା ତରଫରୁ ୩୫୧ ଜଣ ଛାତ୍ରଛାତ୍ରୀଙ୍କୁ ଚଷମା ବଂଟନ



ବାରିପଦା (ସ୍ୱପ୍ର): ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ, ବାରିପଦା ତରଫରୁ ଦୃଷ୍ଟି ସମସ୍ୟା ଥିବା ପୂର୍ବରୁ ଚିହ୍ନଟ ହୋଇଥିବା ୩୫୧ ଜଣ ଛାତ୍ରଛାତ୍ରୀମାନଙ୍କୁ ବୀର ସୁରେନ୍ଦ୍ର ସାଇ ଦିବ୍ୟ ଦୃଷ୍ଟି ଯୋଜନା ମାଧ୍ୟମରେ ଚଷମା ବଂଟନ କାର୍ଯ୍ୟକ୍ରମ ଜିଲ୍ଲା ଅନ୍ତର୍ନିବେଶୀ ସାଧନ କେନ୍ଦ୍ର, ଲାଲବଜାର, ବାରିପଦାଠାରେ ଅନୁଷ୍ଠିତ ହୋଇଯାଇଛି । ଗତ ଜାନୁୟାରୀ ମାସରେ ବାରିପଦା ବ୍ଲକର ପାଂଚ ଗୋଟି ସ୍ଥାନରେ ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗର ମିଳିତ ସହଯୋଗରେ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ ଶ୍ରୀ ପୂର୍ଣ୍ଣଚନ୍ଦ୍ର ସେଠୀ ମହୋଦୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚିହ୍ନିତ ଛାତ୍ରଛାତ୍ରୀମାନଙ୍କୁ ଚଷମା ପ୍ରଦାନ କରିଥିଲେ । ସେ ଚକ୍ଷୁର ଯତ୍ନ ଓ ଚଷମାର ବ୍ୟବହାର ସମ୍ପର୍କରେ ପିଲା ଓ ଅଭିଭାବକ ମାନଙ୍କୁ ବୁଝାଇଥିଲେ । ଏହି ଅବସରରେ ସମଗ୍ର ଶିକ୍ଷା, ମୟୂରଭଞ୍ଜର ଜିଲ୍ଲା ଅନ୍ତର୍ନିବେଶି ଶିକ୍ଷା ସଂଯୋଜକ ଶ୍ରୀ ନିରଞ୍ଜନ ନାୟକ ଏବଂ ବାରିପଦା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ସୁକୁମାର ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଦୃଷ୍ଟି ସମସ୍ୟା ଥିବା ଛାତ୍ରଛାତ୍ରୀଙ୍କୁ ଆବଶ୍ୟକ ଚଷମା ଯୋଗାଇ ଦିଆଯାଇଥିବାରୁ ସେମାନଙ୍କର ପାଠପଢ଼ା ଓ ଶିକ୍ଷାଗ୍ରହଣରେ ଏହା ନିଶ୍ଚିତ ଭାବେ ସହାୟକ ହେବ ବୋଲି ଅତିଥିଦ୍ୱୟ ମତ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ଚିହ୍ନିତ ସମସ୍ତ ଛାତ୍ରଛାତ୍ରୀଙ୍କ ସହିତ ବାରିପଦା ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଅଧୀନସ୍ଥ ଆଂଚଳିକ ସାଧନ କେନ୍ଦ୍ର ସଂଯୋଜକ ଶ୍ରୀ ସୁଶୀଲ କୁମାର ପଣ୍ଡା, ଶ୍ରୀ ଧନପତି ମିଶ୍ର, ଶ୍ରୀ ପଙ୍କଜ କୁମାର ମିଶ୍ର, ଶ୍ରୀମତୀ ପୂଜାରଣୀ ପଣ୍ଡା ଓ ଶ୍ରୀମତୀ କନକଲତା ମାଝି ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଚଷମା ପ୍ରଦାନ ଓ ଆବଶ୍ୟକ ସହଯୋଗ କରିଥିଲେ । ଅନ୍ତର୍ନିବେଶି ସାଧନ କର୍ମୀ ଶ୍ରୀମତୀ ରେଖାରାଣୀ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବା ସ୍ଥଳେ ଶ୍ରୀ ଦିଲୀପ କୁମାର ଦାସ ଉପସ୍ଥିତ ସମସ୍ତ ଅତିଥି, ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବାଲିଆପାଳ ବ୍ଲକରେ ସେବା ସେତୁ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ



ବାଲିଆପାଳ : (ନିପ୍ର) ଭାରତର ଯଶସ୍ୱୀ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀ ଙ୍କ ଜନ୍ମଦିନ ଅବସରରେ ଏକ ମାସ ଧରି ଚାଲିଆସୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରୁ ବୁଧବାର ବାଲିଆପାଳ ବ୍ଲକରେ ସେବା ସେତୁ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସରକାରଙ୍କ ବିଭିନ୍ନ ଯୋଜନାରେ ଲୋକ ମାନଙ୍କୁ ସିଧା ସଳଖ ଭାବରେ ଯୋଡ଼ିବାର ଏକ ନୂଆ ପ୍ରୟାସ । ଏହି ସମ୍ପର୍କ ସେତୁ ମାଧ୍ୟମରେ ଆସିଥିବା ବହୁ ଅଭିଯୋଗ ଆଜି ସଙ୍ଗେ ସଙ୍ଗେ ସମାଧାନ କରାଯାଇ ହିତାଧିକାରୀଙ୍କୁ ଯୋଜନାରେ ଅର୍ନ୍ତଭୁକ୍ତ କରଯାଇଥିଲା । ଏହି ଅବସରରେ ବସ୍ତା ନିର୍ବାଚନ ମଣ୍ଡଳୀର ବିଧାୟୀକା ସୁବାସିନୀ ଜେନା ଯୋଗ ଦେଇ ଯୋଗ୍ୟ ହିତାଧିକାରୀ ମାନଙ୍କୁ ଟ୍ରାୟ ସାଇକେଲ, ରେଶନକାର୍ଡ଼, ଶୌଚାଳୟ ୱର୍କଅଡର, ବୟବନ୍ଦନ ଆୟୋଷ୍ମନ କାର୍ଡ, ଭର୍ତା କାର୍ଡ ଆଦି ବଂଟନ କରିଥିଲେ ।ଏହି ଅବସର ବାଲିଆପାଳ ବିଡ଼ିଓ ରାଧା ରଞ୍ଜନ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବସ୍ତା ବିଧାୟିକା ସୁବାସିନୀ ଜେନା, ଉପାଧକ୍ଷ ରାଜେଶ ଚୌଧୁରୀ, ଏବିଡିଓ ଶରତ ଚନ୍ଦ୍ର ମୁଦୁଲି,ଯୋଗାଣ ଅଧିକାରୀ ବିଷ୍ଣୁ ପ୍ରସାଦ ମହାରଣା, ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦ୍ର କାନ୍ତ ଭଲୋକ, ଜିଲ୍ଲାପରିଷଦ ସଦସ୍ୟ ବେଣୁଧର ଜେନା, ନିଶାକର ସେଠୀ ପ୍ରମୁଖ ଯୋଗ ଦେଇ ସେବା ସେତୁ ଅଭିଯାନ ସଂପର୍କର ଆଭିମୁଖ୍ୟ ବକ୍ତବ୍ୟ ମାଧ୍ୟମରେ ପ୍ରଦାନ କରିଥିଲେ । ଜିପିଡିଓ ପ୍ରିୟବ୍ରତ ଗିରି ଅଥି ଙ୍କ ପରିଚୟ ପ୍ରଦନ ସହିତ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଅନୁସୂଚିତ ଜାତି ଓ ଜନଜାତିର ୪ ଜଣଙ୍କୁ, ଶୌଚାଳୟ କାର୍ଯ୍ୟାଦେଶ ୩ ଜଣଙ୍କୁ, ବାୟବନ୍ଦନ ଯୋଜନାରେ ୧୩ ଜଣଙ୍କୁ ଆୟୋଷ୍ମନ କାର୍ଡ, ୭ ଜଣଙ୍କୁ ଭର୍ତା କାର୍ଡ ସହିତ ଭିନ୍ନକ୍ଷମ ମାନଙ୍କୁ ଟ୍ରାୟ ସାଇକେଲ ଯୋଗାଇ ଦିଆ ଯାଇଛି ।

## ସେବାଜ୍ୟୋତି ଯାତ୍ରା ଅନୁଷ୍ଠିତ ବିକଶିତ ଭାରତ ଗଠନ ପାଇଁ ସଂକଳ୍ପ ନେଲେ ହଜାର ହଜାର କର୍ମୀ

ରାୟଗଡା : (ନିପ୍ର) ଦେଶବ୍ୟାପୀ ଭାବେ ଜାରି ରହିଥିବା 'ସେବା ସଙ୍କଳ୍ପ ଅଭିଯାନ-୨୦୨୬' ଅନ୍ତର୍ଗତ ଜିଲ୍ଲାସ୍ତରୀୟ 'ସେବା ଜ୍ୟୋତି ଯାତ୍ରା' କାର୍ଯ୍ୟକ୍ରମ ରାୟଗଡ଼ା ସ୍ଥିତ ଜିସିଡି ହାଇସ୍କୁଲ ପଡ଼ିଆ ଠାରେ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସେବା ସଂକଳ୍ପ ସମ୍ପର୍କିତ ଅଭିଭାଷଣ କୁ ଉପସ୍ଥିତ କର୍ମି ମାନେ ଶୁଣିଥିଲେ । ଏହି କାର୍ଯ୍ୟକ୍ରମରେ ମଂଚ ଉପରୁ ସାଂସଦ ପ୍ରାର୍ଥୀ କାଳୀରାମ ମାଝୀ ସମସ୍ତଙ୍କୁ ବିକଷିତ ଭାରତ ଗଠନ ନେଇ ସଂକଳ୍ପ କରାଇଥିଲେ । ଏହାପରେ ସମସ୍ତ ନେତା କର୍ମି ଏକାଠି ହୋଇ ବାଦ୍ୟ ବାଜଣା ସହ ନାଚି ନାଚି ସ୍ଥାନୀୟ ଷ୍ଟେଟବ୍ୟାଙ୍କ ଛକକୁ ଯାଇ ସେଠାରେ'ସେବା ଜ୍ୟୋତି ଯାତ୍ରା'କୁ ପ୍ରତିଷ୍ଠା କରି ଉକ୍ତ ଛକକୁ ସେବାଜ୍ୟୋତି ଛକ ନାମରେ ନାମିତ କରିଥିଲେ । ଜିଲ୍ଲା ସଭାପତି ଗୋପୀ ଆନନ୍ଦ ଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଉପ ବାଚସ୍ପତି ରାମଚନ୍ଦ୍ର ପଣ୍ଡା ଓ ପୂର୍ବତନ ରାଜ୍ୟସଭା ସାଂସଦ ପ୍ରଦେଶ ସିଂ ଅତିଥି ଭାବେ ଯୋଗ ଦେଇ ଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦଶ୍ୟା ଅଶ୍ୱିନୀ କାଂଚାଡା, ଶିବ ଉଲ୍ଲାକା, ଶିବ ପଟ୍ଟନାୟକ, ରାମ ବେହେରା, ପ୍ରଭାରି କେ ନାରାୟଣ ରାଓ, ଏସଡିସି ଅଧକ୍ଷ ବିଦ୍ୟାଧର ଶବର, ଉପାଧକ୍ଷା ମଞ୍ଜୁଳା ମିନିଆକା, ରାୟଗଡା ବିଧାୟକ ପ୍ରାର୍ଥୀ ବସନ୍ତ ଉଲକା, ପୂର୍ବତନ ବିଧାୟକ ତ୍ରିନାଥ ଗମାଙ୍ଗ, ଗୁଣପୁର ପୌର ପରିଷଦ ଉପାଧକ୍ଷ ଶିବ ପ୍ରସାଦ ଗୌଡ, ଗୁଡାରି ପଂଚାୟତ ସମିତି ଅଧ୍ୟକ୍ଷ ବିଶ୍ୱନାଥ ଶବର, ରାଜ୍ୟ ଯୁବମୋର୍ଚ୍ଚାର ଉପ ସଭାପତି ଉମେଶ ଖୋସଲା, ଜିଲ୍ଲା ସାଧାରଣ ସମ୍ପାଦକ ଭୀକାରି ନାହକ, ପୃଥ୍ୱୀରାଜ ଧନପତି, ତରୁଣ ଗରଡିଆ, ସମ୍ପାଦକ ବାପି ପଣ୍ଡା ପ୍ରମୁଖ ମଂଚାସିନ ଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ର ସମସ୍ତ ମଣ୍ଡଳ ସଭାପତିଙ୍କ ସମେତ ବହୁ ସଂଖ୍ୟକ ଦଳୀୟ କର୍ମକର୍ତା, ସମର୍ଥକ ଜନସାଧାରଣ ଉପସ୍ଥିତ ଥିଲେ ।

## ରାୟଗଡ଼ା ଯୁବକ ନାଗାଲାଣ୍ଡରେ ଶହୀଦ : ଗାର୍ଡ ଅଫ୍ ଅନର୍ ପରେ ଯୁଇରେ ଜଳିଲା ମରଶରୀର

ରାୟଗଡ଼ା : (ନିପ୍ର) ଦେଶ ସେବା କରୁ କରୁ ନାଗାଲାଣ୍ଡରେ ଶହୀଦ ହୋଇଛନ୍ତି ରାୟଗଡ଼ାର ଯୁବ ଯବାନ ଭି. ତେଜା । ଆସାମ ରାଇଫଲ୍ସରେ କାର୍ଯ୍ୟରତ ତେଜା ଡ୍ୟୁଟି ସମୟରେ ଗୁଳି ବାଜିବା ପରେ ଶହୀଦ ହୋଇଥିଲେ । ଗତକାଲି ବିଳମ୍ବିତ ରାତିରେ ତାଙ୍କ ପାର୍ଥିବ ଶରୀର ନିଜ ଜନ୍ମମାଟି ରାୟଗଡ଼ାରେ ପହଂଚିଥିଲା । ସହର ପ୍ରବେଶ ପୂର୍ବରୁ ଶତାଧିକ ଲୋକ ଏକତ୍ରିତ ହୋଇ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ । ଆଜି ସକାଳେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ଓ ଆରକ୍ଷୀ ଅଧୀକ୍ଷକ ପହଂଚି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ପରେ ଦିଆଯାଇଥିଲା ଗାର୍ଡ ଅଫ୍ ଅନର । ଆଜି ସକାଳ ୯ଟାରେ ସିରିଗୁଡ଼ାସ୍ଥିତ ସ୍ୱର୍ଗଦ୍ୱାରରେ ତେଜାଙ୍କ ଶେଷକୃତ୍ୟ ସମ୍ପନ୍ନ ହେବ । ରାୟଗଡ଼ା ସହରର କତୁର ଅଂଚଳର ଭି. ତେଜା ୨୦୨୨ରେ ସେନାରେ ଯୋଗ ଦେଇଥିଲେ । ନାଗାଲାଣ୍ଡରେ କର୍ତବ୍ୟରତ ସମୟରେ ଗୁଳି ବାଜିବା ପରେ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ବିଡ଼ମ୍ବନାର ବିଷୟ, ଆଜି ତେଜାଙ୍କ ୩୧ତମ ଜନ୍ମଦିନ । ଜନ୍ମଦିନରେ ଖୁସି ପାଳନ ହେବା ବଦଳରେ ଆଜି ହେବ ତାଙ୍କ ଶେଷଯାତ୍ରା । ଆସନ୍ତା ଡିସେମ୍ବର ୧୦ରେ ତାଙ୍କ ବାହାଘର ପାଇଁ ଦିନ ଧାର୍ଯ୍ୟ ହୋଇଥିଲା । ଘରେ ଚାଲିଥିଲା ବିବାହ ପ୍ରସ୍ତୁତି । ନଭେମ୍ବରରେ ଘରକୁ ଫେରିବା ପାଇଁ ୫୦ ଦିନର ଛୁଟି ମଧ ମଞ୍ଜୁର ହୋଇଥିଲା । ହେଲେ ତା'ପୂର୍ବରୁ ଦେଶ ପାଇଁ ଜୀବନ ଦେଇଦେଲେ ଏହି ଯୁବ ଯବାନ । ତେଜା ଦୁଇ ବର୍ଷ ତଳେ ଅଙ୍ଗଦାନ ପାଇଁ ଘୋଷଣାପତ୍ରରେ ସ୍ୱାକ୍ଷର କରିଥିଲେ । ତାଙ୍କ ଇଚ୍ଛା ଅନୁଯାୟୀ ମୃତ୍ୟୁ ପରେ ତାଙ୍କ ଉପଯୋଗୀ ଅଙ୍ଗ ସଂରକ୍ଷଣ କରାଯାଇଛି । ଭାଇଙ୍କୁ ହରାଇ ଦୁଃଖ ଥିଲେ ମଧ ତାଙ୍କ ତ୍ୟାଗ ପାଇଁ ପରିବାର ଗର୍ବିତ ବୋଲି କହିଛନ୍ତି ସାନ ଭାଇ । ତେଜାଙ୍କ ପାର୍ଥିବ ଶରୀର ପ୍ରଥମେ ବିମାନ ଯୋଗେ ଗୌହାଟୀ, ସେଠାରୁ ହାଇଦ୍ରାବାଦ ଓ ପରେ ବିଶାଖାପାଟଣା ଅଣାଯାଇଥିଲା । ସେଠାରୁ ଆମ୍ବୁଲାନ୍ସ ଯୋଗେ ରାୟଗଡ଼ା ଆସିଥିଲା । ଶହୀଦଙ୍କ ଶେଷଯାତ୍ରାରେ ଜିଲ୍ଲା ପ୍ରଶାସନ, ପୋଲିସ ଓ ବହୁ ସଂଖ୍ୟାରେ ସାଧାରଣ ଲୋକ ସାମିଲ ହେବେ । ଦେଶ ପାଇଁ ଜୀବନ ଦେଇଥିବା ତେଜାଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଦେଇଥିଲ ପୁରା ରାୟଗଡ଼ା । ଜୁଇରେ ଜଳିଲା ବୀରପୁତ୍ରଙ୍କ ମୃତ ଶରୀର । ଏହି ଅବସରରେ ସାରା ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି ।




## ମାତୃ କର୍ମଶାଳା କାର୍ଯ୍ୟକ୍ରମ ଅନୁଷ୍ଠିତ

ଜୟପୁର : (ହି.ସ.) - କୋରାପୁଟ ଜିଲ୍ଲା ଜୟପୁରର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଶାରଦା ବିହାରଠାରେ ମାତୃ କର୍ମଶାଳା ଅନୁଷ୍ଠିତ କରାଯାଇଥିଛି । ପ୍ରଧାନ ଆଚାର୍ଯ୍ୟ ସତ୍ୟ ନାରାୟଣ ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସସ୍ମିତା ରାଓ ଆକାଶବାଣୀ ପ୍ରଚାରିକା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଶିଶୁଙ୍କ ସର୍ବାଙ୍ଗୀନ ବିକାଶ ଦିଗରେ ମାଆ ମାନେ କେଉଁ ବିଷୟପ୍ରତି ଦୃଷ୍ଟି ଦେବା ଉଚିତ୍ ସେ ସମ୍ପର୍କରେ ଧାରଣା ଦେଇଥିଲେ । ଶିଶୁ ବାଟିକାର ଗୁରୁମା ମାନେ କ୍ରିୟାକଳାପ ମାଧ୍ୟମରେ ବିଭିନ୍ନ ହସ୍ତକର୍ମ ଏବଂ ବୁଦ୍ଧିବିକାଶ ଆଧାରିତ ପ୍ରଶ୍ନମଂଚ କରାଇବା ସହିତ ମିଶ୍ରିତ ରଙ୍ଗ ର ଧାରଣା ଦେଇଥିଲେ । କାର୍ଯ୍ୟକ୍ରମରେ ଶିଶୁ ୪୭ଜଣ ସହିତ ମାଆ ୮୭ ଜଣ ଉପସ୍ଥିତ ରହି କାର୍ଯ୍ୟକ୍ରମ ଟିକୁ ଆଗେଇ ନେଇଥିଲେ ଅନ୍ୟତମ ଅତିଥି ଭାବରେ ବିଦ୍ୟାଳୟର ପରିଚାଳନା ସମିତିର ସଭାପତି ଶ୍ରୀଯୁକ୍ତ କିଶୋର ଚନ୍ଦ୍ର ପଣ୍ଡା ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ ସମସ୍ତ ଗୁରୁମା ଓ ସେବକ ସେବିକା ସହଯୋଗ କରି କାର୍ଯ୍ୟକ୍ରମକୁ ସଫଳ ମଣ୍ଡିତ କରିଥିଲେ ।

## ୫ମାସ ହେବ ମିଳୁନି ଭତା : ଦୁର୍ଦ୍ଦିନରେ ବୃଦ୍ଧ, ବୃଦ୍ଧା, ଭିନ୍ନକ୍ଷମ

ଜୟପୁର : (ହି.ସ.) କୋରାପୁଟ ଜିଲାରେ ଗତ ୫ ମାସ ହେବ ମିଳୁନି ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତା । ପରିଣତ ବୟସରେ ପ୍ରତ୍ୟେକ ମାସରେ ମିଳୁଥିବା ଏହି ଭତା କୁ ଆଶ୍ରାକରି ସେମାନେ କୌଣସି ପ୍ରକାର ଚଳି ଯାଉଥିଲେ । କିନ୍ତୁ ଗତ ୫ମାସ ହେବ ଭତା ନମିଳିବାରୁ ଏହା ଉପରେ ଆଶ୍ରାକରି ଜୀବନ ବିତାଉଥିବା ବୃଦ୍ଧ, ବୃଦ୍ଧା ଓ ଭିନ୍ନକ୍ଷମମାନେ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଭତା ଟଙ୍କା ପାଇବା ନେଇ କୋରାପୁଟ ଜିଲାର କୋରାପୁଟ, ଜୟପୁର, ବୈପାରିଗୁଡା, ବୋରିଗୁମ୍ମା, କୁନ୍ଦୁରା, ଲମତାପୁଟ, କୋଟପାଡ ବ୍ଲକ କାଯ୍ୟାଳୟ କୁ ଯାଇ ହିତାଧିକାରି ମାନେ ନୟାନ୍ତ ହେଲେଣି । ମଙ୍ଗଳବାର ଶହ ଶହ ହିତାଧିକାରି ବୈପାରିଗୁଡା ବିଡିଓ ଙ୍କ ବାରଣ୍ଡାରେ ଧାରଣା ଦେଇଥିଲେ । ପ୍ରଶାସନ ତରଫରୁ ଆଧାର ସହ ବ୍ୟାଙ୍କ ପାସ ବୁକ ଲିଙ୍କ କଲେ ଭତା ଟଙ୍କା ଆସିବ ବୋଲି କହୁଛନ୍ତି । କିନ୍ତୁ ବହୁ ହିତାଧିକାରି ଆଧାର ଲିଙ୍କ କରିବା ପରେ ମଧ ଭତା ଟଙ୍କା ଆସିନଥିବା ଅଭିଯୋଗ କରିଛନ୍ତି । ଗତ ତିନି ମାସ ତଳେ ମଧ ୪ ମାସ ର ଭତା ଟଙ୍କା ଆସିନଥିବା ବେଳେ ବତମାନ ବି ଭତା ଟଙ୍କା ସମସ୍ୟା ରହିଛି । ରାଜ୍ୟ ଓ କେନ୍ଦ୍ର ସରକାର ସମାଜର ଅସହାୟ, ନିଃସ୍ୱ, ଦରିଦ୍ୟ ଓ ଭିନ୍ନକ୍ଷମମାନଙ୍କୁ ସାମାଜିକ ନିରାପତା ଯୋଗାଇ ଦେଇ ସେମାନଙ୍କ ମୁହଁରେ ଟିକେ ହସ ଫୁଟାଇବା ନିମନ୍ତେ ଏଭଳି ଯୋଜନାମାନ ପ୍ରଣୟନ କରିଛନ୍ତି । କିନ୍ତୁ ଏହିସବୁ ସାମାଜିକ ନିରାପତାଯୋଜନାର ସୁଫଳ ଯଦି ସେହିମାନଙ୍କୁ ନମିଳେ ଯାହାଙ୍କ ପାଇଁ ଏହା ପ୍ରଣୟନ ହୋଇଛି ତେବେ ଏତେସବୁ ଯୋଜନା କେବଳ ଯାହା କାଗଜ କଲମରେ ସିମିତ ହେବା ବ୍ୟତୀତ ଆଉ କିଛି ମାନେ ନାହିଁ ବୋଲି ଭତା ଯୋଜନାରେ ସାମିଲ ହୋଇଥିବା ହିତାଧିକାରୀଙ୍କ ପରିବାର ସଦସ୍ୟ କହିଛନ୍ତି । ସରକାରଙ୍କ ଏଭଳି ଯୋଜନାରେ ଯୋଡି ହୋଇଥିବା ନିଃସ୍ୱ, ଅସହାୟ,ଅବହେଳିତ ବୃଦ୍ଧ, ବୃଦ୍ଧା ଓ ଭିନ୍ନକ୍ଷମମାନେ ଯଦି ସେଥିରୁ ବଂଚିତ ହୁଅନ୍ତି ଓ ଏହାମଧ୍ୟରେ କିଛି ଅଘଟଣ ଘଟେ ତେବେ ଏଭଳି ଯୋଜନାର ମୂଲ୍ୟ କ'ଣ ବୋଲି ହିତାଧିକାରୀମାନେ ପ୍ରଶ୍ନ କରିଛନ୍ତି । ଭତା ଟଙ୍କା ଉପରେ ଭରସା କରି ନିଜ ପାଇ ଔଷଧ କିଣିବା ସହ ଅନ୍ୟ କାଯ୍ୟ କରିଥାନ୍ତି । ୬୦ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ମାସିକ ମାତ୍ର ଏକ ହଜାର ଟଙ୍କା, ୮୦ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ମାତ୍ର ମାସିକ ସାଢେ ୩ହଜାର ଟଙ୍କା ଯୋଗାଇବାରେ ବିଜେପି ସରକାର ବିଫଳ ହୋଇଛି ବୋଲି ବିରୋଧି ଦଳର ନେତା ମାନେ ଅଭିଯୋଗ କରିଛନ୍ତି । ଯେଉଁ ରାଜ୍ୟରେ ସରକାର ବୃଦ୍ଧ, ବୃଦ୍ଧା ଓ ଭିନ୍ନକ୍ଷମ ଅସହାୟମାନଙ୍କ ବିପଦରେ ଛିଡା ହୋଇପାରୁ ନାହାନ୍ତି ସେଠାରେ ସରକାର ଅନ୍ୟ ଦିଗ ପ୍ରତି କିପରି ଯତ୍ନବାନ ହେବେ । ଏହି ଭିନ୍ନକ୍ଷମ ସରକାର କିପରି ଭିନ୍ନକ୍ଷମ ଲୋକମାନଙ୍କୁଭତା ଦେବ ତାହା ଏବେ ଚିନ୍ତାର ବିଷୟ ଅଟେ । ତେଣୁ ରାଜ୍ୟ ସରକାର ତୁରନ୍ତ ଗିରବ, ବୃଦ୍ଧା ବୃଦ୍ଧ , ଭତା ହିତାଧିକାରି ଙ୍କ ଭତା ଟଙ୍କା ଦେବା ପାଇ ସାଧାରଣରେ ଦାବି ହୋଇଛି ।

## ଶିକ୍ଷୟିତ୍ରୀଙ୍କୁ ଦିଆଗଲା ଅବସର ସମ୍ବର୍ଦ୍ଧନା

ଭଦ୍ରକ : (ହି.ସ.) - ଭଦ୍ରକ ଜିଲା ବନ୍ତ ବ୍ଲକ ତୋଫାବିବି କ୍ଲଷ୍ଟର ଅଧିନ ପୁରୁଷଣ୍ଡ ନୋଡାଲ୍ ପ୍ରାଥମିକ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷୟିତ୍ରୀ ଭାରତୀ ମିଶ୍ରଙ୍କୁ ଅବସର ସମ୍ବର୍ଦ୍ଧନା ଦିଆଯାଇଛି । ତୋଫାବିବି ଠାରେ ଆୟୋଜିତ ସଭାକୁ ସାଧନ କେନ୍ଦ୍ର ସଂଯୋଜକ ନିରଞ୍ଜନ ଖିଲାର ସଭାପତିତ୍ୱ କରିଥିଲେ । ଶିକ୍ଷାବିତ୍ ବିଜୟ କୁମାର ଜେନାଙ୍କ ମଂଚ ପରିଚାଳନାରେ ପୂର୍ବତନ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଅମୂଲ୍ୟ କୁମାର ମିଶ୍ର, ଶିକ୍ଷାବିତ୍ ମୋହନ କୁମାର ମହାନ୍ତି, ପୂର୍ବତନ ସାଧନକେନ୍ଦ୍ର ସଂଯୋଜକ ପ୍ରଫୁଲ୍ଲ କୁମାର ଜେନା, ଅଲଓଷ୍ଟା ବନ୍ତ ସାଧାରଣ ସମ୍ପାଦକ ଜଗନ୍ନାଥ ମଲ୍ଲିକ, ଶିକ୍ଷାବିତ୍ ହରିହର ସାହୁ, ଲକ୍ଷ୍ମୀଧର ପୃଷ୍ଟି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶିକ୍ଷୟିତ୍ରୀ ଭାରତୀ ମିଶ୍ରଙ୍କ ଗୁଣାବଳୀ ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କ୍ଲଷ୍ଟର ଅଧିନ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସଂକ୍ଷିପ୍ତ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ପୁରୁଷଣ୍ଡ ବିଦ୍ୟାଳୟର ପରିଚାଳନା କମିଟି ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପକ୍ଷରୁ ବିଦାୟୀ ଶିକ୍ଷୟିତ୍ରୀଙ୍କ ସମ୍ବର୍ଦ୍ଧନା ଦିଆଯାଇଥିଲା । ପ୍ରାରମ୍ଭରେ ତପନ ସାହୁ ଅତିଥି ପରିଚୟ ରଖିଥିବା ବେଳେ ଶେଷରେ ଧରଣୀଧର ପୁହାଣ ଧନ୍ୟବାଦ ଅର୍ପଣ କରିଥିଲେ । ପୁରୁଷଣ୍ଡ ସ୍କୁଲ ପ୍ରଧାନଶିକ୍ଷକ ସୁରେନ୍ଦ୍ର ସାହୁ, ତୋଫାବିବି ସ୍କୁଲ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ଦାସ, ଗୀତାଞ୍ଜଳୀ ସାହୁ, ଅକ୍ଷୟ ମହାନ୍ତି, ସବିତା ଜେନା, ସୁଚୀସ୍ମିତା ନାୟକ,ମିତାଞ୍ଜଳୀ ଧଳ, ଅର୍ନ୍ତଯାମୀ ମଲ୍ଲିକଙ୍କ ସମେତ ଶିକ୍ଷାବିତ୍ କେତକୀ ଭୂୟାଁ,ଶ୍ୱେତପଦ୍ମା ପାତ୍ର, ଅନାଥ ଜେନା, ବିନୋଦ ରାଉତ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।







ଗଣେଶ ପଲି କ୍ଲିନିକ ଓ ଶ୍ରୁତି ଅଲଟ୍ରା ସାଉଣ୍ଡ

BP Laboratory Cuttack, Blood Collection Centre

GANESH POLY CLINIC

Astal, Nayabazar, Bhadrak

Ph.- 06784-241089, Mob: 9439443044

ଶ୍ରୁତୀ ଅଲଟ୍ରା ମଦର କେୟାର

ଏଠାରେ ସମସ୍ତ ପ୍ରକାର ଅଲଟ୍ରା ସାଉଣ୍ଡ ଓ ସମସ୍ତ ପ୍ରକାର ରକ୍ତ ପରୀକ୍ଷା କରାଯାଏ



BIRASEN DALAI

ASST. PROFESSOR IN ENGLISH

BHADRAK AUTONOMOUS COLLEGE,

BHADRAK


## ଶୁଭେଚ୍ଛା ବାର୍ତ୍ତା

'ଆଜିକାଲି' ଓଡ଼ିଆ ଦୈନିକର ୪୦ତମ ପ୍ରତିଷ୍ଠା ଦିବସ ଅବସରରେ ପତ୍ରିକାର ସମ୍ପାଦକ, ସାମ୍ବାଦିକ, କର୍ମକର୍ତ୍ତା, ପ୍ରତିନିଧି ଓ ଅଗଣିତ ପାଠକ-ପାଠିକାଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଅନ୍ତରଙ୍ଗ ଶୁଭେଚ୍ଛା । ଚାରିଦଶନ୍ଧିର ଏହି ଦୀର୍ଘ ଯାତ୍ରା କେବଳ ଏକ ସମ୍ବାଦପତ୍ରର ଯାତ୍ରା ନୁହେଁ, ଏହା ସତ୍ୟର ସନ୍ଧାନ, ନିର୍ଭୀକ ସାମ୍ବାଦିକତା, ଜନସ୍ୱରର ପ୍ରତିଫଳନ ଏବଂ ଓଡ଼ିଆ ମାଟିର ଭାଷା-ସାହିତ୍ୟ ଓ ସଂସ୍କୃତିର ସୁରକ୍ଷାର ଏକ ଗୌରବମୟ ଅଧ୍ୟାୟ । ସମାଜର ଅନ୍ଧକାର କୋଣରେ ସଚେତନତାର ଆଲୋକ ପ୍ରଜ୍ୱଳିତ କରିବା ସହିତ ସାଧାରଣ ଲୋକଙ୍କ ଆଶା, ଆକାଂକ୍ଷା ଓ ସମସ୍ୟାକୁ ନିରନ୍ତର ଭାବେ ସମାଜ ସମ୍ମୁଖରେ ପହଂଚାଇବାରେ 'ଆଜିକାଲି'ର ଭୂମିକା ଉଲ୍ଲେଖନୀୟ । କଲମର ଶକ୍ତି ଯେତେବେଳେ ଜନମତର ସ୍ୱର ହୁଏ, ସେତେବେଳେ ସାମ୍ବାଦିକତା ଏକ ମହାନର ସାମାଜିକ ଦାୟିତ୍ୱରେ ପରିଣତ ହୁଏ । ଏହି ଦାୟିତ୍ୱବୋଧକୁ ସାଥୀକରି 'ଆଜିକାଲି' ଦୀର୍ଘ ୪୦ବର୍ଷ ଧରି ଓଡ଼ିଶାର ଜନଜୀବନ ସହିତ ଯୋଡ଼ି ରହିଛି- ଏହା ନିଶ୍ଚିତ ଭାବେ ଗର୍ବର ବିଷୟ । ଏହି ଶୁଭ ଅବସରରେ 'ଆଜିକାଲି' ଆହୁରି ଅନେକ ଦଶନ୍ଧି ଧରି ସତ୍ୟ, ସାହସ ଓ ସାମାଜିକ ସଚେତନତାର ଅକ୍ଷୟ ମଶାଲ ଭାବେ ଜନମାନସକୁ ଆଲୋକିତ କରୁ, ଓଡ଼ିଆ ଭାଷା, ସାହିତ୍ୟ ଓ ସାମ୍ବାଦିକତାର ଗୌରବକୁ ଆହୁରି ସମୃଦ୍ଧ କରୁ- ଏହା ମୋର ଆନ୍ତରିକ କାମନା । ୪୦ତମ ପ୍ରତିଷ୍ଠା ଦିବସର ଅନେକ ଅନେକ ଶୁଭେଚ୍ଛା । 'ଆଜିକାଲି'ର ଯାତ୍ରା ହେଉ ଆହୁରି ଦୀର୍ଘ, ଗୌରବମୟ ଓ ଜନମୁଖୀ ।

**ଶୁଭେଚ୍ଛାନ୍ତେ**
**ଶ୍ରୀଯୁକ୍ତ ସୀତାଂଶୁ ଶେଖର ମହାପାତ୍ର,**
**ଅଧ୍ୟକ୍ଷ, ଜିଲ୍ଲା ଯୋଜନା କମିଟି, ଭଦ୍ରକ**


ER. JNYANENDRA KUMAR JENA

RETD. ASST. EXECUTIVE ENGINEER

JANUGANJ, BAGURAI,

BHADRAK





BIDYADHAR JENA

RETD. SECTION OFFICER

SOCIAL WORKER

ADDRESS : DEULAPADI, RAHANIA, BHANDARIPOKHARI,

BHADRAK


## ଶୁଭେଚ୍ଛା ବାର୍ତ୍ତା



'ଆଜିକାଲି' ଓଡ଼ିଆ ଦୈନିକ ଖବରକାଗଜର ୪୦ତମ ପ୍ରତିଷ୍ଠା ଦିବସ ଆସନ୍ତା ତା।୦୯.୧୦.୨୦୨୬ରିଖରେ ସମହାସମାରୋହରେ ପାଳିତ ହେବା ଜାଣି ମୁଁ ବହୁତ ଆନନ୍ଦିତ । ଆଜିର କ୍ରିୟାଶୀଳ ସାମାଜିକ ଗଣମାଧ୍ୟମ ଯୁଗରେ, ମୁଦ୍ରଣ ମାଧ୍ୟମ 'ଆଜିକାଲି' ଓଡ଼ିଆ ଦୈନିକ ଖବରକାଗଜର ଜନସାଧାରଣଙ୍କ ମାନସପଟରେ ଗ୍ରହଣୀୟତା, ଏକ ପ୍ରଶଂସନୀୟ ଉପଲବ୍ଧି ଅଟେ । ଆମ ଚାରିପଟେ ଘଟୁଥିବା ସାଂପ୍ରତିକ ଘଟରାବଳୀର ସଠିକ୍ ବିବରଣୀକୁ ଜନସାଧାରଣଙ୍କ ପାଖରେ ପହଂଚାଇ ଜନସାଧାରଣଙ୍କୁ ସାଂପ୍ରତିକ ଘଟଣାବଳୀ ସମ୍ପର୍କରେ ଅବଗତ କରାଇବା ସହିତ, ଶିକ୍ଷା, ସ୍ୱାସ୍ଥ୍ୟ, ଅର୍ଥନୀତି, ଦୈନନ୍ଦିନ ଜୀବନଚର୍ଯ୍ୟା ବିଷୟରେ ସୂଚନା ଦେବା ତଥା ଆମ ଭାଷା ସାହିତ୍ୟକୁ ଋଦ୍ଧିମନ୍ତ କରିବାରେ ଏହାର ନିଆରା ପ୍ରୟାସ ସ୍ୱାଗତଯୋଗ୍ୟ ଅଟେ । ଏହି ନିଆରା ପ୍ରୟାସ ପାଇଁ ମୁଁ 'ଆଜିକାଲି' ଓଡ଼ିଆ ଦୈନିକ ଖବରକାଗଜର କର୍ମକର୍ତ୍ତାମାନଙ୍କୁ ସାଧୁବାଦ ଜଣାଇବା ସହିତ ଏ ପତ୍ରିକାର ଉତରୋତର ଉନ୍ନତି କାମନା କରୁଅଛି ।

ଶ୍ରୀ ଅନୁପ କୁମାର ବେହେରା(ଓ.ପ୍ର.ସେ)(ଏ), କନିଷ୍ଠ ତହସିଲଦାର, ଖଇରା


Dr. Rabindra Kumar Nayak (MD)

Retired C.D.M.O.

Sr. Medicine Specialist

Tarini Medical Hall

College Road, Januganj, Bhadrak

Mob : 9437188676



ମା' ତାରିଣୀ କ୍ଲିନିକ୍

ମୋ.-୦୬୭୮୪-୨୪୦୪୦୧, ୯୪୩୭୧୦୨୪୨୬

ମା ତାରିଣୀ କ୍ଲିନିକ୍

ଅଲଟ୍ରାସାଉଣ୍ଡ ଏଣ୍ଡ ଡିଜିଟାଲ ଏକ୍ସ-ରେ

ଦ୍ରୌପଦୀ କମ୍ପ୍ଲେକ୍ସ, ନୂଆବଜାର, ଭଦ୍ରକ

ଫୋ. ନଂ - ୦୬୭୮୪- ୪୫୬୦୪୨, ମୋ.-୯୬୬୬୬୧୨୪୨୬


## ବଢୁଛି ଚୋରଙ୍କ ଉପଦ୍ରବ : ଲକ୍ଷାଧିକ ଟଙ୍କାର ସମ୍ପତି ଲୁଟ୍

ବେତନଟୀ(ନିପ୍ର) : ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ଅଂଚଳରେ ଚୋରଙ୍କ ଉପଦ୍ରବ ଚିନ୍ତାଜନକ ଭାବେ ବୃଦ୍ଧି ପାଇବାରେ ଲାଗିଛି । ମାତ୍ର ୪୮ ଘଂଟା ମଧ୍ୟରେ ଦୁଇଟି ପୃଥକ ସ୍ଥାନରୁ ତାଲା ଭାଙ୍ଗି ନଗଦ ୯୦ ହଜାର ଟଙ୍କା ସମେତ ଲକ୍ଷାଧିକ ଟଙ୍କାର ସୁନା-ରୂପା ଅଳଙ୍କାର ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି । ଦିବାଲୋକରେ ମଧ୍ୟ ଏଭଳି ଚୋରି ଘଟଣା ସାମ୍ନାକୁ ଆସିବା ପରେ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସୁରକ୍ଷା ଭାବନା ଦେଖାଦେଇଛି । ପ୍ରଥମ ଘଟଣାଟି ବେତନଟୀ ଉପକଣ୍ଠ ଶୁଖୁଲାହାର ଅନ୍ତର୍ଗତ ଇନ୍ଦିରାନଗର ଅଂଚଳରେ ଘଟିଛି । ଯାଜପୁର ରୋଡ୍‌ରେ କାର୍ଯ୍ୟରତ ସୁଜିତ କୁମାର ଦାସ ଗତ ଗଣେଶ ପୂଜା ଛୁଟି ପରେ କର୍ମକ୍ଷେତ୍ରକୁ ଫେରିଯାଇଥିଲେ । ୬ ତାରିଖରେ ଘରର ତାଲା ଭଙ୍ଗା ଥିବା ନେଇ ପଡ଼ୋଶୀଙ୍କଠାରୁ ଖବର ପାଇ ସେ ପହଂଚିବା ପରେ ମୁଖ୍ୟ ଗ୍ରୀଲ୍, ଚାରୋଟି କବାଟ ଏବଂ ତିନୋଟି ଆଲମାରୀ ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ । ଘରୁ ନଗଦ ୫୦ ହଜାର ଟଙ୍କା, ସୁନାପଲା, ଏକ ହଳ ସୁନା କାନଫୁଲ ଓ ତିନୋଟି ରୂପା କଏନ୍ ସମେତ ବହୁ ମୂଲ୍ୟବାନ ସାମଗ୍ରୀ ଚୋରି ହୋଇଛି । ଏନେଇ ବେତନଟୀ ଥାନାରେ କେସ୍ ନଂ ୩୯୬ରେ ଏକ ମାମଲା ରୁଜୁ ହୋଇଛି । ଅନୁରୂପ ଭାବେ କଙ୍କାକାଳିଆ ଛକ ନିକଟରେ ଦିନବେଳା ଅନ୍ୟ ଏକ ଚୋରି ଘଟିଛି । ଜଣେ ବ୍ୟକ୍ତି ନିଜ ପୁଅ ସହ ମାତ୍ର ତିନି ଘଂଟା ପାଇଁ ବାହାରକୁ ଯାଇଥିବା ବେଳେ ଦୁର୍ବୃତମାନେ ତାଲା ଭାଙ୍ଗି ଘରେ ପଶିଥିଲେ । ସେଠାରୁ ନଗଦ ୪୦ ହଜାର ଟଙ୍କା ଓ ପ୍ରାୟ ୨୬ ହଜାର ଟଙ୍କା ମୂଲ୍ୟର ସୁନା କଏନ୍ ଲୁଟି ନେଇଥିବା ଅଭିଯୋଗ ହୋଇଛି । ଏହି ଘଟଣାରେ ପୁଲିସ କେସ୍ ନଂ ୩୯୪ ରୁଜୁ କରି ତଦନ୍ତ ଚଳାଇଛି । ବେତନଟୀ ଓ ଏହାର ଆଖପାଖ ଅଂଚଳରେ ଲଗାତାର ଘଟୁଥିବା ଚୋରି ଘଟଣା ସ୍ଥାନୀୟ ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅସାମାଜିକ ତତ୍ୱଙ୍କ ଏଭଳି କାର୍ଯ୍ୟକଳାପ ଯୋଗୁଁ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଦେଖାଦେଇଛି । ତେଣୁ ପୁଲିସ ପ୍ରଶାସନ ତୁରନ୍ତ ରାତ୍ରୀକାଳୀନ ପାଟ୍ରୋଲିଂ ବୃଦ୍ଧି କରିବା ସହ ଅଭିଯୁକ୍ତମାନଙ୍କୁ ଖୋଜି ତୁରନ୍ତ ଗିରଫ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି ।


DIPAK KUMAR SAMAL

ACHARYA NAGAR,

BHADRAK


## ଶୁଭେଚ୍ଛା ବାର୍ତ୍ତା



ମାନସ ଜେନା (ଜଳେଶ୍ୱର ପଂଚାୟତ ସମିତି ଅଧ୍ୟକ୍ଷ)

ଆଜିକାଲି ର ୪୦ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ।

ଆଜିକାଲି ଆହୁରି ଉନ୍ନତି ହେଉ ଜଗନ୍ନାଥଙ୍କ ଠାରେ ପ୍ରାର୍ଥନା

## ଅସହାୟ ପରିବାରକୁ ୟୁଟ୍ୟୁବର ସେବା ପରିବାର ପକ୍ଷରୁ ସହାୟତା

ସୋର(ନିପ୍ର) : ସୋର ୟୁଟ୍ୟୁବର ସେବା ପରିବାର ପକ୍ଷରୁ ଜଣେ ଅସହାୟ ପରିବାରକୁ ସହାୟତା ପ୍ରଦାନ କରାଯାଇଛି । ବାହାନଗା ବ୍ଲକ ଖେରଙ୍ଗ ଗ୍ରାମର ରବିନ୍ଦ୍ର ମାଝୀ ଦୂରାରୋଗରେ ପିଡିତ ଥିବାରୁ ଅସ୍ତ୍ରୋପଚାର ପରେ ତାଙ୍କର ଗୋଟିଏ ଗୋଡ କଟାଯାଇଛି । ଫଳରେ ସେ ଦିବ୍ୟାଙ୍ଗ ହୋଇ ଏବେ ଶଯ୍ୟାସାୟୀ ଥିବା ବେଳେ ଗତ ୨୭ ତାରିଖରେ ତାଙ୍କ ସ୍ତ୍ରୀ ପାର୍ବତୀ ମାଝୀଙ୍କର ସୋର ଡାକ୍ତରଖାନାରେ ହୃଦଘାତରେ ମୃତ୍ୟୁ ହୋଇଥିଲା । ଏପରିସ୍ଥିତିରେ ଘରେ ଜଣେ ନାବଳିକା ଝିଅ ଓ ନାବାଳକ ପୁଅ ଅଛନ୍ତି । ପାର୍ବତୀଙ୍କ ଏକାଦଶାହ କର୍ମ ପାଇଁ ରବିନ୍ଦ୍ର ଅସହାୟ ପ୍ରକାଶ କରିଥିଲେ । ଖବର ପାଇ ସୋର ୟୁଟ୍ୟୁବର ସେବା ପରିବାର ପକ୍ଷରୁ ତାଙ୍କ ଘରେ ପହଂଚି ଏକ ମାସର ରାସନ ସହିତ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଏହି ସମୟରେ ସଂଗଠନର ସଭାପତି ସମ୍ପାଦକଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ଶିକାରୀ ଗିରଫ, ଦୁଇମୃତ ଗୁରାଣ୍ଡି ସହିତ ଦେଶୀବନ୍ଧୁକ ଜବତ

ନୀଳଗିରି(ନିପ୍ର) : କୁଳଡିହା ବିଟ୍ -୧ ଅଧୀନରେ କାର୍ଯ୍ୟରତ ବନକର୍ମଚାରୀ ମଙ୍ଗଳବାର ରାତି ପ୍ରାୟ ୧୧.୩୦ସମୟରେ ସାତଘାଟି ଡ୍ୟାମ ଦିଗରେ ଏକ ବନ୍ଧୁକଫୁଟିବା ଶବ୍ଦଶୁଣି ତେଣ୍ଡା ବିଟ କୁ ଖବର ଦେଇଥିଲେ । ଯେତେବେଳେକି ଶିକାରୀମାନେ ତେଣ୍ଡାଗ୍ରାମକୁ ଆସୁଥିବାର ଜାଣି କୁଳଡିହା ଭାରପ୍ରାପ୍ତ ରେଞ୍ଜ ଅଧିକାରୀ ଏବଂ ପଂଚଲିଙ୍ଗେଶ୍ୱର ଫରେଷ୍ଟର ଏବଂ ଉଭୟବିଟର କର୍ମଚାରୀ ସାତଘାଟି ଡ୍ୟାମ ପିଛାଲ ନିକଟରେ ଶିକାରୀଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଥିଲେ । ରାତି ୩.୩୦ସମୟରେ ପେଟ୍ରୋଲିଂ ଟିମ ସନ୍ଦିଗ୍ଧ ଶିକାରୀଙ୍କ ଟର୍ଚ୍ଚଲାଇଟ୍ ଦେଖିବାକୁ ପାଇଥିଲେ ଏବଂ ଘଟଣା ସ୍ଥଳରେ ଶିକାରୀଙ୍କୁ ଧରିବାକୁ ଚେଷ୍ଟା କରିଥିଲେ । ତନ୍ମଧ୍ୟରୁ ତେଣ୍ଡାଗ୍ରାମର ପୂର୍ଣ୍ଣଚନ୍ଦ୍ର ସିଂ(୩୩) କୁ କାବୁ କରିବାରେ ସଫଳ ହୋଇଥିବା ବେଳେ ଅନ୍ୟ ଶିକାରୀମାନେ ଅନ୍ଧାରରେ ଖସିଯିବାରେ ସଫଳ ହୋଇଥିଲେ । ଗିରଫ ଶିକାରୀ ପୂର୍ଣ୍ଣଚନ୍ଦ୍ରଙ୍କ ନିକଟରୁ ଦୁଇଟି ମୃତ ଗୁରାଣ୍ଡି ସହିତ ଗୋଟିଏ ଦେଶୀବନ୍ଧୁକ ଜବତ କରିଥିଲେ । ପରେ ଗିରଫ ଅଭିଯୁକ୍ତ ଶିକାରୀଙ୍କୁ ବନ୍ଧୁକ ଏବଂ ମୃତ ଗୁରାଣ୍ଡି ଗୁଡିକୁ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ନୀଳଗିରି ସ୍ଥିତ କୁଳଡିହା କାର୍ଯ୍ୟାଳୟକୁ ଅଣାଯାଇ ମାନ୍ୟବର ନୀଳଗିରି ଉପଖଣ୍ଡ ଏସଡିଜେଏମଙ୍କ କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ାଉରେ କୁଳଡ଼ିହା ଭାରାପ୍ରାପ୍ତ ରେଞ୍ଜ ଅଧିକାରୀ ସୌମ୍ୟରଞ୍ଜନ ମାଝୀ, ପଂଚଲିଙ୍ଗେଶ୍ୱର ଫରେଷ୍ଟର ହୃଷୀକେଶ ପ୍ରଧାନ, ଫରେଷ୍ଟଗାର୍ଡ ଶଶାଙ୍କ ଶେଖର ଜେନା, ରାକେଶ କୁମାର ବାରିକ, ଆଂଟି ପୋଚିଂ ସ୍କ୍ୱାର୍ଡ ର ସୁବାସ ସିଂ ସାମିଲଥିଲେ ।






# ଭାରତର ନୀଳ ଅର୍ଥନୀତି: ସୁଯୋଗର ଆଉ ଏକ ଲହରୀ

ଡ. ଜିତେନ୍ଦ୍ର ସିଂହ

ଶହ ଶହ ବର୍ଷ ଧରି ସମୁଦ୍ର ଭାରତର ବାଣିଜ୍ୟକୁ ବହନ କରିଆସିଛି, ଏହାର ଉପକୂଳୀୟ ସଂସ୍କୃତିକୁ ଆକାର ଦେଇଛି ଏବଂ ରଣନୈତିକ ପ୍ରଭାବକୁ ସୁଦୃଢ଼ କରିଛି । ଆଜି ୧୧,୦୯୮ କିଲୋମିଟର ଦୀର୍ଘ ଉପକୂଳରେଖା, ବିଶାଳ ସାମୁଦ୍ରିକ ସମ୍ପଦ ଏବଂ ଭାରତ ମହାସାଗରରେ ଏକ ପ୍ରଭାବଶାଳୀ ଭୌଗୋଳିକ ସ୍ଥିତି ସହିତ ସମୁଦ୍ର ଭାରତର ବିକାଶ ପାଇଁ ଏକ ନୂତନ ସମ୍ଭାବନାର ଦ୍ୱାର ଉନ୍ମୋଚନ କରୁଛି ।

ଭାରତ ଯେତେବେଳେ ବିକଶିତ ଭାରତ ୨୦୪୭ ଲକ୍ଷ୍ୟ ଦିଗରେ ଅଗ୍ରସର ହେଉଛି, ସେତେବେଳେ ନୀଳ ଅର୍ଥନୀତି ସମୃଦ୍ଧି, ସ୍ଥାୟିତ୍ୱ ଏବଂ ଜାତୀୟ ଶକ୍ତି ହାସଲ କରିବାର ଏକ ଶକ୍ତିଶାଳୀ ପଥ ଭାବେ ଉଭା ହେଉଛି । ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏହି ସୁଯୋଗକୁ ଭାରତର ବିକାଶ ଦୃଷ୍ଟିକୋଣର କେନ୍ଦ୍ରବିନ୍ଦୁରେ ରଖିଛନ୍ତି । ତାଙ୍କର ୮୦ତମ ସ୍ୱାଧୀନତା ଦିବସ ଅଭିଭାଷଣରେ ସେ ନୀଳ ଅର୍ଥନୀତିକୁ ସେହି ସାତଟି ଧାରା ବା 'ସପ୍ତଧାରା' ମଧ୍ୟରୁ ଗୋଟିଏ ଭାବେ ଚିହ୍ନଟ କରିଥିଲେ, ଯାହା ଦେଶକୁ ଆଗକୁ ନେଇଯିବ ।

ନୀଳ ଅର୍ଥନୀତି କେବଳ ସମୁଦ୍ରକୁ କେନ୍ଦ୍ର କରିଥିବା ଏକ ଅର୍ଥନୀତି ନୁହେଁ; ଏହା ଲୋକମାନଙ୍କର ଜୀବିକା, ଚିନ୍ତାଧାରା ଓ ଅସୀମ ସମ୍ଭାବନା ସହ ଜଡ଼ିତ ଏକ ବ୍ୟାପକ ଅର୍ଥନୈତିକ ଧାରଣା । ଏହାର ଲକ୍ଷ୍ୟ ହେଉଛି ମତ୍ସ୍ୟଜୀବୀ ଓ ଉପକୂଳବର୍ତ୍ତୀ ସମ୍ପ୍ରଦାୟଗୁଡ଼ିକ ପାଇଁ ଉନ୍ନତ ଜୀବିକା ସୁନିଶ୍ଚିତ କରିବା, ଉଦ୍ୟୋଗୀ ଓ ନିବେଶକମାନଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି କରିବା, ଖାଦ୍ୟ ଓ ଶକ୍ତି ସୁରକ୍ଷାକୁ ସୁଦୃଢ଼ କରିବା ଏବଂ ବିଜ୍ଞାନର ଉପଯୋଗରେ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ସହିପାରୁଥିବା ଉପକୂଳ ଗଢ଼ି ତୋଳିବା । ସର୍ବୋପରି, ଏହାର ଅର୍ଥ ହେଉଛି ଅର୍ଥନୈତିକ ପ୍ରଗତି ଓ ପରିବେଶ ପ୍ରତି ଦାୟିତ୍ୱବୋଧକୁ ସମାନ୍ତରାଳ ଭାବେ ଆଗେଇ ନେବା ।

ଏହି ସୁଯୋଗ ସହିତ କିଛି ଜରୁରୀ ଆହ୍ୱାନ ମଧ୍ୟ ଜଡ଼ିତ ରହିଛି । ସାମୁଦ୍ରିକ ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନ ସାମୁଦ୍ରିକ ସମ୍ପଦ ଉପରେ ଅତ୍ୟଧିକ ଚାପ ସୃଷ୍ଟି କରୁଛି । ତେବେ, ଏହି ଆହ୍ୱାନଗୁଡ଼ିକ ନବସୃଜନ, ସ୍ଥାୟୀ ହସ୍ତକ୍ଷେପ ଓ ନିବେଶ ପାଇଁ ଉତ୍ପ୍ରେରକ ଭାବେ କାର୍ଯ୍ୟ କରିପାରେ । ପ୍ରଯୁକ୍ତି ବିକାଶ, ଉଦ୍ୟୋଗ ସୃଷ୍ଟି ଓ ପୁଞ୍ଜି ସଂଗ୍ରହକୁ ତ୍ୱରାନ୍ୱିତ କରି ଭାରତ ସମୁଦ୍ରଭିତ୍ତିକ ନବୀକରଣଯୋଗ୍ୟ ଶକ୍ତି, ସାମୁଦ୍ରିକ ଜୈବପ୍ରଯୁକ୍ତି, ଉନ୍ନତ ଜଳଚାଷ, ସମୁଦ୍ର ତଥ୍ୟ ସେବା, ସ୍ଥାୟୀ ପର୍ଯ୍ୟଟନ ଏବଂ ଗଭୀର ସମୁଦ୍ର ପ୍ରଯୁକ୍ତି ଭଳି ଉଦୀୟମାନ କ୍ଷେତ୍ରଗୁଡ଼ିକୁ ନୀଳ ଅର୍ଥନୀତି ଅଭିବୃଦ୍ଧି ପାଇଁ ଶକ୍ତିଶାଳୀ ଚାଳକ ଶକ୍ତିରେ ପରିଣତ କରିପାରିବ ।

ଏକ ସୁଦୃଢ଼ ନୀଳ ଅର୍ଥନୀତି ସ୍ଥାୟୀ ମତ୍ସ୍ୟଚାଷ ଓ ଜଳଚର କୃଷିକୁ ରୂପାନ୍ତରିତ କରି ଆୟ ବୃଦ୍ଧି ଏବଂ ପୋଷଣ ସୁରକ୍ଷାକୁ ସୁଦୃଢ଼ କରିପାରେ । ଆଧୁନିକ ବନ୍ଦର, ଜାହାଜ ଚଳାଚଳ ଓ ଲଜିଷ୍ଟିକ୍ସ ବାଣିଜ୍ୟିକ ପ୍ରତିଯୋଗିତାକ୍ଷମତାକୁ ବଢ଼ାଇପାରେ । ସମୁଦ୍ରତଟୀୟ ଅକ୍ଷୟ ଶକ୍ତି ଭାରତର ସ୍ୱଚ୍ଛ ଶକ୍ତି ରୂପାନ୍ତରଣକୁ ସମର୍ଥନ କରିପାରେ । ସାମୁଦ୍ରିକ ପର୍ଯ୍ୟଟନ ସ୍ଥାନୀୟ ଉଦ୍ୟମ ଓ ରୋଜଗାରର ସୁଯୋଗ ସୃଷ୍ଟି କରିପାରେ । ସେହିପରି, ସମୁଦ୍ର ବିଜ୍ଞାନ, ପୂର୍ବାନୁମାନ ଓ ଡିଜିଟାଲ ସେବା ଜୀବନ, ସମ୍ପତ୍ତି ଓ ଜୀବିକାକୁ ସୁରକ୍ଷିତ ରଖିପାରେ । ଏହି ସମସ୍ତ କ୍ଷେତ୍ର ମିଶି ଭାରତର ସାମୁଦ୍ରିକ ସୁରକ୍ଷା, ବୈଷୟିକ ସ୍ୱାବଲମ୍ବନ ଏବଂ ଭାରତ ମହାସାଗରୀୟ ଅଂଚଳରେ ଭାରତର ନେତୃତ୍ୱକୁ ଆହୁରି ସୁଦୃଢ଼ କରିପାରିବ ।

ତେଣୁ ଭାରତ ନୀଳ ଅର୍ଥନୀତିକୁ ପୃଥକ୍ ପୃଥକ୍ ଯୋଜନାର ସମାହାର ଭାବେ ନୁହେଁ, ବରଂ ଏକ ସମନ୍ୱିତ ଜାତୀୟ ବିକାଶ ରଣନୀତି ଭାବେ ଦେଖୁଛି । ଏହାର ମାର୍ଗଦର୍ଶକ ନୀତି ହେଉଛି ବିଜ୍ଞାନ ନୀତି ନିର୍ଦ୍ଧାରଣକୁ ଦିଗଦର୍ଶନ ଦେବ, ନୀତି ଉଦ୍ୟମ ଓ ପ୍ରତିଷ୍ଠାନଗୁଡ଼ିକୁ ସକ୍ଷମ କରିବ ଏବଂ ପ୍ରତିଷ୍ଠାନଗୁଡ଼ିକ ଲୋକ ଓ ପୃଥିବୀ ପାଇଁ ମାପଯୋଗ୍ୟ ମୂଲ୍ୟ ସୃଷ୍ଟି କରିବେ । ପୃଥିବୀ ବିଜ୍ଞାନ ମନ୍ତ୍ରଣାଳୟ ଏହି ରୂପାନ୍ତରଣ ପାଇଁ ବୈଜ୍ଞାନିକ, ବୈଷୟିକ ଓ ପ୍ରତିଷ୍ଠାନଗତ ଭିତ୍ତି ଗଢ଼ି ତୋଳୁଛି ।

ଡିପ୍ ଓସନ୍ ମିଶନ୍, ସାମୁଦ୍ରିକ ସ୍ଥାନିକ ଯୋଜନାର ପାଇଲଟ୍ ପ୍ରକଳ୍ପ, ସମୁଦ୍ର ପର୍ଯ୍ୟବେକ୍ଷଣ ନେଟୱର୍କ, ଡିଜିଟାଲ ପ୍ଲାଟଫର୍ମ, ପୂର୍ବାନୁମାନ ପ୍ରଣାଳୀ ଏବଂ ଉନ୍ନତ ସାମୁଦ୍ରିକ ସେବା ମାଧ୍ୟମରେ ମନ୍ତ୍ରଣାଳୟ ସମୁଦ୍ର ସମ୍ପର୍କିତ ଜ୍ଞାନକୁ ଲୋକକଲ୍ୟାଣମୂଳକ ମୂଲ୍ୟରେ ପରିଣତ କରୁଛି । ଗଭୀର ସମୁଦ୍ର ଅନ୍ୱେଷଣ, ସାମୁଦ୍ରିକ ଜୈବପ୍ରଯୁକ୍ତି, ସମୁଦ୍ର ଶକ୍ତି ଓ ଲବଣମୁକ୍ତିକରଣ କ୍ଷେତ୍ରରେ ସ୍ୱଦେଶୀ କ୍ଷମତା ବିକାଶ ସମ୍ପଦ ସୁରକ୍ଷା, ନବସୃଜନ ଓ ସ୍ୱାବଲମ୍ବନ ପାଇଁ ନୂଆ ମାର୍ଗ ଖୋଲୁଛି । ମତ୍ସ୍ୟଜୀବୀଙ୍କ ପାଇଁ ପରାମର୍ଶ, ଆଗୁଆ ସତର୍କତା ସେବା ଏବଂ ଉପକୂଳ ପରିଚାଳନାମୂଳକ ପଦକ୍ଷେପ ଉପକୂଳବର୍ତ୍ତୀ ଜୀବିକାକୁ ସମର୍ଥନ କରିବା ସହିତ ବିପର୍ଯ୍ୟୟ ପ୍ରସ୍ତୁତିକୁ ମଧ୍ୟ ସୁଦୃଢ଼ କରୁଛି ।

ପରବର୍ତ୍ତୀ ପର୍ଯ୍ୟାୟକୁ ବ୍ୟାପକତା, ଗତି ଓ ପ୍ରଭାବ ଦ୍ୱାରା ପରିଭାଷିତ କରିବା ଆବଶ୍ୟକ । ଭାରତକୁ ସମନ୍ୱିତ ସମୁଦ୍ର ଶାସନ ବ୍ୟବସ୍ଥା, ଅଧିକ ସୁଦୃଢ଼ ସମନ୍ୱୟ, ବିଶ୍ୱସନୀୟ ପ୍ରକଳ୍ପ ପାଇପଲାଇନ୍ ଏବଂ ପ୍ରମାଣଭିତ୍ତିକ ନିଷ୍ପତ୍ତି ପାଇଁ ଡିଜିଟାଲ ପ୍ରଯୁକ୍ତିର ବ୍ୟାପକ ବ୍ୟବହାର ଆବଶ୍ୟକ । ୨୦୧୫-୨୦୨୫ ମଧ୍ୟରେ ପ୍ରାୟ ୩.୯ ଲକ୍ଷ କୋଟି ଟଙ୍କାରୁ ୨୦୨୬-୨୦୩୫ ମଧ୍ୟରେ ପ୍ରାୟ ୨୫.୮ ଲକ୍ଷ କୋଟି ଟଙ୍କାକୁ ବଢ଼ିବାକୁ ଥିବା ନୀଳ ଅର୍ଥନୀତି ନିବେଶର ପରିପ୍ରେକ୍ଷିତରେ ଏହି ସୁଯୋଗ ଐତିହାସିକ । ଏହି ସମ୍ଭାବନାକୁ ସ୍ଥାୟୀ ଫଳାଫଳରେ ପରିଣତ କରିବା ପାଇଁ ନୂଆ ଅର୍ଥାୟନ ବ୍ୟବସ୍ଥା, ଦାୟିତ୍ୱଶୀଳ ବେସରକାରୀ ପୁଞ୍ଜି, ଷ୍ଟାର୍ଟଅପର ଅଂଶଗ୍ରହଣ ଏବଂ ସ୍ୱଚ୍ଛ କାର୍ଯ୍ୟାନ୍ୱୟନ ଅତ୍ୟାବଶ୍ୟକ ହେବ । ଏହି ସମଗ୍ର ଯାତ୍ରାରେ ଉପକୂଳବର୍ତ୍ତୀ ସମୁଦାୟଗୁଡ଼ିକ ସକ୍ରିୟ ଭାଗୀଦାର ଏବଂ ପ୍ରମୁଖ ଲାଭାର୍ଥୀ ଭାବେ ରହିବା ଆବଶ୍ୟକ । ସବୁଠାରୁ ରୋମାଂଚକ ଅଧ୍ୟାୟ ଭାରତର ଯୁବପିଢ଼ି ପାଇଁ ଅପେକ୍ଷା କରିଛି । ପ୍ରତ୍ୟେକ ଯୁବ ଉଦ୍ୟୋଗୀ, ନିବେଶକ, ବୈଜ୍ଞାନିକ, ପ୍ରଯୁକ୍ତିବିଦ୍, ବୃତିଜୀବୀ ଓ ଦକ୍ଷ କର୍ମୀଙ୍କୁ କହିବାକୁ ଚାହେଁ ସମୁଦ୍ର ଅର୍ଥନୀତି ଆପଣମାନଙ୍କ ପାଇଁ ସୀମାହୀନ ସମ୍ଭାବନାର ଏକ ଦିଗନ୍ତ ଉନ୍ମୋଚନ କରୁଛି । ବନ୍ଦର, ଜାହାଜ ଚଳାଚଳ, ଲଜିଷ୍ଟିକ୍ସ, ମତ୍ସ୍ୟଚାଷ ଓ ପର୍ଯ୍ୟଟନ ଭଳି ପାରମ୍ପରିକ କ୍ଷେତ୍ରଗୁଡ଼ିକ ସ୍ୱୟଂଚାଳନ, ଡିଜିଟାଲ ପ୍ଲାଟଫର୍ମ, ସ୍ୱଚ୍ଛ ଇନ୍ଧନ, ବିଦ୍ୟୁତ ଗତିଶୀଳତା ଏବଂ ସ୍ଥାୟୀ ପରିଚାଳନା ମାଧ୍ୟମରେ ନୂଆ ରୂପ ନେଉଛି । ସମୁଦ୍ରତଟୀୟ ଅକ୍ଷୟ ଶକ୍ତି, ସାମୁଦ୍ରିକ ଜୈବପ୍ରଯୁକ୍ତି, ଗଭୀର ସମୁଦ୍ର ପ୍ରଯୁକ୍ତି, ଜଳଚର କୃଷି, ସାମୁଦ୍ରିକ ରୋବୋଟିକ୍ସ, ସମୁଦ୍ର ପାଇଁ କୃତ୍ରିମ ବୁଦ୍ଧିମତା, ଦ୍ୱୀପ ପର୍ଯ୍ୟଟନ, ବିଦ୍ୟୁତଚାଳିତ ନୌକା ଏବଂ ସବୁଜ ସାମୁଦ୍ରିକ ପ୍ରଣାଳୀ ଭଳି ଉଦୀୟମାନ କ୍ଷେତ୍ରଗୁଡ଼ିକ ନୂଆ କ୍ୟାରିୟର, ଉଦ୍ୟମ ଓ ନିବେଶର ସୁଯୋଗ ସୃଷ୍ଟି କରୁଛି ।

ଭବିଷ୍ୟତ ପାଇଁ ପ୍ରସ୍ତୁତ ଦକ୍ଷତା ବିକାଶ, ଷ୍ଟାର୍ଟଅପ୍ ଆରମ୍ଭ, ସ୍ୱଦେଶୀ ପ୍ରଯୁକ୍ତି ବିକାଶ, ଦାୟିତ୍ୱଶୀଳ ନିବେଶ ଏବଂ ଗବେଷଣାକୁ ବ୍ୟାପକ ଭାବେ ପ୍ରୟୋଗଯୋଗ୍ୟ ସମାଧାନରେ ପରିଣତ କରିବାର ଏହା ହେଉଛି ଉପଯୁକ୍ତ ସମୟ । ଆମର ବିଶ୍ୱବିଦ୍ୟାଳୟ, ପରୀକ୍ଷାଗାର, ଶିଳ୍ପ ଏବଂ ଉପକୂଳବର୍ତ୍ତୀ ସମୁଦାୟଗୁଡ଼ିକ ପରୀକ୍ଷଣ ଓ ଉଦ୍ୟମିତାର ପରସ୍ପର ସଂଯୁକ୍ତ କେନ୍ଦ୍ରରେ ପରିଣତ ହେବା ଆବଶ୍ୟକ । ଯୁବ ଭାରତୀୟମାନେ ଅଧିକ ସ୍ମାର୍ଟ ମାଛଧରା ପ୍ରଣାଳୀ, ସ୍ୱଚ୍ଛ ନୌକା, ସହନଶୀଳ ବନ୍ଦର, ସମୁଦ୍ର-ତଥ୍ୟ ପ୍ଲାଟଫର୍ମ, ଜୈବଭିତ୍ତିକ ଉତ୍ପାଦ ଏବଂ ଗଭୀର ସମୁଦ୍ରର ଅନ୍ୱେଷଣ ସହିତ ଏହାର ସୂକ୍ଷ୍ମ ପରିସଂସ୍ଥିତିକୁ ସୁରକ୍ଷିତ ରଖିପାରୁଥିବା ପ୍ରଯୁକ୍ତି ବିକଶିତ କରିପାରିବେ ।

ନୀଳ ଅର୍ଥନୀତି କୌଣସି ଦୂରସ୍ଥ ପ୍ରତିଶ୍ରୁତି ନୁହେଁ । ଏହା ଏକ ଜାତୀୟ ଅଭିଯାନ, ଯାହାକୁ ନେତୃତ୍ୱ ଦେବା ପାଇଁ ଏକ ସାହସୀ ଓ ଦୃଢ଼ସଙ୍କଳ୍ପୀ ପିଢ଼ିର ଅପେକ୍ଷା ରହିଛି । ଭାରତର ଯୁବପିଢ଼ିଙ୍କୁ ମୁଁ ଆହ୍ୱାନ କରୁଛି—ନିଜର କଳ୍ପନାଶକ୍ତି, ସାହସ ଓ ପ୍ରତିଭାକୁ ଏହି ନୀଳ ପରିବର୍ତ୍ତନର ତରଙ୍ଗ ସହ ଯୋଡ଼ନ୍ତୁ ।

ଆସନ୍ତୁ, ଆମ ସମୁଦ୍ରଗୁଡ଼ିକୁ ନବସୃଜନର ପରୀକ୍ଷାଗାର, ଜୀବିକାର ଶକ୍ତିଶାଳୀ ଉତ୍ସ ଏବଂ ସ୍ଥାୟୀ ସମୃଦ୍ଧିର ପଥରେ ପରିଣତ କରିବା । ମିଳିତ ଭାବେ ଆମେ ଏପରି ଏକ ସାମୁଦ୍ରିକ ଅର୍ଥନୀତି ଗଢ଼ିପାରିବା, ଯାହା ଉତ୍ପାଦନଶୀଳ ହେବା ସହିତ ଦାୟିତ୍ୱବୋଧସମ୍ପନ୍ନ, ବିଶ୍ୱସ୍ତରରେ ପ୍ରତିଯୋଗୀତାମୂଳକ ହେବା ସହିତ ସ୍ଥାନୀୟ ସମୁଦାୟକୁ ସଶକ୍ତ କରିବ ଏବଂ 'ସପ୍ତଧାରା'ର ଭାବନା ସହ ସମନ୍ୱିତ ହେବ । 'ବିକଶିତ ଭାରତ ୨୦୪୭' ଦିଗରେ ଆମର ଯାତ୍ରା କେବଳ ଭୂମି ଉପରେ ନୁହେଁ, ବରଂ ଆମକୁ ଘେରି ରହିଥିବା ଏବଂ ଆମକୁ ପରସ୍ପର ସହ ଯୋଡ଼ିଥିବା ବିଶାଳ ନୀଳ ସାମୁଦ୍ରିକ ବିସ୍ତାର ଉପରେ ମଧ୍ୟ ଆକାର ନେବ ।

**(ଲେଖକ କେନ୍ଦ୍ର ସରକାରରେ ବିଜ୍ଞାନ ଓ ପ୍ରଯୁକ୍ତି ଏବଂ ଭୂ-ବିଜ୍ଞାନର ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ ।)**

## ଓଡିଶା ବନ୍ଦକୁ ସଫଳ କରିଥିବାରୁ ଜିଲ୍ଲାବାସୀଙ୍କୁ ସିପିଏମର କୃତଜ୍ଞତା

ବ୍ରହ୍ମପୁର(ନି.ପ୍ର.) : ଗଗଉଜ ୨୦୨୬ ବାତିଲ କର, ଭୋଟ ଚୋର ଜ୍ଞାନେଶ କୁମାରକୁ ବରଖାସ୍ତ କର, ରାଜ୍ୟରେ ତ୍ରୁଟିପୂର୍ଣ୍ଣ ପାଠ୍ୟ ପୁସ୍ତକ ପ୍ରକାଶନ ପାଇଁ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଇସ୍ତଫା ଦିଅ ଏବଂ ବନ୍ୟା ପ୍ରଭାବିତ ଲୋକଙ୍କୁ କ୍ଷତିପୂରଣ ଦାବୀରେ ଇଣ୍ଡିଆ ବ୍ଲକର ଓଡ଼ିଶା ବନ୍ଦକୁ ଜିଲାବାସୀ ସଫଳ କରିଥିବା ଯୋଗୁଁ ସିପିଏମ ପକ୍ଷରୁ ଜିଲ୍ଲାବାସୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି । ଓଡ଼ିଶା ବାସୀଙ୍କ ଶିକ୍ଷା, ସମ୍ବଳ ଓ ଜମି ଅଧିକାରର ଲଢ଼େଇକୁ ଜୋରଦାର କରିବା ପାଇଁ ରାଜ୍ୟ ବାସୀ ଆଗେଇ ଆସିବା ପାଇଁ ଆହ୍ୱାନ ଦେଇଛନ୍ତି ।ବିଜେପିର ଭୋଟ ଚୋରି ଚକ୍ରାନ୍ତରେ ସମ୍ପୃକ୍ତ ମୁଖ୍ୟ ଖଳ ନାୟକ ଜ୍ଞାନେଶ କୁମାରର ବରଖାସ୍ତ ପାଇଁ ନାଗରିକ ମାନେ ଏକଜୁଟ ହେବାକୁ ଆହ୍ୱାନ ଦିଆଯାଇଛି । ଓଡ଼ିଶାର ଇଣ୍ଡିଆ ବ୍ଲକର ୧୦ ଟି ରାଜନୈତିକ ଦଳର ଓଡ଼ିଶା ବନ୍ଦ ଅବସରରେ ବ୍ରହ୍ମପୁର ସହରରେ କଂଗ୍ରେସ ,ସିପିଏମ ଓ ସିପିଆଇ ପକ୍ଷରୁ ପିକେଟିଂ, ଧାରଣା ଓ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି । ଆଜି ସିପିଏମ, ସିପିଆଇ ଓ କଂଗ୍ରେସ ଦଳ ପକ୍ଷରୁ ପ୍ରଥମେ ରେଳ ଷ୍ଟେସନ, ପୋଷ୍ଟ ଅଫିସ, ବ୍ୟାଙ୍କ, ଜିଲ୍ଲା କୋର୍ଟ, ଟାଟା ପାୱାର, ନଗର ନିଗମ ଅଫିସ ସମେତ ବିଭିନ୍ନ ଅଫିସ ଦପ୍ତର ଓ ଦୋକାନ ବଜାର ରେ ପିକେଟିଂ କରି ବନ୍ଦ କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ସିପିଏମର ବରିଷ୍ଠ ନେତା ଅଳି କିଶୋର ପଟ୍ଟନାୟକ, ଯୁଧିଷ୍ଠିର ବେହେରା, ଶିବ ପ୍ରସାଦ ମହାପାତ୍ର, ପ୍ରତାପ ଚୌଧୁରୀ, ଗୋକୁଳ ତ୍ରିପାଠୀ,ଗୋପାଳ ପଣିଗ୍ରାହୀ, ବାବୁଲା ନାୟକ ,ମଧୁ ବେହେରା, କେଶବ ଗୌଡ଼,ରାଜା ରାଓ, ହରି ନାହାକ,ଚିଟି ବାବୁ, ଛାତ୍ର ନେତା ଲକି ଛୋଟରାୟ,ପ୍ରଶାନ୍ତ ଶତପଥୀ ,ସିପିଆଇ ନେତା ପ୍ରଦୀପ ସେଠି, କାମଦେବ ନାହାକ, ପ୍ରଫୁଲ୍ଲ ଜେନା, ଏବଂ କଂଗ୍ରେସ ନେତା ରଶ୍ମିରଞ୍ଜନ ପଟ୍ଟନାୟକ ,ବୃନ୍ଦାବନ ଖଟେଇ ପ୍ରମୁଖ ନେତୃତ୍ୱ ନେଇଥିଲେ ।

## ଓଡିଶା ବନ୍ଦ ଡାକରା ସିମୁଳିଆ ବନ୍ଦ

ସିମୁଳିଆ,(ନି.ପ୍ର)-ଭାରତର ନିର୍ବାଚନ କମିଶନଙ୍କ ଇସ୍ତଫା ଦାବିରେ ଓଡିଶା ପ୍ରଦେଶ କଂଗ୍ରେସ ୧୨ଘ[ିଆ ଓଡିଶା ବନ୍ଦ ଡାକରାରେ ସିମୁଳିଆ ବ୍ଲକ କଂଗ୍ରେସ ପକ୍ଷରୁ ସିମୁଳିଆରେ ଶାନ୍ତି ଶୃଙ୍ଖଳାର ସହ ବନ୍ଦ ପାଳନ କରାଯାଇଛି କ୍ଷ ସିମୁଳିଆ ବ୍ଲକ କଂଗ୍ରେସ ସଭାପତି ରମେଶ ଦାସଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀ ମାର୍କୋଣା ନୀଳକଣ୍ଠେଶ୍ୱର ମନ୍ଦିର ପରିସରରୁ ଶୋଭାଯାତ୍ରାରେ ବାହାରି ବ୍ଲକ, ତହସିଲ, ବ୍ୟାଙ୍କ ଓ ସରକାରୀ କାର୍ଯ୍ୟାଳୟ ଗୋଡ଼ିକ ବନ୍ଦ କରିଥିଲେ କ୍ଷ ମାତ୍ର ଦୋକାନ ବଜାର, ବିଦ୍ୟାଳୟ ଗୋଡ଼ିକ ଖୋଲା ରହିଥିଲା କ୍ଷ ସାଧାରଣ ଜନଜୀବନ ସ୍ୱାଭାବିକ ରହିଥିଲା କ୍ଷ ଏହି ଓଡିଶା ବନ୍ଦ ଡାକରା ସିମୁଳିଆରେ ଆଂଶିକ ସଫଳ ହୋଇଥିବା ଦେଖିବାକୁ ମିଳିଥିଲା କ୍ଷ ଶାନ୍ତି ଶୃଙ୍ଖଳା ନିମନ୍ତେ ସିମୁଳିଆ ପୋଲିସ ସଜାଗ ରହିଥିଲେ ।

## ଖଇରାରେ ଇଣ୍ଡି ମେଂଟର ଓଡ଼ିଶା ବନ୍ଦ ଓ ପଥପ୍ରାନ୍ତ ସଭା

ଖଇରା(ନି.ପ୍ର.) ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକରେ ଓଡିଶା ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି । ସମସ୍ତ ଦୋକାନ ବଜାର,ଗାଡି ଚଳାଚଳ,ବ୍ୟାଙ୍କ,ବ୍ଲକ ଓ ତହସିଲ କାର୍ଯ୍ୟାଳୟ ବନ୍ଦ ରହିଥିଲା । ଇଣ୍ଡି ମେ□ର ସଦସ୍ୟ ମାନଙ୍କ ଦ୍ୱାରା ଶୋଭାଯାତ୍ରା ପିକେଟିଂ ପରେ ଖଇରା ବ୍ଲକ ଛକରେ ସନ୍ତୋଷ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ କଂଗ୍ରେସ ନେତା ତଥା ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ,କଂଗ୍ରେସ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା,ଯୁବ କଂଗ୍ରେସ ସଭାପତି ନିରଞ୍ଜନ ପରିଡା,ମଧୁସୁଦନ ଜେନା,ପ୍ରଶାନ୍ତ ପାତ୍ର ଓ ବାମପନ୍ଥି ନେତା ଜଗତାନନ୍ଦ ମହାପାତ୍ର,ମାନସ ମହାପାତ୍ର,ପ୍ରଶାନ୍ତ ବାରିକ,ସନ୍ତୋଷ ସାହୁ,ଜନ୍ମେଜୟ ଶତପଥି,ଉ□ମ ଦାସ ପ୍ରମୁଖ ଯୋଗ ଦେଇ ଏମଏମଡିଆର ,ମୁଖ୍ୟ ନିର୍ବାଚନ ଅଧିକାରୀ ଜ୍ଞାନେଶ କୁମାରଙ୍କ ଇସ୍ତଫା,ରାଜ୍ୟ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଇତ୍ୟାଦି ପ୍ରସଙ୍ଗରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ । ସେହିଭଳି ଖଇରା ବ୍ଲକର ଗଣ୍ଡିବେଡ,ତୁଡିଗଡିଆ, କୁପାରୀ ଇତ୍ୟାଦି ବଜାରରେ ବନ୍ଦର ପ୍ରଭାବ ଅନୁଭୂତ ହୋଇଛି ।

## ସାରା ରାଜ୍ୟରେ ଯୁବ ପିଢ଼ି ଓ ଜନ ମାନସରେ ଉତ୍ସାହ ଭରୁଛି ବିକଶିତ ଭାରତ ସେବା ସଂକଳ୍ପ ଅଭିଯାନ'ସେବା ସଂକଳ୍ପ ଜ୍ୟୋତି ଯାତ୍ରା'

ମାଲକାନଗିରି,(ନି.ପ୍ର.) ରାଜ୍ୟରେ ଜନସେବା, ଦେଶଭକ୍ତି ଏବଂ ସାମାଜିକ ଦାୟିତ୍ୱବୋଧର ବାର୍ତ୍ତା ପ୍ରସାର କରିବା ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା 'ବିକଶିତ ଭାରତ ସେବା ସଂକଳ୍ପ ଅଭିଯାନ' ଅଧୀନରେ ସେବା ଜ୍ୟୋତି ମଶାଲ ଯାତ୍ରା ଏବେ ସାରା ଓଡ଼ିଶାରେ ଏକ ବଡ଼ ଜନ ଆନ୍ଦୋଳନର ରୂପ ନେଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୀର୍ଘ ବର୍ଷର ଜନସେବା ଓ ରାଷ୍ଟ୍ର ନିର୍ମାଣର ଯାତ୍ରା ଦ୍ୱାରା ଅନୁପ୍ରାଣିତ ହୋଇ ରାଜ୍ୟ ବିଜେପି ପକ୍ଷରୁ ଆୟୋଜିତ ଏହି ମାସେ ବ୍ୟାପୀ ଅଭିଯାନ ପ୍ରତି ଅଂଳରେ ଲୋକଙ୍କୁ ଏକାଠି କରୁଛି । ଏହି ମଶାଲ ଯାତ୍ରାକୁ ଭବ୍ୟ ସ୍ୱାଗତ କରାଯିବା ସହିତ ଏହା ସ୍ଥାନୀୟ ମାଲ୍ୟବନ୍ତ ହଷ୍ଟେଲ ଛକ ଠାରୁ ଏକ ପଦଯାତ୍ରା ରେ ସ୍ଥାନିୟ ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ ପହଂଥିଲେ ।ବିଶେଷଭାବେ ଏହା ମାଧ୍ୟମରେ ସେବା ଓ ଜନକଲ୍ୟାଣ ଉପରେ ଗୁରୁତ୍ୱ ଦିଆଯାଉ ଥିବା ବେଳେ ଏହି ଯାତ୍ରାର ମୂଳ ଲକ୍ଷ୍ୟ ଲୋକଙ୍କ ମଧ୍ୟରେ ସେବାଭାବ ଜାଗ୍ରତ କରିବା ସହ ସରକାରଙ୍କ ବିଭିନ୍ନ ଗରିବ କଲ୍ୟାଣ ଯୋଜନାକୁ ତୃଣମୂଳ ସ୍ତରରେ ପହଂାଇବା । ବିଶେଷ କରି ମହିଳା, ଯୁବପିଢ଼ି, ଚାଷୀ ଓ ଅବହେଳିତ ଶ୍ରେଣୀର ଲୋକଙ୍କ ବିକାଶ ଉପରେ ଏହି ଅଭିଯାନରେ ଗୁରୁତ୍ୱ ଦିଆଯାଇଛି । ମାଲକାନଗିରି ଆଜି ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଅଶୋକ ପରିଡ଼ା, ସାଂସଦ ଶ୍ରୀ ବଳଭଦ୍ର ମାଝୀ, ବିଧାୟକ ନରସିଂହ ମାଡକାମୀ, ରାଜ୍ୟ ଉପ ସଭାପତି ତଥା ଜିଲ୍ଲା ପ୍ରଭାରୀ ରମେଶ ସାହୁ ମଂରେ ନିଜ ଅଭିଭାବଣରେ ନରେନ୍ଦ୍ର ମୋଦି ଙ୍କ ବିକଶିତ ଭାରତ ୨୦୪୭ ଅଭିଯାନ ସହ ସ୍ୱପ୍ନ ସାକାର କରିବା କୁ ନେଇ ମତ ରଖିଥିଲେ । ଶେଷରେ ସାଂସଦ ବିକଶିତ ଭାରତ କୁ ନେଇ ଶପଥ ପାଠ କରାଇଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଡମ୍ବରୁ ସୀସା, ବାଲିମେଲା ଚେୟାର ମ୍ୟାନ ପ୍ରଦୀପ ନାୟକ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଗଙ୍ଗା ସୋଡ଼ି, ଅଧକ୍ଷ । ସମେତ ବହୁ ବରିଷ୍ଠ ନେତା ଓ କର୍ମୀ ଉପସ୍ଥିତ ରହିଥିଲେ ।



## ପିଲାଙ୍କ ପରୀକ୍ଷା ସମୟରେ ବିଦ୍ୟାଳୟର ତରବରିଆ ଅଡିଟ, ରହସ୍ୟ କଣ !

ରାୟଗଡ଼ା (ନି.ପ୍ର.) ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଏଭଳି ଏକ ନିର୍ଦ୍ଦେଶନାମା ପତ୍ରସଂଖ୍ୟ ୨୨୮୭ ତାରିଖ ୦୫/୧୦/୨୦୨୬ ରେ ଛାତ୍ରଛାତ୍ରୀଙ୍କ ଅର୍ଦ୍ଧବାର୍ଷିକ ପରୀକ୍ଷା ସମୟରେ ବ୍ଲକର ୧୮ ଟି କ୍ଲଷ୍ଟରର ସମସ୍ତ ବିଦ୍ୟାଳୟର ଅଡିଟ ଚଳିତ ମାସ ୭ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ହେବ ନେଇ ଉକ୍ତ ନିର୍ଦ୍ଦେଶନାମା ରେ ଉଲ୍ଲେଖ କରିଛନ୍ତି । ଯାହାକି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି । ବ୍ଲକର ସମସ୍ତ ବିଦ୍ୟାଳୟ ଗୁଡିକୁ ଅଡିଟ ନାଁ ରେ କିଛି ଗୋଟେ କାରସାଦି ଚାଲିଛି କି ଏଭଳି ଏକ ପ୍ରଶ୍ନ ବୁଦ୍ଧିଜୀବି ମହଲରେ ଚର୍ଚ୍ଚା ଚାଲିଛି । ସୂଚନା ମୁତାବକ ଚଳିତ ମାସ ୦୫ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ପ୍ରଥମ ରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପରୀକ୍ଷା ବ୍ଲକର ସମସ୍ତ ବିଦ୍ୟାଳୟରେ ଚାଲିଥିବା ବେଳେ କାଶୀପୁର ଗୋଷ୍ଠୀ ଶିକ୍ଷାଧିକାରୀ



ସୁମିତ ବିଶ୍ୱାସ କାହିଁକି ଏହି ତରବରିଆ ଭାବରେ ଅଡିଟ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ତାହା ମଧ ଏହି ଦଶହରା ସମୟରେ ସ୍ପଷ୍ଟ ଭାବେ ଅନୁମାନ କରାଯାଇ ପାରିବ ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି । ହେଲେ ଏବେ ଉଠିଛି ଅଡାଯୋର କ୍ଲଷ୍ଟର ରେ ଅଡିଟ ପାଇଁ ଯୋଡାମ୍ବ ବିଦ୍ୟାଳୟରେ ଚଳିତ ମାସ ଗତ ୭ ତାରିଖ ପୂର୍ବାହ୍ନ ୧୦.୩୦ ସମୟରୁ ରେ ହେବାକୁ ଥିବା ଲେଖା ରହିଥିବା ବେଳେ ସେହି ଦିନ ହିଁ ସୁଙ୍ଗେର କ୍ଲଷ୍ଟର ର ସୁଙ୍ଗେର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅପରାହ୍ନ ୨ ଟା ସମୟରେ ହେବ ନେଇ ନିର୍ଦ୍ଦେଶ ରହିଛି । ଯାହାକି ଅସମ୍ଭବ ବୋଲି ଶିକ୍ଷାବିତ ମାନେ ମାଟ ପ୍ରକାଶ କରିଛନ୍ତି । ଏହି ଅଡିଟ ରେ ୧. ଅଦ୍ୟତନ ଏ[ି ସହିତ କ୍ୟାଶ୍ ବୁକ୍ (ନଗଦ ବହି) , ୨. ବ୍ୟବହାର ପ୍ରମାଣପତ୍ର (ୟୁଟିଲାଇଯେସନ ସାର୍ଟିଫିକେଟ ), ୩. ଭାଉଚର୍ / ବିଲ୍ ଏବଂ ଷ୍ଟକ୍ ରେଜିଷ୍ଟର୍ ୪. ନିଷ୍ପତି ରେଜିଷ୍ଟର୍ / ଏସ ଏମ ସି/ଏସ ଏମ ଡି ସି ରେଜିଷ୍ଟର୍ , ୫. ଅନ୍ୟାନ୍ୟ ସମ୍ପର୍କିତ ଆର୍ଥିକ ରେକର୍ଡ ଦଲିଲ ପତ୍ର ର ଅଡିଟ ହେବାକୁ ଥିବା ନେଇ ଉଲ୍ଲେଖ କରିଥିବା ବେଳେ ଗୋଟିଏ ଦିନରେ ଦୁଇ ଦୁଇଟି କ୍ଲଷ୍ଟର ର ଅଡିଟ କିଭଳି ହେଉଛି ତାହା ସହଜରେ ଅନୁମେୟ । ହେଲେ ଏ ନେଇ ଶିକ୍ଷକ ମାନେ ଚୁପି ସାଧିଥିବା ବେଳେ ଦଶହରା ସମୟରେ ଅଧିକାରୀଙ୍କ ପାଇଁ ଏହା ଚାନ୍ଦା ଆଦାୟ କରିବାର ବାହାନା ନୁହେଁ ତ ବୋଲିଆଶୁ କିଛି କାନ କୁହା କଥା ଶୁଣିବାକୁ ମିଳୁଛି ! କାରଣ ଯାହା ଶୁଣିବାକୁ ମିଳିଛି କୌଣସି ଜିଲ୍ଲାସ୍ତରୀୟ ଅଧିକାରୀ ଏହି ଅଡିଟ ନେଇ କୌଣସି ଅନୁମତି ଦେଇନଥିବା ବେଳେ ଦଶହରା ସମୟରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଜଣେ କିରାଣୀ ଓ ଜଣେ ଠିକା କର୍ମଚାରୀଙ୍କୁ ଦ୍ୱାରା ଏହି ଅଡିଟ କରାଇବା ତାହା ମଧ୍ୟ ପରୀକ୍ଷା ସମୟରେ ତାହା କେତେ ଯୁକ୍ତିଯୁକ୍ତ ନିଶ୍ଚିତ ତଦନ୍ତ ର କାରଣ । ଏହି ଅଡିଟ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଅବକାଶରେ ହେଉଥିବା ବେଳେ ମନରେ ଅନେକ ଦ୍ୱିଧା ଜାତ ହେଉଥିବା ବେଳେ ପ୍ରଶ୍ନ ମଧ ଅନେକ ଉଠୁଛି । ଏ ନେଇ ପ୍ରତିକ୍ରିୟା ପାଇଁ ଆମେ କାଶୀପୁର ବି ଇ ଓ ସୁମିତ୍ ବିଶ୍ୱାସ ଙ୍କୁ ଫୋନ ଯୋଗେ ଯୋଗାଯୋଗ କରିଥିବା ବେଳେ ସେ ଆମ ଫୋନ୍ ଗ୍ରହଣ କରିନଥିଲେ କିମ୍ବା ଆମକୁ ତାଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ଦେଇନଥିଲେ । ଏ ନେଇ ଜିଲ୍ଲା ଶିକ୍ଷାଧକାରୀଙ୍କୁ ମଧ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲୁ କିନ୍ତୁ ଯୋଗାଯୋଗ ହୋଇପାରି ନଥିବା ଯୋଗୁଁ ଆମେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶାନ୍ତିଲତା ମୁନିଙ୍କୁ ପଚାରିବାରୁ ସେ ଏ ନେଇ କିଛି ଜାଣି ନାହାଁନ୍ତି ବୁଝିକି କହିବି ବୋଲି ନିଜର ପ୍ରତିକ୍ରିୟା ଦେଇଛନ୍ତି ।

## ଛାତ୍ର ନିର୍ବାଚନକୁ ନେଇ ବାଲେଶ୍ୱର ସରଗରମ : ପ୍ରଚାର ମଇଦାନରେ ତିନି ସଂଗଠନ, ଏଫ୍ଏମ୍ କଲେଜରେ ବଢୁଛି ତାତି

ବାଲେଶ୍ୱର,(ନି.ପ୍ର.): ଦୀର୍ଘ ୮ ବର୍ଷ ପରେ ଛାତ୍ର ସଂସଦ ନିର୍ବାଚନ ହେବାକୁ ଯାଉଥିବାରୁ ବାଲେଶ୍ୱରର ପ୍ରମୁଖ କଲେଜଗୁଡ଼ିକରେ ନିର୍ବାଚନୀ ତାତି ବଢ଼ିବାରେ ଲାଗିଛି । ନିର୍ବାଚନ ଘୋଷଣା ପରେ କ୍ୟାମ୍ପସ୍‌ରେ ଛାତ୍ରଛାତ୍ରୀଙ୍କ ମେଳି ଜମୁଥିବା ବେଳେ ବିଭିନ୍ନ ଛାତ୍ର ସଂଗଠନ ପକ୍ଷରୁ ପ୍ରାର୍ଥୀ ଚୟନ ଓ ପ୍ରଚାର ପାଇଁ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଛି ।ବାଲେଶ୍ୱର ସହରର ଦୁଇ ପ୍ରମୁଖ ଶିକ୍ଷାନୁଷ୍ଠାନ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ (ଏଫ୍ଏମ୍) ଓ କୁନ୍ତଳା କୁମାରୀ ସାବତ ମହାବିଦ୍ୟାଳୟ (କେକେଏସ୍)ରେ ନିର୍ବାଚନ ହେଉଥିବା ବେଳେ ଏଫ୍ଏମ୍ କଲେଜରେ ନିର୍ବାଚନୀ ମାହୋଲ ଅଧିକ ସରଗରମ ହୋଇଛି । ଏଠାରେ ଏବିଭିପି, ବିସିଜେଡି ଓ ଏନ୍ ?ଏସ୍ ?ୟୁଆଇ ପକ୍ଷରୁ ପ୍ରାର୍ଥୀ ଚୟନ ନେଇ ଘନଘନ ବୈଠକ ଚାଲିଛି ।ଏବିଭିପି ଏଫ୍ଏମ୍ କଲେଜ ପାଇଁ ସମ୍ପୂର୍ଣ୍ଣ ପ୍ୟାନେଲ ଦେବାକୁ ଚୂଡ଼ାନ୍ତ



ପ୍ରସ୍ତୁତି ଚଳାଇଥିବା ବେଳେ ବିସିଜେଡି ମଧ ଟାଣୁଆ ପ୍ରାର୍ଥୀଙ୍କ ସନ୍ଧାନରେ ରହିଛି । ଏନ୍ ?ଏସ୍ ?ୟୁଆଇ ମଧ ପଛରେ ନାହିଁ । ବିଭିନ୍ନ ସଂଗଠନରୁ ସଭାପତି ଓ ସମ୍ପାଦକ ପଦ ପାଇଁ ଏକାଧିକ ଆଶାୟୀ ବାହାରୁଥିବାରୁ କାହାକୁ ପ୍ରାର୍ଥୀ କରାଯିବ ଏବଂ କିଏ କ୍ୟାମ୍ପସ୍‌ରେ ଛାତ୍ରଛାତ୍ରୀଙ୍କ ସମର୍ଥନ ହାସଲ କରିପାରିବ, ସେନେଇ ନେତୃବୃନ୍ଦଙ୍କ ମଧରେ ଆଲୋଚନା ଓ ପର୍ଯ୍ୟାଲୋଚନା ଜାରି ରହିଛି । ଛାତ୍ରଛାତ୍ରୀଙ୍କ ଭରସା ଜିତିବାକୁ ବିଭିନ୍ନ ସଂଗଠନ ଏବେଠାରୁ କଲେଜର ବିଭିନ୍ନ ସମସ୍ୟାକୁ ପ୍ରସଙ୍ଗ କରିବା ସହ ସମାଧାନ ପାଇଁ ନିଜ ନିଜ ପକ୍ଷରୁ ପଦକ୍ଷେପ ନେଉଛନ୍ତି । ଆଜି କ୍ୟାମ୍ପସ୍ ?ରେ ତିନି ସଂଗଠନ ପକ୍ଷରୁ ଜୋରଦାର ପ୍ରଚାର କରାଯାଇଥିଲା । ବ୍ୟାନର ଧରି ନାରାବାଜି କରିବା ସହ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରି କଲେଜର ପ୍ରମୁଖ ସମସ୍ୟା ଓ ନିର୍ବାଚିତ ହେଲେ ପ୍ରାଥମିକତା ଭିତିରେ ନିଆଯିବାକୁ ଥିବା ପଦକ୍ଷେପ ସମ୍ପର୍କରେ ମତ ରଖିଥିଲେ ।ଅନ୍ୟପକ୍ଷରେ, ନିର୍ବାଚନକୁ ନେଇ କଲେଜ କର୍ତୃପକ୍ଷ ମଧ ସତର୍କ ହୋଇଛନ୍ତି । କ୍ୟାମ୍ପସ୍ ?ରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ସହ ଅଣଛାତ୍ରଙ୍କ ପ୍ରବେଶ ରୋକିବା ଉପରେ ଗୁରୁତ୍ୱ ଦିଆଯାଉଛି ।ଏଫ୍ଏମ୍ କଲେଜ ଅଧକ୍ଷ ରଂଜନ କୁମାର ରାୟ କହିଛନ୍ତି, ଅକ୍ଟୋବର ୮ ତାରିଖ ସୁଦ୍ଧା ପ୍ରାର୍ଥୀମାନଙ୍କ ଉପସ୍ଥାନ ପ୍ରତିଶତ ଯାଂଚ କରାଯାଇ ପ୍ରକାଶ କରାଯିବ । ଶାନ୍ତିଶୃଙ୍ଖଳା ଦୃଷ୍ଟିରୁ ୯ ତାରିଖରୁ କଲେଜର ପଛ ଗେଟ୍ ବନ୍ଦ ରହିବ ଏବଂ କେବଳ ସାମ୍ନା ଗେଟ୍ ଖୋଲା ରହିବ । ଛାତ୍ରଛାତ୍ରୀଙ୍କୁ ଆଇ-କାର୍ଡ ଓ ଡ୍ରେସ୍ ?କୋଡ୍ ?କୁ ଗୁରୁତ୍ୱ ଦେବାକୁ କୁହାଯାଇଛି । ଏନେଇ ପୁଲିସ ପ୍ରଶାସନକୁ ମଧ ଅବଗତ କରାଯାଇଛି ।ଦୀର୍ଘ ବର୍ଷ ପରେ ନିର୍ବାଚନ ହେଉଥିବାରୁ କୌଣସି ଅପ୍ରୀତିକର ପରିସ୍ଥିତି ଯେପରି ନଘଟେ, ସେଥିପାଇଁ ଆବଶ୍ୟକ ସତର୍କତା ଅବଲମ୍ବନ କରାଯାଉଛି ।

ସମସ୍ତ ଛାତ୍ର ସଂଗଠନକୁ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ବୁଝାଯାଉଛି । ନିର୍ବାଚନ ପରିଚାଳନା ପାଇଁ ଅଧ୍ୟାପକ ଅଭିଜିତ ଦାସଙ୍କ ସମେତ ଅନ୍ୟ ଅଧ୍ୟାପକ-ଅଧ୍ୟାପିକାଙ୍କୁ ଦାୟିତ୍ୱ ଦିଆଯାଇଛି ।ସେହିପରି କେକେଏସ୍ କଲେଜ ଅଧକ୍ଷା ଝାନ୍ସୀ ଜେନା କହିଛନ୍ତି, ନିର୍ବାଚନ ପରିଚାଳନା ନେଇ ଆଜି ଏକ ବୈଠକ କରାଯାଇ ବିଭିନ୍ନ ଦାୟିତ୍ୱ ବଂଟନ କରାଯାଇଛି । ନିର୍ବାଚନ ପରିଚାଳନା ପାଇଁ ଅଧ୍ୟାପକ ସଂଜୟ ସ'ଙ୍କ ସମେତ ଅନ୍ୟ ଅଧ୍ୟାପକ-ଅଧ୍ୟାପିକାଙ୍କୁ ଦାୟିତ୍ୱ ଦିଆଯାଇଛି । ସୂଚନା ଅନୁଯାୟୀ, ଏଫ୍ ?ଏମ୍ କଲେଜରେ ପ୍ରାୟ ୪୮୦୦ ଛାତ୍ରଛାତ୍ରୀ ଏବଂ କେକେଏସ୍ କଲେଜରେ ୨୧୭୫ ଛାତ୍ରଛାତ୍ରୀ ମତଦାନ କରିବେ । ଦୀର୍ଘ ୮ ବର୍ଷ ପରେ ହେଉଥିବା ଏହି ଛାତ୍ର ନିର୍ବାଚନରେ ଦୁଇ ପ୍ରମୁଖ କଲେଜରେ କେଉଁ ସଂଗଠନ କ୍ୟାମ୍ପସ୍ ?ରେ ନିଜର ପ୍ରଭାବ ସ୍ଥାପନ କରିବ, ତାହା ଉପରେ ଏବେ ସମସ୍ତଙ୍କ ନଜର ।

## ‘ଆଜିକାଲି’ର ୪୦ତମ ସ୍ୱନକ୍ଷତ୍ର ଦିବସ ଅବସରରେ ପ୍ରକାଶକଙ୍କ ବାର୍ତ୍ତା



ସତ୍ୟ, ନିର୍ଭୀକ ଓ ନିରପେକ୍ଷ ସମ୍ବାଦର ପ୍ରତୀକ ‘ଆଜିକାଲି’ ଖବର କାଗଜର ୪୦ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଏହାର ପାଠକ-ପାଠିକା, ସାମ୍ବାଦିକ, କର୍ମଚାରୀ ତଥା ଶୁଭେଚ୍ଛୁମାନଙ୍କୁ ମୋର ଅନ୍ତରର ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରୁଛି ।

କିଶୋର ଦାସ
ପ୍ରକାଶକ, ଆଜିକାଲି

## ‘ଆଜିକାଲି’ର ୪୦ତମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ସମ୍ପାଦକଙ୍କ ବାର୍ତ୍ତା



‘ଆଜିକାଲି’ ଦୀର୍ଘ ଚାରି ଦଶନ୍ଧି ଧରି ନିରବଚ୍ଛିନ୍ନ ଭାବେ ନିର୍ଭୀକ, ନିରପେକ୍ଷ ତଥା ସତ୍ୟ ସମ୍ବାଦ ପରିବେଷଣ କରି ଆସୁଅଛି । ଏହି ଅବସରରେ ‘ଆଜିକାଲି’ର ପାଠକ-ପାଠିକା, ସମ୍ବାଦଦାତା, କର୍ମଚାରୀ, ଶୁଭେଚ୍ଛୁମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରୁଛି ।

ଇଂ. ନିର୍ମାଲ୍ୟ ମହାନ୍ତି
ସମ୍ପାଦକ, ଆଜିକାଲି

## ‘ଆଜିକାଲି’ର ୪୦ତମ ପ୍ରତିଷ୍ଠା ଦିବସ ଅବସରରେ ପରିଚ୍ଳନା ସମ୍ପାଦକଙ୍କ ବାର୍ତ୍ତା

‘ଆଜିକାଲି’ ସମ୍ବାଦପତ୍ର ୧୯୮୬ ମସିହାରେ ପ୍ରତିଷ୍ଠା ବେଳେ ମୁଁ କଲେଜରେ ପାଠ ପଢୁଥିଲି । ମୁଁ ବିସ୍ମୟ ଭାଇଙ୍କୁ କେତେ ଭଲ ପାଉଥିଲି ତାହା ଜାଣିନି କିନ୍ତୁ ତାଙ୍କର ଏତେ ଭଲ ପାଇବାକୁ ମୁଁ ମୃତ୍ୟୁ ପର୍ଯ୍ୟନ୍ତ ଭୁଲି ପାରିବି ନାହିଁ । ତାଙ୍କ ହାତ ତିଆରି ପ୍ରତ୍ୟେକ ଅନୁଷ୍ଠାନରେ ମୋ ପାଇଁ ସେ ସ୍ୱତନ୍ତ୍ର ଜାଗା ସୃଷ୍ଟି କରୁଥିଲେ । ତା ଭିତରେ ‘ଆଜିକାଲି’ ଅନ୍ୟତମ । ସେ ପ୍ରତିଷ୍ଠାତା ସମ୍ପାଦକ ଥିଲା ବେଳେ ମୋତେ ପରିଚାଳନା ସମ୍ପାଦକ ଦାୟିତ୍ୱ କାହଁକି ଦେଇଥିଲେ ଆଜି ତାହା ମୁଁ ହୃଦୟର ସହିତ ଅନୁଭବ କରୁଛି । ସେତେବେଳେ ତାଙ୍କର ମୋ ପ୍ରତି ଅଘୋଷିତ ଅନ୍ତର କଥା ମୁଁ ମର୍ମେ ମର୍ମେ ଅନୁଭବ କରୁଛି । ମୋର ତାଙ୍କ ଭିତରେ ଥିବା ସମ୍ପର୍କ ଅତୁଟ ଥିଲା ଓ ରହିବ ମଧ୍ୟ । ‘ଆଜିକାଲି’ ୪୦ ବର୍ଷ ପରେ ୪୧ ବର୍ଷରେ ପାଦ ଦେବାକୁ ଯାଉଛି । ମୋର ଆଶା ଓ ବିଶ୍ୱାସ ‘ଆଜିକାଲି’ ପାଇଁ ମୋତେ ଯେଉଁ ଗୁରୁ ଦାୟିତ୍ୱ ଦେଇ ଯାଇଛନ୍ତି ତାହାକୁ ଆଗେଇ ନେବାରେ ଭଗବାନ ସହାୟ ହୁଅନ୍ତୁ ।



ଲକ୍ଷ୍ମୀନାରାୟଣ ମହାନ୍ତି (ବାବୁ)
ପରିଚ୍ଳତା ସମ୍ପାଦକ, ଆଜିକାଲି



# ଆଜି ମହିଳା ଓ ଶିଶୁ ବିକାଶ ବିଭାଗୀୟ ସମ୍ମିଳନୀର ସମାପନୀ ଅଧିବେଶନରେ ଯୋଗଦେବେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ୯ ଅକ୍ଟୋବର ୨୦୨୬ ଅପରାହ୍ନ ପ୍ରାୟ ୪ଟା ୩୦ ମିନିଟ୍ରେ ନୂଆଦିଲ୍ଲୀସ୍ଥିତ ସୁଷମା ସ୍ୱରାଜ ଭବନଠାରେ ଆୟୋଜିତ ମହିଳା ଓ ଶିଶୁ ବିକାଶ ବିଭାଗୀୟ ସମ୍ମିଳନୀର ସମାପନୀ ଅଧିବେଶନରେ ଯୋଗଦେବେ । ଏହି ଅବସରରେ ସେ ଉପସ୍ଥିତ ଜନସମାବେଶକୁ ମଧ୍ୟ ସମ୍ବୋଧିତ କରିବେ । ୮ ଓ ୯ ଅକ୍ଟୋବର ୨୦୨୬ ରେ ଅନୁଷ୍ଠିତ ହେଉଥିବା ଏହି ଦୁଇ ଦିନିଆ ବିଭାଗୀୟ ସମ୍ମିଳନୀରେ ସମସ୍ତ ରାଜ୍ୟର ମହିଳା ଓ ଶିଶୁ ବିକାଶ କ୍ଷେତ୍ର ସହ ଜଡ଼ିତ ରାଜନୈତିକ ନେତୃତ୍ୱ ଏବଂ ଅଧିକାରୀମାନେ ଅଂଶଗ୍ରହଣ କରିବେ । ସହଯୋଗୀ ସଂଘୀୟ ବ୍ୟବସ୍ଥାକୁ ସୁଦୃଢ଼ କରିବା, ଜାତୀୟ ପ୍ରାଥମିକତା ପ୍ରତି ସାମୂହିକ ଦାୟିତ୍ୱବୋଧ ବୃଦ୍ଧି କରିବା ଏବଂ କେନ୍ଦ୍ର-ରାଜ୍ୟ ସହଯୋଗ ମାଧ୍ୟମରେ ଫଳାଫଳକୁ ତ୍ୱରାନ୍ୱିତ କରିବା ହେଉଛି ଏହାର ଲକ୍ଷ୍ୟ । ଏହି ଉଦ୍ଦେଶ୍ୟ ନେଇ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ବିଭାଗୀୟ ସମ୍ମିଳନୀଗୁଡ଼ିକର କ୍ରମରେ ଏହା ହେଉଛି ଦ୍ୱିତୀୟ ସମ୍ମିଳନୀ । ଏହି ସମ୍ମିଳନୀ ମୁଖ୍ୟତଃ ଚାରୋଟି ବିଷୟ ଉପରେ ଧ୍ୟାନ କେନ୍ଦ୍ରିତ କରିବ : ୧. ଉନ୍ନତ ପୁଷ୍ଟିସାଧନ ଏବଂ ପ୍ରାରମ୍ଭିକ ଶୈଶବ ଶିକ୍ଷା ପାଇଁ ଅଙ୍ଗନଓ୍ୱାଡ଼ି କେନ୍ଦ୍ରଗୁଡ଼ିକର ପୁନଃପରିକଳ୍ପନା । ୨. ଅସୁରକ୍ଷିତ ଶିଶୁମାନଙ୍କ ପାଇଁ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା । ୩. ସାଂସ୍ଥାନିକ ଓ ଆଇନଗତ ବ୍ୟବସ୍ଥାର ପ୍ରଭାବଶାଳୀ କାର୍ଯ୍ୟନ୍ୱୟନ ମାଧ୍ୟମରେ ମହିଳାଙ୍କ ସୁରକ୍ଷା ସୁନିଶ୍ଚିତ କରିବା । ୪. ପ୍ରମୁଖ ଯୋଜନାଗୁଡ଼ିକର କାର୍ଯ୍ୟକାରିତା ଓ ଫଳାଫଳରେ ଉନ୍ନତି ଆଣି ମହିଳାମାନଙ୍କୁ ସଶକ୍ତ କରିବା । ବିଭାଗୀୟ ସମ୍ମିଳନୀ ମଡେଲ୍ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଅଂଶୀଦାରମାନଙ୍କୁ କ୍ଷେତ୍ର-ନିର୍ଦ୍ଦିଷ୍ଟ ପ୍ରାଥମିକତା ଉପରେ ଆଲୋଚନା କରିବା ଉପରେ ପର୍ଯ୍ୟବସିତ । ଏହା ସହିତ ସର୍ବୋତ୍ତମ ଅଭ୍ୟାସ ବାଂଟିବା, କାର୍ଯ୍ୟାନ୍ୱୟନ ଆହ୍ୱାନର ମୁକାବିଲା କରିବା ଏବଂ ଉନ୍ନତ ଶାସନ ଏବଂ ସେବା ପ୍ରଦାନ ଲାଗି ସମୟସୀମାବଦ୍ଧ କାର୍ଯ୍ୟ ଉପରେ ସହମତ ହେବା ପାଇଁ ଏହା ଅଂଶୀଦାରମାନଙ୍କୁ ଏକତ୍ରିତ କରେ ।

# ସିଲଭର ଗାନ୍ଧୀଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ସ୍ୱଚ୍ଛ ଭାରତ ମିଶନର ବ୍ରାଣ୍ଡ ଆମ୍ବାସାଡର ଏବଂ ସିଲଭର ଗାନ୍ଧୀ ଭାବରେ ପ୍ରସିଦ୍ଧ ମୋହନ ମହାପାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଠାରେ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଜୀବନ ଓ ଦର୍ଶନକୁ ସମଗ୍ର ଦେଶରେ ବାରମ୍ବାର ପଦଯାତ୍ରା ମାଧ୍ୟମରେ ପ୍ରଚାର ଓ ପ୍ରସାର କରିଥିବାରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ, ଶ୍ରୀ ଗାନ୍ଧୀଙ୍କୁ ସମ୍ମାନିତ କରିଛନ୍ତି । ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଭୁବନେଶ୍ୱର ସ୍ଥିତ ରାଜ୍ୟ ଭାଜପା ମୁଖ୍ୟାଳୟ ପରିସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ୨୫ ବର୍ଷର ଗୌରବମୟ ସେବା ଯାତ୍ରାକୁ ସ୍ମରଣ କରି ଭାରତୀୟ ଜନତା ପାର୍ଟି ଦ୍ୱାରା ଆୟୋଜିତ ‘ବିକସିତ ଭାରତ ଅ୨୦୪୭’ ଶୀର୍ଷକ ପ୍ରଦର୍ଶନୀ ଅବସରରେ ଅନୁଷ୍ଠିତ ହୋଇଥିଲା । ଉପସ୍ଥିତ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ଭାଜପାର ରାଜ୍ୟ ସହ-ପ୍ରଭାରୀ ଡକ୍ଟର ସ୍ୱଦେଶ ସିଂହ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ ଏବଂ ସିଲଭର ଗାନ୍ଧୀଙ୍କର ସ୍ୱଚ୍ଛ ଭାରତ ଦଳର ସଦସ୍ୟମାନେ ଅନ୍ତର୍ଭୁକ୍ତ ଥିଲେ । ଏହି ପ୍ରଦର୍ଶନୀରେ ଶ୍ରୀ ମୋଦୀଙ୍କର ନିରବଚ୍ଛିନ୍ନ ୨୫ ବର୍ଷର ଜନସେବା, ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଏବଂ ରାଷ୍ଟ୍ର ନିର୍ମାଣରେ ଅନେକ ସଫଳ ଅଧ୍ୟାୟର ନିଚ୍ଛକ ଝଲକ ଦେଖିବାକୁ ମିଳିଥିଲା । ‘ବିକସିତ ଭାରତ ଅ୨୦୪୭’ କେବଳ ଏକ ଅଭିଯାନ ନୁହେଁ, ଏହା ସ୍ୱପ୍ନକୁ ସାକାର କରିବା, ସଙ୍କଳ୍ପ ପୂରଣ କରିବା ଏବଂ ୧୪୦



କୋଟି ଭାରତୀୟଙ୍କ ସାମୂହିକ ପ୍ରୟାସକୁ ସୁନିଶ୍ଚିତ କରିବାର ଏକ ଦୃଢ଼ ପ୍ରତିବଦ୍ଧତା । ସେବା, ସୁଶାସନ ଓ ଅସହାୟ ଜନସାଧାରଣଙ୍କୁ ସହାୟତା ପ୍ରଦାନ କରି ପ୍ରଧାନମନ୍ତ୍ରୀ ଯେଉଁ ସ୍ୱର୍ଣ୍ଣାଭ ଇତିହାସ ରଚନା କରିଛନ୍ତି, ତାହା ବିଶ୍ୱ ମଂଚରେ ଭାରତ ପାଇଁ ଏକ ନୂତନ ପରିଚୟ ସୃଷ୍ଟି କରିପାରିଛି । ସ୍ୱଚ୍ଛ ଭାରତ, ମା’ ପାଇଁ ଗଛ ଟିଏ ଲଗାଇବା ଏବଂ ପ୍ରତ୍ୟେକ ଭାରତୀୟଙ୍କ ଘରେ ତ୍ରିରଙ୍ଗା ଉତୋଳନ ,ଭଳି ପ୍ରଧାନମନ୍ତ୍ରୀ ମୋଦୀଙ୍କର ମହତ୍ୱପୂର୍ଣ୍ଣଆହ୍ୱାନ ଗୁଡ଼ିକୁ ଲୋକପ୍ରିୟ କରିବା ସିଲଭର ଗାନ୍ଧୀଙ୍କର ଦେଶସାରା ପଦଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ତାଙ୍କର ସମସ୍ତ ପଦଯାତ୍ରାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରି ସିଲଭର ଗାନ୍ଧୀ ନିଜକୁ ପ୍ରଧାନମନ୍ତ୍ରୀଙ୍କର ସବୁଠାରୁ ବଡ଼ ଭକ୍ତ ବୋଲି ଘୋଷଣା କରିଛନ୍ତି । ପ୍ରଥମେ ଗୁଜରାଟର କୁଶଳୀ ମୁଖ୍ୟମନ୍ତ୍ରୀ ଭାବେ ଏବଂ ପରେ ଭାରତର ଗର୍ବିତ ପ୍ରଧାନମନ୍ତ୍ରୀ ଭାବେ ଦେଶ ପାଇଁ ୨୫ ବର୍ଷର ସମର୍ପିତ ସେବା ସମାପ୍ତି ଉପଲକ୍ଷେ ମୋଦୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇ “ପ୍ରଧାନମନ୍ତ୍ରୀ ମୋଦୀଙ୍କର ନିଃସ୍ୱାର୍ଥପର ସେବା, ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ, ରାଷ୍ଟ୍ର ନିର୍ମାଣ ପାଇଁ ଅବିରତ ପ୍ରୟାସ ଏବଂ ଭାରତର ବୈଶ୍ୱିକ ମର୍ଯ୍ୟାଦା ବୃଦ୍ଧି ପାଇଁ ଅଟଳ ଦୃଢ଼ତା ଯୋଗୁଁ ସମଗ୍ର ଦେଶ ତାଙ୍କ ନିକଟରେ କୃତଜ୍ଞ ବୋଲି ସିଲଭର ଗାନ୍ଧୀ ଏକ ବିବୃତିରେ ସୂଚାଇଛନ୍ତି ।”

# ଓଏସ୍‌ପିସିବିର ୧୩୫ତମ ବୋର୍ଡ଼ ବୈଠକରେ ଅଧ୍ୟକ୍ଷତା କଲେ ମୁଖ୍ୟ ଶାସନ ସଚିବ



ଭୁବନେଶ୍ୱର : ପରିବେଶ ସୁରକ୍ଷା ଓ ପ୍ରଦୂଷଣ ନିୟନ୍ତ୍ରଣକୁ ପ୍ରଯୁକ୍ତିନିର୍ଭର ଓ ଜନକୈନ୍ଦ୍ରିକ କରିବା ଦିଗରେ ଲୋକସେବା ଭବନର ସମ୍ମିଳନୀ କକ୍ଷରେ ଗୁରୁବାର ମୁଖ୍ୟ ଶାସନ ସଚିବଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଓଏସ୍‌ପିସିବିର ୧୩୫ତମ ବୋର୍ଡ ବୈଠକଅନୁଷ୍ଠିତ ହୋଇଥିଲା । ବୈଠକରେ ସଦସ୍ୟ ସଚିବ ଡ. ମନୋଜ ଭି. ନାୟର, ଆଇଏଫ୍‌ଏସ୍‌ଙ୍କ ସମେତ ବୋର୍ଡର ସଦସ୍ୟ ଓ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ । ବୈଠକରେ ଓଏସ୍‌ପିସିବିର ପ୍ରତିଷ୍ଠାନଗତ ଓ ବୈଷୟିକ କ୍ଷମତା ବୃଦ୍ଧି, ପରୀକ୍ଷାଗାର ବ୍ୟବସ୍ଥାର ଆଧୁନିକୀକରଣ, ଗବେଷଣା ପ୍ରକଳ୍ପ ଏବଂ ଉପକୂଳ ପରିବେଶ ନିରୀକ୍ଷଣକୁ ସୁଦୃଢ଼ କରିବା ନେଇ ଆଲୋଚନା ହୋଇଥିଲା । ପାରାଦୀପସ୍ଥିତଉପକୂଳ ପରିବେଶ ନିରୀକ୍ଷଣର ନୋଡାଲ୍ ସେଂଟର( ସିଏମ୍‌ସିଇ)କୁ ଉପକୂଳୀୟ ପରିବେଶ ନିରୀକ୍ଷଣ ଓ ବିଶ୍ଳେଷଣ ପାଇଁ ନୋଡାଲ୍ ସେଂଟର ଅଫ୍ ଏକ୍ସଲେନ୍ସଭାବେ ବିକଶିତ କରିବା ପ୍ରସ୍ତାବ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା ।ମୁଖ୍ୟ ଶାସନ ସଚିବ କହିଥିଲେ ଯେ, “ପାରାଦୀପର ଏହି କେନ୍ଦ୍ର କେବଳ ଏକ ପରୀକ୍ଷାଗାର ନହୋଇ ଉପକୂଳ ପରିବେଶ ସୁରକ୍ଷା ପାଇଁ ବିଜ୍ଞାନ, ତଥ୍ୟ ଓ ପ୍ରଯୁକ୍ତିର ସମନ୍ୱିତ କେନ୍ଦ୍ର ଭାବେ ବିକଶିତ ହେବା ଆବଶ୍ୟକ ।” ରାଜ୍ୟର ପରିବେଶ ପର୍ଯ୍ୟବେକ୍ଷଣ ଭିତିଭୂମିକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ କଟକ, ଝାରସୁଗୁଡ଼ା, କୋରାପୁଟ, କଳିଙ୍ଗନଗର, ଭୁବନେଶ୍ୱର, କେନ୍ଦୁଝରଓ ସମ୍ବଲପୁର ଠାରେ ନିଜସ୍ୱ ଆ*ଳିକ କାର୍ଯ୍ୟାଳୟ ଭବନ ନିର୍ମାଣଏବଂ ପଟିଆ ସ୍ଥିତ ପରୀକ୍ଷାଗାରର ଆଧୁନିକୀକରଣ ସମ୍ପର୍କିତ ପ୍ରସ୍ତାବ ଗୁଡ଼ିକ ଉପରେ ଆଲୋଚନା କରା ଯାଇଥିଲା ।ଶ୍ରୀମତୀ ଗର୍ଗ ନୂତନ ଭିତିଭୂମିରେ ସବୁଜ ଭବନ, ବର୍ଷା ଜଳ ସଂରକ୍ଷଣ, ସୌର ଶକ୍ତିର ବ୍ୟବହାର ଏବଂ ଜିଆ ଖତ ପ୍ରସ୍ତୁତି ବ୍ୟବସ୍ଥାକୁ ପ୍ରାଥମିକତା ଦେବା ଉପରେ ମଧ୍ୟଗୁରୁତ୍ୱାରୋପ କରିଥିଲେ ।ଏହା ସହିତ ବ୍ୟାଖ୍ୟା ଓ ସୂଚନା କେନ୍ଦ୍ର ସ୍ଥାପନ ଓ କାର୍ଯ୍ୟକ୍ଷମକରିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା ।












Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚ୍ଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**